# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୨୨/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 22/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 90 | ମୂଲ୍ୟ ₹୭/-




**କଙ୍ଗନାଙ୍କ ସହ ବନ୍ଧୁତା ଲାଗି ପ୍ରସ୍ତୁତ**

କଙ୍ଗନା ରାଣାଓ୍ୱତଙ୍କ ସହ ତିକ୍ତତାକୁ ଭୁଲି ଏବେ ବନ୍ଧୁତା ଲାଗି ହାତ ବଢ଼ାଇବାକୁ ପ୍ରସ୍ତୁତ ବୋଲି କହିଛନ୍ତି ତାପସୀ ପନ୍ନୁ। ୧୧

୧୪ **ମନ୍ଧାନା ପ୍ଲେୟର ଅଫ୍ ଦି ମ୍ୟାଚ୍**

ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ମହିଳା ଟି୨୦ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା।






ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ଏଆଇ ଇମ୍ପାକ୍ଟ ସମିଟ୍‌ରେ ଶୁକ୍ରବାର ଯୁବ କଂଗ୍ରେସ କର୍ମୀଙ୍କ ଶାର୍ଟ ଖୋଲା ବିରୋଧ ପ୍ରଦର୍ଶନକୁ ନିନ୍ଦାକରି ଶନିବାର ଆକବର ରୋଡ୍‌ସ୍ଥିତ ଜାତୀୟ କଂଗ୍ରେସ ମୁଖ୍ୟାଳୟ ସମ୍ମୁଖରେ ଭାଜପା କର୍ମୀ ବିକ୍ଷୋଭ କରୁଛନ୍ତି।

## ୫ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ଟପିଲା

**ଭୁବନେଶ୍ୱର, ୨୧।୨**
**(ବନ୍ଦନା ସେଠୀ)**

ରାଜ୍ୟରେ ଦିନ ତାପମାତ୍ରା ଧୀରେ ଧୀରେ ବୃଦ୍ଧି ପାଉଛି। ଆଞ୍ଚଳିକ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ୫ଟି ସ୍ଥାନରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ଓ ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୬.୨ ଡିଗ୍ରୀ ରହିଥିବାବେଳେ ଟିଟିଲାଗଡ଼ରେ ୩୫.୫ ଡିଗ୍ରୀ, ଭୁବନେଶ୍ୱରରେ ୩୫.୪ ଡିଗ୍ରୀ, ଝାରସୁଗୁଡ଼ାରେ ୩୫.୪ ଡିଗ୍ରୀ ଏବଂ ଭବାନୀପାଟଣାରେ ୩୫ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୨/୩ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ରାଜ୍ୟରେ କେବଳ ଗୋଟିଏ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୯.୬ ଡିଗ୍ରୀ ଥିବାବେଳେ ସେମିଳିଗୁଡ଼ାରେ ୧୧.୮ ଡିଗ୍ରୀ, ସମତଳ ଅଞ୍ଚଳ ଭାବେ ଫୁଲବାଣୀ ୧୩.୫ ଡିଗ୍ରୀ ରେକର୍ଡ ହୋଇଥିଲା। ☞ପୃଷ୍ଠା-୪

# ଖାମେନେଇଙ୍କୁ ହତ୍ୟା କରିପାରେ ଆମେରିକା

**ୱାଶିଂଟନ୍, ୨୧।୨**



ଆୟାତୋଲ୍ଲା ଅଲୀ ଖାମେନେଇ

ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲ୍ଲା ଅଲୀ ଖାମେନେଇ ଏବଂ ତାଙ୍କ ପୁଅ ମୋଜତାବାଙ୍କୁ ହତ୍ୟା କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୋଜନା ଚଳାଇଛନ୍ତି। ଇରାନର କ୍ଷେପଣାସ୍ତ୍ର ଓ ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ଲାଗି ଆସିଥିବା ବିବାଦର ସମାଧାନ ଲାଗି କୂଟନୈତିକ ସ୍ତରରେ ଉଦ୍ୟମ ଅବ୍ୟାହତ ରହିଥିଲେ ମଧ୍ୟ ଟ୍ରମ୍ପ ଏଭଳି ଯୋଜନାକୁ ନେଇ ଆଗକୁ ପଦକ୍ଷେପ ନେଇପାରନ୍ତି ବୋଲି କୁହାଯାଉଛି। ଖାମେନେଇଙ୍କୁ ହତ୍ୟା କରିବାକୁ ପେଣ୍ଟାଗନ୍ ପକ୍ଷରୁ ପ୍ରସ୍ତୁତ ହୋଇଥିବା ରିପୋର୍ଟକୁ ଟ୍ରମ୍ପଙ୍କୁ ଦିଆଯାଇଛି। ସେ ଏହାର ତର୍ଜମା କରି ଯେକୌଣସି ନିଷ୍ପତ୍ତି ନେଇପାରନ୍ତି ବୋଲି ଆମେରିକାର ଡିଜିଟାଲ ନ୍ୟୁଜ୍ ସଂସ୍ଥା ଆକ୍ସିଅସ୍ ପକ୍ଷରୁ କୁହାଯାଇଛି। ଏହାଛଡ଼ା ଦ୍ୱିତୀୟ ବିକଳ୍ପ ଭାବେ ରାଷ୍ଟ୍ରପତି ଟ୍ରମ୍ପ ଖାମେନେଇଙ୍କୁ କ୍ଷମତାଚ୍ୟୁତ କରିବା ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

ଗୁଜରାଟ ମଡେଲର ସ୍ଥିତି

# ଓଡ଼ିଶାର ୧୨ ଜିଲାରେ ବାଲ୍ୟବିବାହ ସର୍ବାଧିକ

**ଓଡ଼ିଶାର ବାଲ୍ୟବିବାହ ସ୍ଥିତିକୁ ନେଇ ଏକ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ରାଜ୍ୟର ୧୨ ଜିଲାରେ ବାଲ୍ୟବିବାହ ହାର ଜାତୀୟ ହାରଠାରୁ ଅଧିକ ରହିବା ସାମାଜିକ ବିକାଶ ଦିଗରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦାରିଦ୍ର୍ୟ, ପାରମ୍ପରିକ କୁସଂସ୍କାର, ଲିଙ୍ଗଗତ ବୈଷମ୍ୟ, ସାମାଜିକ ଅସୁରକ୍ଷା, ପ୍ରବାସ ଏବଂ ଶିକ୍ଷାର ଅଭାବ ଯୋଗୁ ଆଜି ବି ଅନେକ କନ୍ୟାସନ୍ତାନ ନିଜ ଶୈଶବ ହରାଉଛନ୍ତି। ଏହା କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ବହୁ ହଜାର କୋମଳମତି ଶିଶୁଙ୍କ ସ୍ୱପ୍ନର ମୃତ୍ୟୁ। ଯେଉଁ ହାତରେ ବହିକଲମ ରହିବା କଥା, ସେହି ହାତରେ ସଂସାରର ଜଞ୍ଜାଳ ଲଦିଦିଆଯାଉଛି। ଏହି ସ୍ଥିତିରେ ତୁରନ୍ତ ସୁଧାର ଆଣିବା ପାଇଁ ସରକାରୀ କଳ, ବ୍ୟକ୍ତିବିଶେଷ ଓ ସାମାଜିକ ସଂଗଠନ ଦ୍ୱାରା ସାମୂହିକ ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି। ଝିଅମାନଙ୍କୁ ବୋଝ ନୁହେଁ, ବରଂ ସମ୍ପତ୍ତି ଭାବେ ଗ୍ରହଣ କରିବାର ସମୟ ଆସିଛି। ଏଥିପାଇଁ କେବଳ ଆଇନ କିମ୍ବା ସରକାରୀ ଯୋଜନା ପର୍ଯ୍ୟାପ୍ତ ହେବନାହିଁ, ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ଅଣାଯିବା ଏବକାର ଆବଶ୍ୟକତା ଓ ଆହ୍ୱାନ।**

## ଜାତୀୟ ହାର ପଛରେ ପଡ଼ିଲା

**ଭୁବନେଶ୍ୱର, ୨୧।୨**
**(ରବିନାରାୟଣ ଜେନା)**

ରାଜ୍ୟରେ ବାଲ୍ୟବିବାହ ହାର କମୁଥିବାବେଳେ ୧୨ ଜିଲାରେ ଜାତୀୟ ହାରଠାରୁ ଅଧିକ ରହିଛି। ସେଥିମଧ୍ୟରେ ନବରଙ୍ଗପୁରରେ ସର୍ବାଧିକ ୩୯.୪% ରହିଛି। ଏହାପଛକୁ ନୟାଗଡ଼ (୩୫.୭%), କୋରାପୁଟ (୩୫.୫%), ମାଲକାନଗିରି (୩୨.୪%), ରାୟଗଡ଼ାରେ (୩୩.୨%) ଓ ମୟୂରଭଞ୍ଜ (୩୧.୩%) ରହିଛି। ଭାଜପା ବିଧାୟକ ଅମର କୁମାର ନାୟକଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ବିଧାନସଭାରେ ଏହିସୂଚନା ଦେଇଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(ଏନ୍‌ଏଫ୍‌ଏଚ୍‌ଏସ୍)-୫ ରିପୋର୍ଟ ଅନୁସାରେ ଭାରତରେ ବାଲ୍ୟବିବାହର ଜାତୀୟ ହାର ୨୩.୩% ରହିଥିବାବେଳେ ଓଡ଼ିଶାର ହାର ୨୦.୫% ରହିଛି। କିନ୍ତୁ ଉପରୋକ୍ତ ୬ ଜିଲା ସମେତ କେନ୍ଦୁଝର (୨୯%), ଗଜପତି (୨୮.୧%), ବାଲେଶ୍ୱର (୨୬.୪%), ବୌଦ୍ଧ (୨୫.୩%), ଅନୁଗୋଳରେ (୨୫%) ଓ ଢେଙ୍କାନାଳରେ (୨୩.୭%) ବାଲ୍ୟବିବାହ ହାର ଜାତୀୟ ହାରଠାରୁ ଅଧିକ ରହିଥିବା ଉପମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

ପ୍ରଭାତୀଙ୍କ ତଥ୍ୟ ଅନୁଯାୟୀ, ବାଲ୍ୟବିବାହକୁ ରୋକିବା ପାଇଁ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ପଞ୍ଚାୟତ ସ୍ତରୀୟ ଟାସ୍କଫୋର୍ସ କମିଟି ମାଧ୍ୟମରେ ତ୍ରୈମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ପ୍ରତି ଅଙ୍ଗନଓ୍ୱାଡି କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ପ୍ରତି ୩ ମାସରେ ବ୍ଲକ, ଗ୍ରାମ ପଞ୍ଚାୟତସ୍ତରରେ ସଚେତନତା ସଭା କରାଯାଉଛି ଏବଂ ଏହି ବିଷୟରେ ମଧ୍ୟ ପୋଲିସର ସାହାଯ୍ୟ ନିଆଯାଉଛି। ଅକ୍ଷୟତୃତୀୟାରେ ବାଲ୍ୟବିବାହକୁ ରୋକିବା ପାଇଁ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଓଡ଼ିଶାରେ ବାଲ୍ୟବିବାହ ନିରୋଧ ଅଧିନିୟମ, ୨୦୦୬ ଲାଗୁ କରାଯାଇଛି। ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ/ ଉଚ୍ଚଶିକ୍ଷା ବିଭାଗର ସମସ୍ତ ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକମାନଙ୍କୁ ବାଲ୍ୟବିବାହ ସୂଚନା ଅଧିକାରୀ ଭାବରେ ସୂଚିତ କରାଯାଇଛି। ପ୍ରତି ୬ ମାସରେ ଥରେ ବାଲ୍ୟବିବାହ ରୋକିବା ପାଇଁ ରାଜ୍ୟସ୍ତରରେ ପିସିଏମ୍ଏ କମିଟି ବୈଠକ କରାଯାଇଛି। କିଶୋରୀମାନଙ୍କୁ ସଶକ୍ତ କରିବା ପାଇଁ 'ଅଦ୍ୱିକା' ପରି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ପ୍ରଭାତୀ କହିଛନ୍ତି।

# ୪୪ ବ୍ଲକରେ ଷ୍ଟାଡିୟମ ପାଇଁ ଜମି ମିଳୁନି

**ଯାଜପୁର, ୨୧।୨**
**(ହର୍ଷବର୍ଦ୍ଧନ ବେହେରା)**

ଜାତୀୟ ଶିକ୍ଷା ନୀତି ଅନୁସାରେ କୌଣସି ପିଲା ପାଠପଢ଼ାରୁ ବଞ୍ଚିତ ରହିବେ ନାହିଁ ବୋଲି ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି। ଏହାସହ ବିଭିନ୍ନ କ୍ରୀଡ଼ା, ଅଭିନୟ, ସଙ୍ଗୀତ, ରାଜନୀତି, କୃଷି ଇତ୍ୟାଦି କ୍ଷେତ୍ରରେ ଆଗ୍ରହ ରଖୁଥିବା ପିଲାମାନଙ୍କୁ ସ୍ୱତନ୍ତ୍ର ଶିକ୍ଷା ଦିଆଯିବ। ଏହିକ୍ରମରେ ରାଜ୍ୟ ସରକାର କ୍ରୀଡ଼ାର ବିକାଶ ପାଇଁ ରାଜ୍ୟର ସମସ୍ତ ୩୧୪ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଷ୍ଟାଡିୟମରେ ଫୁଟବଲ, କ୍ରିକେଟ, ଥ୍ରୋ ଓ ଜମ୍ପ ଏରିଆ, ଭଲିବଲ, ଖୋଖୋ, କବାଡି କୋର୍ଟ, ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ ଇତ୍ୟାଦି ପାଇଁ ବ୍ୟବସ୍ଥା ହେବ। ପ୍ରତ୍ୟେକ ଷ୍ଟାଡିୟମ ପାଇଁ ୧୦ରୁ ୧୨ ଏକର ଜମିର ଆବଶ୍ୟକତା ରହିଥିବା ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହିସବୁ ଷ୍ଟାଡିୟମ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ନିର୍ମାଣ କରାଯିବ ବୋଲି ସ୍ଥିର ହୋଇଥିବାବେଳେ ଏଯାଏ ୪୪ଟି ଷ୍ଟାଡିୟମ ପାଇଁ ଉପଯୁକ୍ତ ଜମି ଚିହ୍ନଟ ହୋଇପାରିନାହିଁ। ସେଥିରୁ ଯାଜପୁର ଜିଲାର ବରୀ, ସୁକିନ୍ଦା ଓ ଦଶରଥପୁର ବ୍ଲକ ଷ୍ଟାଡିୟମ ପାଇଁ ଉପଯୁକ୍ତ ଜମି ମିଳିନି। ଏଥିପାଇଁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ତହସିଲଦାରମାନଙ୍କୁ ଉପଯୁକ୍ତ ଜମି ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି।

ଯାଜପୁର ଜିଲାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୨୭ ସରକାରୀ ସ୍କୁଲ ରହିଛି। ହେଲେ ସେଥିରୁ ୧୦୬୨ ସ୍କୁଲରେ ଖେଳ ପଡ଼ିଆ ନାହିଁ। ସେହିପରି ୪୨୨ ହାଇସ୍କୁଲ(୯ମ ଓ ୧୦ମ ଶ୍ରେଣୀ) ରହିଥିବାବେଳେ ସେଥିରୁ ୨୬୫ ହାଇସ୍କୁଲର ଛାତ୍ରୀଛାତ୍ର ପଡ଼ିଆ ଖେଳରୁ ବଞ୍ଚିତ ରହିଛନ୍ତି। ପ୍ରାଥମିକ ଶିକ୍ଷାରେ ପିଲାଙ୍କୁ ଶାରୀରିକ ବିକାଶ ଲକ୍ଷ୍ୟ ରଖି କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଉଥିଲେ ହେଁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ସ୍କୁଲରେ ୬୮% ଖେଳପଡ଼ିଆ ନ ଥିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ଏନେଇ ଆଶିଷ ଖଇତାନ ନାମକ ଜଣେ ବ୍ୟକ୍ତି ୨୦୧୯ରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲା ଉପରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ତତ୍କାଳୀନ ଯୁଗ୍ମ ସଚିବ ନିବେଦିତା ମିଶ୍ର ଉପଯୁକ୍ତ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏବଂ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ ଉପରୋକ୍ତ ସମସ୍ୟାର ସମାଧାନ ହୋଇପାରିନାହିଁ। ବରଂ କେତେକ ସ୍କୁଲରେ ଥିବା ଖେଳପଡ଼ିଆ ଜବରଦଖଲକାରୀଙ୍କ କବଜାକୁ ଚାଲିଯାଉଥିବା ଦେଖିବାକୁ ମିଳିଛି। ଏଥିପାଇଁ ଖେଳ ପଡ଼ିଆର ବିକାଶ ବଦଳରେ ଖୋଲା ପାଇଖାନା ପାଲଟିଛି। ଦୀର୍ଘ ବର୍ଷ ହେଲା ସମ୍ପୃକ୍ତ ଅଧିକାରୀଙ୍କ ଅବହେଳା ଓ ଆନ୍ତରିକତାର ଅଭାବ ଯୋଗୁ ଅନୁରୂପ ଭାବେ ଏବେ ବ୍ଲକସ୍ତରୀୟ ଷ୍ଟାଡିୟମ ପାଇଁ ଜମି ମିଳୁ ନ ଥିବା ଜଣାପଡ଼ିଛି। ରାଜ୍ୟ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଭଦ୍ରକ ଜିଲାର ତିହିଡି ଓ ଚାନ୍ଦବାଲି, ଜଗତ୍‌ସିଂହପୁର ଜିଲାର ଏରସମା, ☞ପୃଷ୍ଠା-୪





ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌କୁ ଭଣ୍ଡୁର କରିବା ପାଇଁ ଯୁବକଂଗ୍ରେସ କର୍ମୀମାନେ ଶାର୍ଟ ଖୋଲି ବିକ୍ଷୋଭ କରିବା ପ୍ରତିବାଦରେ ପାଟନାରେ ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ଶନିବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

# ବିକ୍ଷୋଭକାରୀ ୪ କଂଗ୍ରେସ କର୍ମୀ ଜେଲ ଗଲେ

## ନେପାଳ ଭଳି ଆନ୍ଦୋଳନ କରିଥିଲେ: ଦିଲ୍ଲୀ ପୋଲିସ

ନୂଆଦିଲ୍ଲୀ,୨୧।୨

ଏଆଇ ସମିଟ୍ ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପଠାରେ ଶାର୍ଟ ଖୋଲି ବିକ୍ଷୋଭ କରିଥିବା ୪ ଜଣ ଯୁବକଂଗ୍ରେସ କର୍ମୀଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ୫ ଦିନ ପାଇଁ ପୋଲିସ ହାଜତକୁ ପଠାଇଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେବା ପାଇଁ ଦିଲ୍ଲୀ ପୋଲିସ କୋର୍ଟଙ୍କୁ ନିବେଦନ କରିଥିଲା। ନେପାଳରେ ପୂର୍ବରୁ ହୋଇଥିବା ଜେନ୍ ଜି ଆନ୍ଦୋଳନ ଦ୍ୱାରା ଅନୁପ୍ରାଣିତ ହୋଇ ଯୁବକଂଗ୍ରେସ କର୍ମୀମାନେ ସେହିଭଳି ବିକ୍ଷୋଭ ଯୋଜନା କରିଥିଲେ। ଦେଶକୁ ଅନ୍ତର୍ଜାତୀୟ ସ୍ତରରେ ବଦନାମ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ଥିଲା ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ବିରୋଧରେ ବିକ୍ଷୋଭ କଲାବେଳେ ରାଷ୍ଟ୍ର ବିରୋଧୀ ସ୍ଲୋଗାନ ଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବାର୍ତ୍ତା ଲେଖାଥିବା ଟି-ଶାର୍ଟ ପିନ୍ଧିଥିଲେ ବୋଲି ସରକାରୀ ଓକିଲ ଅଦାଲତଙ୍କୁ ଜଣାଇଛନ୍ତି। ଅନ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେଣୁ ଉପଯୁକ୍ତ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ହାଜତକୁ ନିଆଯିବା ଆବଶ୍ୟକ। ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ଜବତ କରି ସେମାନେ ବାହାରୁ ପାଣ୍ଠି ପାଉଥିଲେ କି ନାହିଁ ଯାଞ୍ଚ କରାଯିବା ଜରୁରୀ ବୋଲି ଓକିଲ କହିଛନ୍ତି।

# ସ୍ୱଦେଶୀ ଟିଟାନସ୍, ଡିପ୍‌ଥେରିଆ ଟିକା ଲଞ୍ଚ୍ ହେଲା

ନୂଆଦିଲ୍ଲୀ,୨୧।୨(ପି.ଟି.)

ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଟିଟାନସ୍ ଏବଂ ବୟସ୍କଙ୍କ ପାଇଁ ଡିପ୍‌ଥେରିଆ ଟିକାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଶନିବାର ହିମାଚଳପ୍ରଦେଶର କସୌଲିସ୍ଥିତ ସେଣ୍ଟ୍ରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଶୁଭାରମ୍ଭ କରିଛନ୍ତି। ଏଣିକି ସାର୍ବଜନିକ ଟିକାକରଣ କାର୍ଯ୍ୟକ୍ରମ(ୟୁଆଇପି)ରେ ଡିପ୍‌ଥେରିଆ ଟିକାକୁ ସାମିଲ କରାଯିବ। ଏପ୍ରିଲ ସୁଦ୍ଧା ୟୁଆଇପିକୁ ସେଣ୍ଟ୍ରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ୫୫ ଲକ୍ଷ ଡୋଜ୍ ଯୋଗାଇଦେବ। କେନ୍ଦ୍ର ସରକାରଙ୍କ ଟିକାକରଣ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ପାଇଁ ଆଗାମୀ ଦିନରେ ଅଧିକ ପରିମାଣରେ ଟିକା ପ୍ରସ୍ତୁତ କରାଯିବ ବୋଲି ନଡ୍ଡା କହିଛନ୍ତି। ଡିପ୍‌ଥେରିଆ ଟିକା ଲଞ୍ଚ୍ ହେବା ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ଅବସର ବୋଲି ସେ କହିବା ସହ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ, ବୈଷୟିକ ବିଶେଷଜ୍ଞ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିବାହ ପଞ୍ଜୀକରଣ ପୂର୍ବରୁ ମା'ବାପାଙ୍କୁ ଜଣାଇବେ ପିଲା

## ବିବାହ ନିୟମରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଆଣିଲା ଗୁଜରାଟ

ଗାନ୍ଧୀନଗର,୨୧।୨

ବିବାହ ପଞ୍ଜୀକରଣ ପୂର୍ବରୁ ଦମ୍ପତି ସେମାନଙ୍କ ମା'ବାପାଙ୍କୁ ଜଣାଇବା ବାଧ୍ୟତାମୂଳକ ହେବ। ଗୁଜରାଟର ଭାଜପା ସରକାର ବିବାହ ପଞ୍ଜୀକରଣ ନିୟମାବଳୀରେ ସଂଶୋଧନ ପାଇଁ ବିଧାନସଭାରେ ଶୁକ୍ରବାର ପ୍ରସ୍ତାବ ଆଣିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏହାକୁ ସ୍ୱାଗତ କରିଥିବାବେଳେ କଂଗ୍ରେସ ନୀରବତା ଅବଲମ୍ବନ କରିଛି। ତେବେ ଏଭଳି ବ୍ୟବସ୍ଥା ସମ୍ବିଧାନର ଉଲ୍ଲଂଘନ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଚିଠା ନିୟମାବଳୀ ଅନୁଯାୟୀ, ବିବାହ ପଞ୍ଜୀକରଣ ଚାହୁଁଥିବା ଯୋଡ଼ି ସେମାନଙ୍କ ମା'ବାପାଙ୍କୁ ଜଣାଇଥିବା ନେଇ ଏକ ଲିଖିତ ପ୍ରତିଶ୍ରୁତି ଦାଖଲ କରିବେ। ସହକାରୀ ପଞ୍ଜିକାର ଉଭୟ ବର ଓ କନ୍ୟାଙ୍କ ମା'ବାପାଙ୍କୁ ଏ ସମ୍ପର୍କରେ ହ୍ୱାଟ୍ସଆପ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ମାଧ୍ୟମ ଜରିଆରେ କିମ୍ବା ପତ୍ର ଦ୍ୱାରା ଜଣାଇବେ। ଯାଞ୍ଚର ୩୦ ଦିନ ମଧ୍ୟରେ ପଞ୍ଜୀକରଣକୁ ଅନୁମୋଦନ କରାଯାଇ ସରକାରୀ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ। ପ୍ରେମ ବିବାହକୁ ବିରୋଧ କରିବାର କିଛି ନାହିଁ କିନ୍ତୁ ପାରସ୍ପରିକ ସହମତି ନାଁରେ ପ୍ରତାରଣାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘଭି ପ୍ରସ୍ତାବ ଆଗତ କରିବା ଅବସରରେ କହିଛନ୍ତି।

# ଏଆଇ ଘୋଷଣାନାମାକୁ ୮୮ ଦେଶର ସମର୍ଥନ

ନୂଆଦିଲ୍ଲୀ,୨୧।୨(ପି.ଟି.)

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ଉପରେ ଦିଲ୍ଲୀ ଘୋଷଣାନାମା ଶନିବାର ଗୃହୀତ ହେବା ସହ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ଉଦ୍‌ଯାପିତ ହୋଇଛି। ଆମେରିକା, ବ୍ରିଟେନ୍, ଚାଇନା ଏବଂ ଫ୍ରାନ୍ସ ସମେତ ୮୮ଟି ଦେଶ ଏବଂ ଅନ୍ତର୍ଜାତୀୟ ସଂଗଠନ ଉକ୍ତ ଘୋଷଣାନାମାକୁ ସମର୍ଥନ କରିଛନ୍ତି। ଅନ୍ୟ ସମର୍ଥନକାରୀ ରାଷ୍ଟ୍ର ମଧ୍ୟରେ ଅଛନ୍ତି ରୁଷିଆ, ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ଭୁଟାନ, ବ୍ରାଜିଲ, କାନାଡା, ଡେନ୍‌ମାର୍କ, ଇଷ୍ଟୋନିଆ, ଇଥିଓପିଆ, ଜାପାନ, ଇଟାଲୀ, ଇସ୍ରାଏଲ୍, ଆୟରଲାଣ୍ଡ, ଇଣ୍ଡୋନେସିଆ, ଇରାନ, ହଙ୍ଗେରୀ, ଗ୍ରୀସ୍, ଜର୍ମାନୀ, ଫିନ୍‌ଲାଣ୍ଡ, ମେକ୍ସିକୋ, ମ୍ୟାନ୍‌ମାର,




ନେପାଳ, ନେଦରଲାଣ୍ଡସ୍, ନ୍ୟୁଜିଲାଣ୍ଡ, ନରୱେ, ଓମାନ, ଫିଲିପାଇନ୍ସ, ପେରୁ, ରୋମାନିଆ, ରୱାଣ୍ଡା, ସେନେଗାଲ, ସିଙ୍ଗାପୁର, ଦକ୍ଷିଣ କୋରିଆ, ସ୍ପେନ୍, ଶ୍ରୀଲଙ୍କା, ସୁଇଡେନ୍, ସୁଇଜରଲାଣ୍ଡ, ତାଞ୍ଜାନିଆ, ୟୁଏଇ, ୟୁକ୍ରେନ୍, ୟୁରୋପୀୟ ସଂଘ ଏବଂ ଆଇଏଫ୍‌ଏଡି।

କୃତ୍ରିମ ବୁଦ୍ଧିମତ୍ତା ଉପରେ ବୈଶ୍ୱିକ ସହଯୋଗର ଏହି ଘୋଷଣାନାମା ଏକ ବଡ଼ ସଫଳତା। ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ ମଙ୍ଗଳ ପାଇଁ ଏଆଇର ବ୍ୟବହାର ଉପରେ ବୈଶ୍ୱିକ ସହମତି ହୋଇଥିବା ଏଥିରୁ ପ୍ରତିଫଳିତ ହୋଇଛି। ସର୍ବଜନ ହିତାୟ, ସର୍ବଜନ ସୁଖାୟ ସିଦ୍ଧାନ୍ତ ଦ୍ୱାରା ଅନୁପ୍ରାଣିତ ଉକ୍ତ ଘୋଷଣାନାମାରେ ଏଆଇର ଲାଭ ସମଗ୍ର ମାନବ ଜାତିକୁ ସମାନ ଭାବେ ମିଳିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବା ସହ ବହୁପାକ୍ଷିକ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯାଇଛି। ଜାତୀୟ ସାର୍ବଭୌମତ୍ୱକୁ ସମ୍ମାନ ଜଣାଇ ସହଜ ପହଞ୍ଚଯୋଗ୍ୟ ଓ ବିଶ୍ୱସନୀୟ ଢାଞ୍ଚା ଜରିଆରେ ଏଆଇକୁ ଆଗେଇନେବାକୁ ହେବ।

ଏହି ଘୋଷଣାନାମା ୭ଟି ମୁଖ୍ୟ ସ୍ତମ୍ଭ ଉପରେ ଆଧାରିତ, ଯାହା ବୈଶ୍ୱିକ ଏଆଇ ସହଯୋଗ ଭିତ୍ତିର ପ୍ରତିନିଧିତ୍ୱ କରେ। ସେଗୁଡ଼ିକ ହେଲା ଏଆଇ ସମ୍ବଳର ଗଣତାନ୍ତ୍ରିକୀକରଣ, ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ମଙ୍ଗଳ, ସୁରକ୍ଷିତ ଓ ବିଶ୍ୱସନୀୟ ଏଆଇ, ବିଜ୍ଞାନ ପାଇଁ ଏଆଇ, ସାମାଜିକ ସଶକ୍ତୀକରଣ ହାସଲ, ମାନବ ପୁଞ୍ଜିର ବିକାଶ ଏବଂ ସହନଶୀଳ, ଦକ୍ଷ ତଥା ଅଭିନବ ଏଆଇ ବ୍ୟବସ୍ଥା। ଉକ୍ତ ଶିଖର ସମ୍ମିଳନୀ ଅନେକଗୁଡ଼ିଏ ସ୍ୱେଚ୍ଛାକୃତ, ସହଯୋଗମୂଳକ ବୈଶ୍ୱିକ ପଦକ୍ଷେପ ଉପସ୍ଥାପନ କରାଯାଇଥିଲା, ଯେଉଁଥିରେ ଏଆଇର ଗଣତାନ୍ତ୍ରିକ ପ୍ରସାରଣ ପାଇଁ ଚାର୍ଟର ମଧ୍ୟ ରହିଛି। ଏହାର ଉଦ୍ଦେଶ୍ୟ ହେଉଛି, ଏଆଇର ମୂଳ ସମ୍ବଳକୁ ଶସ୍ତା ଓ ସହଜ ପହଞ୍ଚଯୋଗ୍ୟ କରିବା ସହ ସ୍ଥାନୀୟ ପ୍ରାସଙ୍ଗିକ ନବୋନ୍ମେଷ ପରବେଶକୁ ସମର୍ଥନ କରିବା।

# ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ: ୧୨ ମୃତ

ବିରୁଟ୍,୨୧।୨

ଲେବାନନ୍‌ର ପୂର୍ବଭାଗରେ ଥିବା ବେକା ଭ୍ୟାଲିରେ ଇସ୍ରାଏଲୀ ସେନା ଶୁକ୍ରବାର ଆକ୍ରମଣ କରିବାରୁ ଅନ୍ୟୁନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୪ ଜଣ ଆହତ ହୋଇଛନ୍ତି। ପାଲେଷ୍ଟିନୀୟ ଶରଣାର୍ଥୀ ଶିବିର ଉପରେ ଅନ୍ୟ ଏକ ଆକ୍ରମଣରେ ୨ ଜଣ ନିହତ ହୋଇଛନ୍ତି। ବେକା ଭ୍ୟାଲିରେ ଥିବା ଲେବାନନ୍‌ର ଆତଙ୍କବାଦୀ ସଂଗଠନ ହେଜବୋଲ୍ଲାର କମାଣ୍ଡ ସେଣ୍ଟରକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ କହିଛି। ତେବେ ହେଜବୋଲ୍ଲା ପକ୍ଷରୁ ଏନେଇ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ସେହିପରି ଏଇନ୍ ଏଲ୍-ହିଲୱେ କ୍ୟାମ୍ପରେ ହମାସ୍ କମାଣ୍ଡ ସେଣ୍ଟରକୁ ଟାର୍ଗେଟ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ଆକ୍ରମଣରେ ହମାସ୍‌ର ୨ ସଦସ୍ୟ ପ୍ରାଣ ହରାଇଥିବା ଉକ୍ତ ସଂଗଠନ ସ୍ୱୀକାର କରିଛି।

# ଲଶ୍କର ଟାର୍ଗେଟ୍‌ରେ ଦିଲ୍ଲୀ, ହାଇ ଆଲର୍ଟ

ନୂଆଦିଲ୍ଲୀ,୨୧।୨

## ଇସ୍‌ଲାମାବାଦ ବିସ୍ଫୋରଣର ପ୍ରତିଶୋଧ ନେବାକୁ ଯୋଜନା



ପାକ୍ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଏବା(ଏଲ୍‌ଇଟି) ଦିଲ୍ଲୀ ଉପରେ ଆକ୍ରମଣ କରିବାକୁ ଯୋଜନା ପ୍ରସ୍ତୁତ କରିଥିବା ଗୋଏନ୍ଦା ସୂଚନା ମିଳିବା ପରେ, ଦିଲ୍ଲୀରେ ହାଇ ଆଲର୍ଟ ଜାରି କରାଯାଇଛି। ଦିଲ୍ଲୀର ବିଭିନ୍ନ ମନ୍ଦିର ଓ ପ୍ରମୁଖ ଧାର୍ମିକ ସ୍ଥଳ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି। ବିଶେଷକରି ପୁରୁଣା ଦିଲ୍ଲୀର ଚାନ୍ଦିନୀଚୌକ୍ ଅଞ୍ଚଳର କେତେକ ଧାର୍ମିକ ସ୍ଥଳ ଏବଂ ଲାଲ୍‌କିଲ୍ଲା ଉପରେ ଆକ୍ରମଣ କରିବାକୁ ଏଲ୍‌ଇଟି ଯୋଜନା କରିଥିବା କୁହାଯାଇଛି। ଚଳିତ ମାସ ୬ ତାରିଖରେ ଇସ୍‌ଲାମାବାଦସ୍ଥିତ ଏକ ମସ୍‌ଜିଦ୍‌ରେ ନମାଜପାଠ ଚାଲିଥିଲା ବେଳେ ଏଠାରେ ବିସ୍ଫୋରଣ ଘଟି ୩୧ ଜଣଙ୍କ ମୃତ୍ୟୁ ହେବା ସହିତ ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହାପଛରେ ଭାରତର ହାତ ଥିବା ଦର୍ଶାଇ ଏଲ୍‌ଇଟି ଭାରତ ଉପରେ ଆକ୍ରମଣ କରି ପ୍ରତିଶୋଧ ନେବାକୁ ଚାହୁଁଛି। ଇସ୍‌ଲାମାବାଦ ବିସ୍ଫୋରଣରେ ଶକ୍ତିଶାଳୀ ଆଇଇଡି ବ୍ୟବହାର କରାଯାଇଥିଲା ବେଳେ ସେହି ଢଙ୍ଗରେ ଭାରତ ଉପରେ ଆକ୍ରମଣ କରିବାକୁ ଏଲ୍‌ଇଟି ଯୋଜନା ପ୍ରସ୍ତୁତ କରିଛି ବୋଲି ସୂଚନା ମିଳିଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ଏଜେନ୍ସି ପକ୍ଷରୁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ହାଇ ଆଲର୍ଟ ଜାରି କରାଯିବା ସହିତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

# ଟାରିଫ୍ ବିରୋଧରେ ଲଢ଼ିଥିଲେ ଭାରତୀୟ ବଂଶୋଦ୍ଭବ ନିଲ୍ କାଟିଆଲ୍

ୱାଶିଂଟନ୍,୨୧।୨




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ସେଠାକାର ସୁପ୍ରିମକୋର୍ଟ ବେଆଇନ କହିବା ସହିତ ଏହାକୁ ଖାରଜ କରିବା ଘଟଣା ବିଶ୍ୱସ୍ତରରେ ହଇଚଇ ସୃଷ୍ଟି କରିଛି। ସୁପ୍ରିମକୋର୍ଟଙ୍କ ଏଭଳି ରାୟ ଟ୍ରମ୍ପଙ୍କ ପ୍ରତି ଶକ୍ତ ଧକ୍କା ହୋଇଥିଲା ବେଳେ ବିଭିନ୍ନ ଦେଶରେ ଟ୍ରମ୍ପଙ୍କୁ ନେଇ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ଟାରିଫ୍‌କୁ ନେଇ ବିଭିନ୍ନ ଦେଶର ସ୍ଥିତି କ'ଣ ରହିବ ତାହାକୁ ନେଇ ଚର୍ଚ୍ଚା ଚାଲିଛି। ଆମେରିକାର ସୁପ୍ରିମକୋର୍ଟ ଦେଇଥିବା ରାୟ ପଛରେ ଯାହାଙ୍କର ବିଶେଷ ଭୂମିକା ରହିଛି, ସେ ହେଲେ ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ନିଲ୍ କାଟିଆଲ୍। ପୂର୍ବରୁ ଆମେରିକାର କାମଚଳା ସଲିସିଟର୍ ଜେନେରାଲ ଭାବେ କାର୍ଯ୍ୟ କରିଥିବା କାଟିଆଲ୍ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ଚ୍ୟାଲେଞ୍ଜ କରିବା ସହିତ ଆମେରିକାର ଅନ୍ତର୍ଜାତୀୟ ଜରୁରୀ ଆର୍ଥିକ କ୍ଷମତା ଆଇନ (ଆ।ଇଇଇପିଏ), ୧୯୭୭ ଅନୁସାରେ ଟାରିଫ୍ ଲାଗୁ କ୍ଷମତା ତାଙ୍କର ନାହିଁ ବୋଲି ଯୁକ୍ତି କରିଥିଲେ। ତାଙ୍କର ଏହି ଯୁକ୍ତିକୁ ନେଇ ଶୁଣାଣି ହୋଇଥିଲା ବେଳେ ପ୍ରଧାନ ବିଚାରପତିଙ୍କ ସମେତ ୬ ବିଚାରପତି କାଟିଆଲ୍‌ଙ୍କ ଯୁକ୍ତିରେ ସହମତ ହୋଇଥିଲେ। ସେହି ଅନୁସାରେ ସୁପ୍ରିମକୋର୍ଟ ଟାରିଫ୍‌କୁ ବେଆଇନ ଦର୍ଶାଇଥିଲେ।

# ଭାରତ-ବ୍ରାଜିଲ ୨୦ ବିଲିୟନ ଡଲାର ବାଣିଜ୍ୟ ଚୁକ୍ତି

## ଡିଜିଟାଲ ଭିତ୍ତିଭୂମି ସମେତ ଖଣି ଓ ରେୟାର ଆର୍ଥ କ୍ଷେତ୍ରକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୧।୨


ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ପରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମିଳିତ ସାମ୍ବାଦିକ ସମ୍ମିଳନୀ।

ସାମ୍ପ୍ରତିକ ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ ଏବଂ ବ୍ରାଜିଲ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରଖି ବାଣିଜ୍ୟ କାରବାର ବୃଦ୍ଧି କରିବାକୁ ସହମତ ହୋଇଛନ୍ତି। ଏହି କ୍ରମରେ ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ କାରବାର ୨୦ ବିଲିୟନ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଉଭୟ ରାଷ୍ଟ୍ର ଶନିବାର ଚୁକ୍ତିବଦ୍ଧ ହୋଇଛନ୍ତି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭାଙ୍କ ଉପସ୍ଥିତିରେ ବିଭିନ୍ନ କ୍ଷେତ୍ରରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିଶେଷକରି ଡିଜିଟାଲ୍ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ସହିତ ଖଣି ଏବଂ ରେୟାର ଆର୍ଥ କ୍ଷେତ୍ରରେ ବାଣିଜ୍ୟ ବୃଦ୍ଧି କରିବାକୁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ବ୍ରାଜିଲ ରାଷ୍ଟ୍ରପତି ଲୁଲା ଏବଂ ତାଙ୍କ ପ୍ରତିନିଧି ଦଳକୁ ସ୍ୱାଗତ କରି କହିଛନ୍ତି, ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨୦ ବିଲିୟନ ଡଲାରରେ ପହଞ୍ଚାଇବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏହା କେବଳ ଅଙ୍କ କଥା ନୁହେଁ, ବରଂ ଉଭୟ ରାଷ୍ଟ୍ରର ପ୍ରଗାଢ଼ ବିଶ୍ୱାସ ଓ ଭରସାର ପ୍ରତୀକ ବୋଲି ସେ କହିଛନ୍ତି। ଲାଟିନ୍ ଆମେରିକା ଦେଶସମୂହରେ ବ୍ରାଜିଲ ଭାରତର ସର୍ବବୃହତ୍ ବାଣିଜ୍ୟ ଅଂଶୀଦାର ଭାବେ ଉଭା ହୋଇଥିଲା ବେଳେ ଉଭୟ ପକ୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବାଣିଜ୍ୟ ସହଯୋଗ ବୃଦ୍ଧି ପାଇଁ ସୁଯୋଗ ଆସିଛି ବୋଲି ମୋଦି କହିଛନ୍ତି। ସେହିପରି ରାଷ୍ଟ୍ରପତି ଲୁଲା ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରି ଜାତିସଂଘ, ବିଶ୍ୱ ଅର୍ଥନୈତିକ ମଞ୍ଚ ଏବଂ ଜି-୨୦ ଭଳି ଅନ୍ତର୍ଜାତୀୟ ମଞ୍ଚରେ ଗ୍ଲୋବାଲ୍ ସାଉଥ୍ ସ୍ୱରକୁ ଉଠାଇବାକୁ ଆହ୍ୱାନ ଦେଇଛନ୍ତି। ସାମ୍ପ୍ରତିକ ସ୍ଥିତିରେ ବୈଶ୍ୱିକ ସ୍ତରରେ ଯେଉଁଭଳି ଅସ୍ଥିରତା ଲାଗି ରହିଛି, ତଦ୍ୱାରା ସ୍ଥାୟୀ ଶାନ୍ତି ଓ ଅଭିବୃଦ୍ଧି ହାସଲ କରିବା କଷ୍ଟକର। ଭାରତ ଓ ବ୍ରାଜିଲ ଦ୍ୱିପାକ୍ଷିକ ସମ୍ପର୍କକୁ ସବୁସ୍ତରରେ ମଜଭୁତ କରି ଅନ୍ତର୍ଜାତୀୟ ମଞ୍ଚରେ ଏହାର ମୁକାବିଲା ପାଇଁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି। ଏହିକ୍ରମରେ ଲୁଲା ଜାତିସଂଘ ସଂସ୍କାର ପ୍ରସଙ୍ଗ ଉଠାଇବା ସହିତ ସୁରକ୍ଷା ପରିଷଦରେ ଭାରତ ଏବଂ ବ୍ରାଜିଲ ଭଳି ରାଷ୍ଟ୍ରଙ୍କୁ ସାମିଲ କରାଯିବା ଉଚିତ ବୋଲି କହିଥିଲେ। ଏହାଦ୍ୱାରା ଜାତିସଂଘରେ ଗ୍ଲୋବାଲ୍ ସାଉଥ୍‌କୁ ଠିକଣା ଭାବେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ମିଳିବା ସହିତ ବିଭିନ୍ନ ରାଷ୍ଟ୍ରର ସ୍ୱାର୍ଥରକ୍ଷା କରାଯାଇପାରିବ ବୋଲି ଲୁଲା କହିଥିଲେ। ଅନ୍ୟପକ୍ଷରେ ବ୍ରାଜିଲରେ ଭାରତ ପକ୍ଷରୁ ଉନ୍ନତ ଡିଜିଟାଲ୍ ଭିତ୍ତିଭୂମି ପ୍ରତିଷ୍ଠା କରାଯାଇ ଏଆଇ, ସେମିକଣ୍ଡକ୍ଟର, ସୁପର କମ୍ପ୍ୟୁଟର୍ ଏବଂ ବ୍ଲକ୍‌ଚେନ୍ ଆଦି କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମୋଦି କହିଥିଲେ।





ଆମେରିକାର ମୋରିଗାଁଓ ଜିଲାସ୍ଥିତ ପୋବିତୋରା ବନ୍ୟପ୍ରାଣୀ ଅଭୟାରଣ୍ୟରେ ୨ ଗଣ୍ଡାଙ୍କ ମଧ୍ୟରେ ଲଢ଼େଇର ଦୃଶ୍ୟ। (ଫଟୋ: ପିଟି)

# ଭାରତ ଉପରେ ଟାରିଫ୍ ଅପରିବର୍ତ୍ତିତ: ଟ୍ରମ୍ପ୍

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟାରିଫ୍ ନିଷ୍ପତ୍ତିକୁ ଶୁକ୍ରବାର ଆମେରିକାର ସୁପ୍ରିମକୋର୍ଟ ବେଆଇନ କହି ରଦ୍ଦ କରିଦେଇଛନ୍ତି। ଏହାସତ୍ତ୍ୱେ ଭାରତ ସହ ଆମେରିକାର ଟାରିଫ୍ ବଳବତ୍ତର ରହିବ। ଭାରତ ଆମକୁ ଟାରିଫ୍ ଦେବ, କିନ୍ତୁ ଆମେ ଭାରତକୁ ପଠାଇବାକୁ ଥିବା କୌଣସି ସାମଗ୍ରୀ ଉପରେ ଶୁଳ୍କ ଦେବୁନାହିଁ। ଭାରତ ସହ ଏହା ହିଁ ଚୁକ୍ତି ହୋଇଛି ବୋଲି ଟ୍ରମ୍ପ୍ ଶନିବାର ସ୍ପଷ୍ଟ କରିଛନ୍ତି। ଟ୍ରମ୍ପ୍ ତାଙ୍କ ଦେଶର ସୁପ୍ରିମକୋର୍ଟ ରାୟକୁ ଅଣଦେଖା କରିବା ବିଷୟରୁ ସ୍ପଷ୍ଟ ହେଉଛି ଯେ ଭାରତ ସମେତ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକର ଅର୍ଥନୀତିର ଚକ ଆମେରିକାର ହଁ, ନାହିଁରେ ଗଡ଼ିବ। କାରଣ ଆମେରିକା ଟାରିଫ୍ ବଢ଼ାଇଲେ କିମ୍ବା କମାଇଲେ ତୁରନ୍ତ ବିଶ୍ୱ ବଜାରରେ ବଡ଼ ଉଠାପକା ଦେଖିବାକୁ ମିଳୁଛି। ଶେୟାର ମାର୍କେଟ ବିପୁଳ ଲାଭକ୍ଷତିର ସମ୍ମୁଖୀନ ହେଉଛି। ଆମେରିକା ସୁପ୍ରିମକୋର୍ଟ ବା ଟ୍ରମ୍ପ୍ ପ୍ରଶାସନ କି ପଦକ୍ଷେପ ନେଉଛନ୍ତି ତାହାକୁ ସମସ୍ତେ ଅନେଇ ରହୁଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ ଆମେରିକା ଦ୍ୱାରା ବିଶ୍ୱ ଅର୍ଥନୀତିର ଭାଗ୍ୟ ନିର୍ଦ୍ଧାରଣ ହେଉଛି ଏବଂ ଭବିଷ୍ୟତରେ ମଧ୍ୟ ଏପରି ଚାଲିବ। ଅନ୍ୟପକ୍ଷରେ ଭାରତ ପ୍ରସଙ୍ଗକୁ ଦେଖିଲେ ଟ୍ରମ୍ପ୍‌ଙ୍କ କଠୋର ଆଭିମୁଖ୍ୟରେ ପରିବର୍ତ୍ତନ ଆସିନାହିଁ। ଟ୍ରମ୍ପ୍ କୌଣସି ନା କୌଣସି ଉପାୟରେ ଭାରତ ଉପରେ ରାଗ ଶୁଝାଉଥିବା ଅନେକେ ମତ ଦେଉଛନ୍ତି।**

ୱାଶିଂଟନ୍/ନୂଆଦିଲ୍ଲୀ,୨୧।୨(ପି.ଟି./ରଏଟର୍ସ)

ଆମେରିକା ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ବଳରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ଲଗାଇଥିବା ଟାରିଫ୍‌କୁ ରଦ୍ଦ କରିଥିଲେ। ଆମେରିକାର ଇଣ୍ଟରନ୍ୟାଶନାଲ ଇମର୍ଜେନ୍ସି ଇକୋନୋମିକ୍ ପାୱାର୍ସ ଆକ୍ଟ(ଆଇଇଇପିଏ),୧୯୭୭ ବଳରେ ଟ୍ରମ୍ପ୍ ବିଭିନ୍ନ ରାଷ୍ଟ୍ର ଉପରେ ଟାରିଫ୍ ଲାଗୁ କରିଥିଲେ। ତେବେ ଏହି ଆଇନ ଅନୁସାରେ ଟାରିଫ୍ ଲାଗୁ କରିବା ଅଧିକାର ରାଷ୍ଟ୍ରପତିଙ୍କର ନାହିଁ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ଜନ୍ ରବର୍ଟସ୍ କହିଛନ୍ତି। ଅଦାଲତଙ୍କ ଏହି ରାୟ ପରେ ୱାଶିଂଟନ ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ଅସ୍ଥାୟୀ ଭାବେ ୧୦ ପ୍ରତିଶତ ଶୁଳ୍କ ଲଗାଇବାକୁ ନୂଆ ନିର୍ଦ୍ଦେଶନାମା ଜାରି କରିଛି। ତଦନୁଯାୟୀ, ଫେବୃଆରୀ ୨୪ରୁ ଭାରତୀୟ ସାମଗ୍ରୀ ଉପରେ କେବଳ ୧୦ ପ୍ରତିଶତ ଜବାବୀ ଶୁଳ୍କ ଲାଗୁ ହେବ ବୋଲି ଶନିବାର ବାଣିଜ୍ୟ ବିଶେଷଜ୍ଞ ଏବଂ ରପ୍ତାନିକାରୀମାନେ କହିଛନ୍ତି।



ଡୋନାଲ୍ଡ ଟ୍ରମ୍ପ୍

ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ଭାରତ ସହ ବାଣିଜ୍ୟ ଚୁକ୍ତିନାମାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ଭାରତ ଆମକୁ ଟାରିଫ୍ ଦେବ କିନ୍ତୁ ଆମେ ଦେବୁନାହିଁ। ଭାରତ ସହ ଏହା ହିଁ ଚୁକ୍ତି। ପୂର୍ବରୁ ଯାହା ଥିଲା, ସେଥିରେ ପରିବର୍ତ୍ତନ ହୋଇଛି। ଆପଣମାନେ ଜାଣନ୍ତି ଯେ ଭାରତ ଓ ମୁଁ ଭାବୁଛୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ବହୁତ ଭଦ୍ରଲୋକ, କିନ୍ତୁ ସେ ଅନ୍ୟମାନଙ୍କଠାରୁ ଅଧିକ ସ୍ମାର୍ଟ। ସେ ଆମେରିକାଠାରୁ ଫାଇଦା ଉଠାଉଥିଲେ। ସେଥିପାଇଁ ଆମେ ଭାରତ ସହ ଡିଲ୍ କଲୁ। ଏହା ବହୁତ ଭଲ ଚୁକ୍ତିନାମା, ଯେଉଁଥିରେ ଆମେ ସେମାନଙ୍କୁ ଟାରିଫ୍ ଦେବୁନାହିଁ, କିନ୍ତୁ ସେମାନେ ଆମକୁ ପୈଠ କରିବେ ବୋଲି ଟ୍ରମ୍ପ୍ କହିଛନ୍ତି। ଭାରତ ସହ ତାଙ୍କର ବହୁତ ଭଲ ☞ପୃଷ୍ଠା-୪

# ତାଳଚେର ପ୍ରଦୂଷଣ: ଜବାବ ମାଗିଲେ ଏନ୍‌ଜିଟି

ତାଳଚେର,୨୧।୨(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ବାୟୁ ପ୍ରଦୂଷଣ ସମ୍ପର୍କିତ ମାମଲାର ଶୁଣାଣି କରି ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏମ୍‌ସିଏଲ୍, ଓଡ଼ିଶା ସରକାର, ସିପିସିବି, ଅନୁଗୋଳ ଜିଲାପାଳ, ପୂର୍ବତଟ ରେଳପଥ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜବାବ ତଲବ କରିଛନ୍ତି। ଆସନ୍ତା ଏପ୍ରିଲ ୧୬ ତାରିଖରେ କୋର୍ଟରେ ଏ ସମ୍ପର୍କିତ ତଥ୍ୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଅନେକ ସମୟରେ ତାଳଚେରର ବାୟୁ ଗୁଣବତ୍ତା ମାନ ଚିନ୍ତାଜନକ ସ୍ଥିତି ସୃଷ୍ଟି କରୁଛି। ଚଳିତ ଆର୍ଥିକ ବର୍ଷରେ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ ବାର୍ଷିକ ୧୨୫ ନିୟୁତ ଟନ୍ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛି। ତାଳଚେର କୋଇଲା କ୍ଷେତ୍ର ୫୦୦ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଓ ଏହା ଦେଶର ସବୁଠାରୁ ବୃହତ୍ କୋଇଲା ଭଣ୍ଡାର। ଗତ ୨୨ ଜାନୁଆରୀ ୨୦୨୫ରେ ତାଳଚେରରେ ବାୟୁର ଗଣବତ୍ତା ମାନ ୩୧୨ ପଏଣ୍ଟ ଥିଲା, ଯାହା ଦେଶର ଦ୍ୱିତୀୟ ସର୍ବୋଚ୍ଚ ପ୍ରଦୂଷିତ ସହରର ମାନ୍ୟତା ପାଇଥିଲା। ଏଭଳି ସ୍ଥିତିରେ କୋଇଲା ଖଣିରୁ ଟ୍ରେନ୍ ଓ ଟ୍ରକ୍ ଯୋଗେ ହେଉଥିବା କୋଇଲା ପରିବହନ ବେଳେ ପାଲ ଢାଙ୍କିନେବାର ବ୍ୟବସ୍ଥା ଥିଲାବେଳେ ତାହାକୁ ଅନୁପାଳନ କରାଯାଉ ନାହିଁ। ଏହାକୁ ଭିତ୍ତିକରି ଆବେଦନକାରୀ ସାମାଜିକ କର୍ମୀ ରାଜକିଶୋର ସାହୁ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଗୁରୁତ୍ୱକୁ ବିଚାରକୁ ନେଇ ମାନ୍ୟବର ଅଦାଲତ ୧୬ ଏପ୍ରିଲରେ ସମସ୍ତ ପକ୍ଷକୁ ଜବାବ ତଲବ କରିଛନ୍ତି।



# ଆଜି କ’ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାର୍ଷିକ ଉତ୍ସବ, ଆଲୋଚନାଚକ୍ର ଓ ସାରସ୍ୱତ ମହାମିଳନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ
- ଏସ୍‌ଭି ନିରତାରର ୫୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଅନୁଷ୍ଠାନ ଓଲଟପୁର, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗାଦି ଗୋସାଇଁ ପଡ଼ିଆ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସାଙ୍ଗଠନିକ ସମ୍ମିଳନୀ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ଏଫ୍‌ଏମ୍‌ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା।
- ପ୍ରତିଭା ପରିବାରର ସମୀକ୍ଷା ବୈଠକ, ସ୍ଥାନ: ପଳସା ପଡ଼ିଆ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ସାହିତ୍ୟ ସଂସଦର ବୈଠକ, ସ୍ଥାନ: ସମ୍ପାଦକଙ୍କ ବାସଭବନ, ନଟପଡ଼ା ଛକ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ସୁନ୍ଦରପୁର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ସୁନ୍ଦରପୁର ହାଇସ୍କୁଲ ପଡିଆ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା
- ବଜରଙ୍ଗୀ ଯୁବ ସଙ୍ଗମ ଉପଲକ୍ଷେ ଯଜ୍ଞ, ସ୍ଥାନ: ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାଧାରଣ ସଭା, ସ୍ଥାନ: ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା।
- ନଗର ସଙ୍କୀର୍ତ୍ତନ, ସ୍ଥାନ:ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ସୁଭଦ୍ରା ଶକ୍ତି ମେଳା-୨୦୨୬ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ହୋଟେଲ ଟପ୍ ଆଣ୍ଡ ଟେଷ୍ଟି ସଭାଗୃହ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ରଜତ ଜୟନ୍ତୀ, ସ୍ଥାନ: କୁଆଁସ ନିତ୍ୟାନନ୍ଦ ଭବନ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ବାର୍ଷିକ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଆଗିରିଆ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ସିଧାପ୍ରସାରଣ, ସ୍ଥାନ: ବଡ଼ବଜାର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବସନ୍ତ ଉତ୍ସବ ଓ ଲୋକକଳା ମହୋତ୍ସବ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: କଦମବେଡ଼ା, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ହରଗୌରୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଙ୍କମୁହାଁ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ସାରସ୍ୱତ ମହାବିଦ୍ୟାଳୟ ପ୍ରଥମ ବ୍ୟାଚ୍‌ର ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ମିଟିଂ ହଲ୍, କୁଆମରା, ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସରୋଜିନୀ ଏକାଡେମୀର ବାର୍ଷିକ ଉତ୍ସବ, ସ୍ଥାନ: ବଳଭଦ୍ରପୁରସ୍ଥିତ ଏକାଡେମୀ ପରିସର, ଉଦଳା, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ
- ନାମଯଜ୍ଞ ସହ ଅନ୍ନଯଜ୍ଞ ଓ ଘୃତଯଜ୍ଞ, ସ୍ଥାନ: ବୁଗୁଡ଼ା ବ୍ଲକ, ସୁବୁଦ୍ଧିପଲ୍ଲୀ, ସମୟ: ସକାଳ ୭ ଟା ।

## ଢେଙ୍କାନାଳ
- ଅତିରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ: ଶ୍ରୀଦତାତ୍ରେୟ ସାଇ ଆଶ୍ରମ, କୃଷ୍ଣକୁମାରପୁର, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମେଘ ମହ୍ଲାର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ସକାଳ ୯ ଟା୩୦।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା।
- ବାଙ୍କବିହାରୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନଳଦିଆ ଶାସନ ଗଡାନଇ, ନାରାୟଣପୁର, ମାର୍ଶାଘାଇ, ସମୟ: ସକାଳ ୮ଟା ।
- ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ:ଏସ୍‌ଡି ହାଇସ୍କୁଲ, କାଳିକାପୁର, ରାଜକନିକା, ସମୟ: ସକାଳ ୮ଟା ।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମନକରପୁର, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର
- ଜଗନ୍ନାଥ ଧାମ ଦର୍ଶନ ତୀର୍ଥଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୮ଟା।
- ଯାଜପୁର ଏମ୍‌ପିଙ୍କ ମା’ଙ୍କ ଏକଦଶାହ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ଯାଜପୁର ଜିଲା ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ଗ୍ରାମ, ସମୟ: ଅପରାହ୍ନ ୨ଟା।

## ନୟାଗଡ଼
- ଜାମାଲାଗି ବେଶର ୩୧ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ୩ୟ ଦିବସରେ ସୂର୍ଯ୍ୟପୂଜା ଓ ପ୍ରବଚନ, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆପାଟଣା ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ରୁ ରାତ୍ର ୧୦ ।
- ବାବା କପିଳେଶ୍ୱର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ତୃତୀୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ସିଂଘାପଡା ପଞ୍ଚାୟତ ରୂପାପଲ୍ଲି ଗାଁ, ସମୟ:ସକାଳ ୭ଟା ।
- ସ୍ୱେଚ୍ଛାସେବାର କଳା ଉପରେ ଆଲୋଚନା ଚକ୍ର, ସ୍ଥାନ: ସୁବର୍ଣ୍ଣଦେଇପୁରସ୍ଥିତ ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ:ସକାଳ ୯ଟା ।
- ବ୍ଲକସ୍ତରୀୟ ପ୍ରବୋଧନ ଶିକ୍ଷକ ତାଲିମ ଶିବିରର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ମାଛିପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନ ଦିବସରେ ଭୈରବକାଳୀ ଭଞ୍ଜନଗର ସହ ବିଡାନାସୀ ଫୁଟ୍‌ବଲ ଏକାଡେମୀ କଟକ, ସ୍ଥାନ:ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୪ଟା ।
- ମହାଶିବରାତ୍ରି ଅବସରରେ ଜାଗରଯାତ୍ରାର ଅଷ୍ଟମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୬ଟା ।

## ରାୟଗଡ଼ା
- ଦିବ୍ୟ ପ୍ରକାଶ ଭବନର ଉଦ୍‌ଘାଟନ, ସ୍ଥାନ: ଗୁଣପୁର ଜଗନ୍ନାଥ ନଗର ଦ୍ୱିତୀୟ ଗଳି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଗ୍ରଗାମୀ ସ୍କୁଲ ମୁକ୍ତ ଜ୍ଞାନ କୁଟୀର ବାର୍ଷିକ ଉତ୍ସବ, ସ୍ଥାନ: ଟିକିରି ସ୍ଥିତ କୁମ୍ଭାରଶିଳା, ସମୟ: ଅପରାହ୍ନ ୨ଟା।

## କୋରାପୁଟ
- ମନ କି ବାତ୍ କାର୍ଯ୍ୟକ୍ରମ, ସ୍ଥାନ: କୁନ୍ଦୁରା ବ୍ଲକ୍ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଷ୍ଟ୍ରିଟ୍ ଲାଇଟ ଉଦ୍‌ଘାଟନ, ସ୍ଥାନ: ପୌର ପରିଷଦ ସମ୍ମୁଖ ଟ୍ରାଫିକ ଛକ, ସୁନାବେଡ଼ା, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି
- ନାକଟି ମା’ ଯାତ୍ରା, ସ୍ଥାନ: ଚିଦାନନ୍ଦ ସାହିସ୍ଥିତ ନାକଟିମା ମନ୍ଦିର, ମାଲକାନଗିରି, ସମୟ: ସକାଳ ୯ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ୧୪ତମ ଦୀନବନ୍ଧୁ ଗୋସ୍ୱାମୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଟାଟା ବନାମ ରାଞ୍ଚି, ସ୍ଥାନ : ହାୱା ମଇଦାନ, ହାୱା ମଇଦାନ, ସମୟ : ସକାଳ ୮ଟା।
- କଲମ ଟ୍ରଷ୍ଟ ପରିବାର ପକ୍ଷରୁ ସାହିତ୍ୟ ଆସର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ, ସ୍ଥାନ : ଅଇଁଠାପାଲି ସ୍ଥିତ ପ୍ରେସ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ସରସତିଆ ଦିନ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ହାଇସ୍କୁଲ ପରିସର,ଲୋଇସିଂହା, ସମୟ : ଅପରାହ୍ନ ୫ଟା।

## ରାଉରକେଲା
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ସେକ୍ଟର-୧୭ ଯାଜ୍ଞସେନୀ ଅନୁଷ୍ଠାନ, ସମୟ: ସକାଳ ୭ଟା।
- ଗାୟତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡୀୟ ଯଜ୍ଞର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୭ଟା।
- ଜାଗର ମେଳାର ୮ମ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- କୋଏଲ ସାହିତ୍ୟ ସଂସଦର ୨୯ତମ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୭, ଇସ୍ପାତ ସାହିତ୍ୟ ସଂସଦ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପୋଲିସ ହକି ଚାମ୍ପିୟନଶିପ୍-୨୦୨୬, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୧ଟା।
- ଜଗଦା ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ଜଗଦା ମା’ ବାଟ ମଙ୍ଗଳା ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ଶ୍ରୀକ୍ରିଷ୍ଣା ଫୁଡ୍ସ, ମାଲିପାଲି ମାଇନର, ଭେଡେନ, ସମୟ: ସକାଳ ୯ଟା।
- ସୁଭଦ୍ରା ଶକ୍ତି ମେଳା,ସ୍ଥାନ:ଆରଏମସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିରର ୧୧ତମ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଷୋହଳ ପ୍ରହରୀ ନାମ ଯଜ୍ଞ, ସ୍ଥାନ:ପଗାରପାଣି, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟ ପ୍ରହରୀ ନାମ ଯଜ୍ଞ, ସ୍ଥାନ:ବିଳାସପୁର ଶାନ୍ତିପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ୨୪ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଜୁନାଗଡ଼ ଗୋଟିପଡ଼ା, ସମୟ: ସକାଳ ୬ଟା।

## ସୁବର୍ଣ୍ଣପୁର
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଅଭିଜିତ ପୂଜାରୀ ସ୍ମୃତି କମିଟି କାର୍ଯ୍ୟାଳୟ ନୂଆବଜାର ବିନିକା, ସମୟ: ସକାଳ ୯ଟା।
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଯୁବତୀଙ୍କ ଆତ୍ମାହୁତି ଉଦ୍ୟମ

## ଡିଇସିସି କୋର୍ସରେ ଚାକିରି ମିଳିଲାନି

ଭଦ୍ରକ,୨୧।୨ (ସନାତନ ରାଉତ)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଅପରାହ୍ନରେ ଜଣେ ଯୁବତୀ ନିଜ ଡ୍ରେସ୍‌ରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଯୁବତୀ ଜଣକ ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ଅଞ୍ଚଳର। ଡିପ୍ଲୋମା ଇନ୍ ଆର୍ଲି ଚାଇଲ୍ଡ କେୟାର(ଡିଇସିସି) କୋର୍ସ କରି ଚାକିରି ନ ମିଳିବାରୁ ସେ ଏଭଳି ଚରମ ପନ୍ଥା ଆପଣେଇଛନ୍ତି। ସେ କହିଛନ୍ତି, ଡିଇସିସି କୋର୍ସ କରିବା ପରେ ଶିଶୁବାଟିକାରେ ନିଯୁକ୍ତି ପାଇଁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ନ ଥିବାରୁ ରାଜଧାନୀ ଭୁବନେଶ୍ୱରରେ ସଂଘ ପକ୍ଷରୁ ଏକାଧିକବାର ଆନ୍ଦୋଳନ କରାଯାଇଛି। ୨ ଦିନ ତଳେ ଗଣଶିକ୍ଷା ମନ୍ତ୍ରୀ ଏକ ପ୍ରଶ୍ନର ଉତ୍ତରରେ ଏହି କୋର୍ସ ପାଇଁ କୌଣସି ନିଯୁକ୍ତି ବ୍ୟବସ୍ଥା ନାହିଁ ବୋଲି କହିଥିଲେ। ଏହା ଜାଣିବା ପରେ ସେ ଶନିବାର ଭଦ୍ରକ ଜିଲାପାଳଙ୍କୁ ଦେଖା କରିବାକୁ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ କାର୍ଯ୍ୟାଳୟରେ ନ ଥିବା ଜାଣିବା ପରେ ସେ ନିରାଶ ହୋଇ ନିଜ ଡ୍ରେସ୍‌ରେ ଦିଆସିଲି ଦ୍ୱାରା ନିଆଁ ଲଗାଇ ଦେଇଥିଲେ। କାର୍ଯ୍ୟାଳୟର କର୍ମଚାରୀ ଓ ସେଠାରେ ଉପସ୍ଥିତ ଥିବା ଲୋକେ ସଙ୍ଗେସଙ୍ଗେ ତାଙ୍କ ଡ୍ରେସ୍‌ରୁ ନିଆଁ ଲିଭାଇଥିଲେ। ଟାଉନ ପୋଲିସ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତାଙ୍କ ବାମଗୋଡ଼ ସାମାନ୍ୟ ପୋଡ଼ି ଯାଇଥିବା ବେଳେ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ତେବେ ଯୁବତୀ ଜଣକ ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହ ପ୍ରଧାନମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଦାୟୀ ବୋଲି କହିଛନ୍ତି। ସରକାର ଡିଇସିସି କୋର୍ସ ପ୍ରଚଳନ କଲେ। ଓଡ଼ିଆରେ ବହି ମଧ୍ୟ ପ୍ରସ୍ତୁତ କଲେ। ଜାତୀୟ ଶିକ୍ଷାନୀତି ଅନୁସାରେ ଏହି କୋର୍ସଧାରୀଙ୍କୁ ଶିଶୁବାଟିକାରେ ନିଯୁକ୍ତି ଦିଆଯିବା କଥା। କିନ୍ତୁ ଶିଶୁବାଟିକାରେ ଶିକ୍ଷକ ନିଯୁକ୍ତି ବଦଳରେ ସେବିକା ନିଯୁକ୍ତି ଦିଆଯାଉଛି। ଏହି ନିଯୁକ୍ତି ପାଇଁ ସଂଘ ପକ୍ଷରୁ ବହୁବାର ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ପ୍ରାଥମିକ ଚିକିତ୍ସା ପରେ ଯୁବତୀଙ୍କୁ ତାଙ୍କ ଘରକୁ ପଠାଇ ଦିଆଯାଇଥିବା ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି, ଯୁବତୀ ଜଣକ ଏହି ବିଷୟ ନେଇ ପୂର୍ବରୁ କେବେ କାର୍ଯ୍ୟାଳୟକୁ ଆସିନାହାନ୍ତି। ଆଜି ହଠାତ୍ ଅପରାହ୍ନରେ ପହଞ୍ଚି ସେ ଏଭଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଦାବି କରି ସେ ଏଭଳି ପଦକ୍ଷେପ ନେଇଥିବା ଯୁବତୀ ଜଣକ ପରେ ପ୍ରକାଶ କରିଥିବା ଜିଲାପାଳ କହିଛନ୍ତି।



ଆତ୍ମାହୁତି ଉଦ୍ୟମ କରିଥିବା ଯୁବତୀଙ୍କ ଚିକିତ୍ସା ଚାଲିଛି।

# ଅବଶିଷ୍ଟାଂଶ

## ଖାମେନେଇଙ୍କୁ ହତ୍ୟା ...
ଯୋଜନା ମଧ୍ୟ ରଖିଛନ୍ତି। ଏହି ବିକଳ୍ପ ସବୁଠାରୁ ଭଲ ବୋଲି ସେ କହିଛନ୍ତି। ଖାମେନେଇଙ୍କୁ କ୍ଷମତାଚ୍ୟୁତ କରି କୂଟନୈତିକ ସ୍ତରରେ ଇରାନ ସହ ଆଲୋଚନା କରାଯାଇ ତାହାର ଆଣବିକ କାର୍ଯ୍ୟକ୍ରମକୁ ସୀମିତ କରାଯାଇପାରିବ ବୋଲି ଟ୍ରମ୍ପ୍ ଚିନ୍ତା କରୁଛନ୍ତି ବୋଲି ଆକ୍ସିଅସ୍ କହିଛି। ତେବେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦେବାକୁ ହ୍ୱାଇଟ୍ ହାଉସ୍ ମନା କରିଦେଇଥିବା ଉକ୍ତ ସଂସ୍ଥା କହିଛି। ଉଲ୍ଲେଖଯୋଗ୍ୟ, ଇରାନ ଏବଂ ଆମେରିକା ମଧ୍ୟରେ ଦୁଇ ଦୁଇଥର ବୈଠକ ବସିବା ସହିତ ବ୍ୟାକ୍ ଚ୍ୟାନେଲ୍‌ରେ ମଧ୍ୟ ଆଲୋଚନା କରାଯାଉଛି। ଏହାସତ୍ତ୍ୱେ ଏହି ବିବାଦକୁ ନେଇ କୌଣସି ସମାଧାନର ସୂତ୍ର ବାହାରିପାରି ନାହିଁ। ଇରାନ ଖୋଲା ଆଲୋଚନା କରିବାକୁ ପ୍ରସ୍ତୁତ ରହିଛି ବୋଲି କୁହୁଥିଲା ବେଳେ ଏହି ବିବାଦର ସମାଧାନ ଏତେ ସହଜ ନୁହେଁ ବୋଲି ଆମେରିକା କହୁଛି। ଏହାମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନକୁ ବାରମ୍ବାର ଚେତାବନୀ ଦେବା ସହିତ ଇରାନକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିଷ୍ପତ୍ତି ନେବାକୁ କହିଥିଲେ। ନଚେତ୍ ପରିଣାମ ଭୋଗିବାକୁ ପଡ଼ିବ ବୋଲି କହିଥିଲେ। କିନ୍ତୁ ଟ୍ରମ୍ପଙ୍କ ଚେତାବନୀ ପ୍ରତି ଇରାନ ସେଭଳି ଗୁରୁତ୍ୱ ଦେଉ ନଥିବା ଅନୁମାନ କରାଯାଉଛି। ଆମେରିକା ଇରାନର କିଛି ବଗାଡ଼ିପାରିବ ନାହିଁ ଏବଂ ଆକ୍ରମଣ ହେଲେ ଇରାନ ଆମେରିକାକୁ ଠିକଣା ଜବାବ ଦେବାକୁ ପ୍ରସ୍ତୁତ ବୋଲି ଖାମେନେଇ କହିସାରିଛନ୍ତି। କିନ୍ତୁ ମଧ୍ୟପ୍ରାଚ୍ୟରେ ଆମେରିକାର ବିଶାଳ ସମରସଜ୍ଜାକୁ ନେଇ ଯୁଦ୍ଧ ଆଶଙ୍କା ବଢ଼ିଥିଲା ବେଳେ ଆମେରିକା କି ନିଷ୍ପତ୍ତି ନେବ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଛି।

## ୫ ସ୍ଥାନରେ ...
ତେବେ ସୋମବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଏବଂ ମାଲକାନଗିରି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହିତ ଘଡଘଡି ବିଜୁଳି ଏବଂ ବର୍ଷା ସମୟରେ ୩୦ରୁ ୪୦ କି.ମି. ପର୍ଯ୍ୟନ୍ତ ପବନ ବହିବାର ସମ୍ଭାବନା ରହିଛି। ଏହି ସମସ୍ତ ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୪ ତାରିଖ ମଙ୍ଗଳବାର ମୟୂରଭଞ୍ଜ, ଯାଜପୁର, କଟକ ଏବଂ ଖୋର୍ଦ୍ଧା ଜିଲାକୁ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି।

## ୪୪ ବ୍ଲକରେ ଷ୍ଟାଡିୟମ ..
ଯାଜପୁର ଜିଲାର ବରୀ, ସୁକିନ୍ଦା ଓ ଦଶରଥପୁର, କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡ଼ା ଓ ମହାକାଳପଡ଼ା, ଖୋର୍ଦ୍ଧାର ଟାଙ୍ଗୀ ଓ ଚିଲିକା, ନୟାଗଡ଼ର ଦଶପଲ୍ଲା, ବଲାଙ୍ଗୀରର ଆଗଲପୁର, ପୁଇଁତଳା ଓ ବେଲପଡ଼ା, କଳାହାଣ୍ଡିର ଲାଞ୍ଜିଗଡ଼, ଗୋଲାମୁଣ୍ଡା ଓ କର୍ଲାମୁଣ୍ଡା, ନବରଙ୍ଗପୁରର ଡାବୁଗାଁ, ତେନ୍ତୁଳିଖୁଣ୍ଟି, ଝରିଗାଁ, ଚନ୍ଦାହାଣ୍ଡି, ଉମରକୋଟ ଓ ରାଇଘର, ନୂଆପଡ଼ାର ଖରିଆର, ବରଗଡ଼ର ଭଟଲି, ଅତାବିରା ଓ ପାଇକମାଳ, ମୟୂରଭଞ୍ଜର ବାରିପଦା, ମୋରଡ଼ା ଓ ଉଦଳା, ଗଞ୍ଜାମର ଦିଗପହଣ୍ଡି, ଶେରଗଡ, ସୋରଡ଼ା ଓ ବେଲଗୁଣ୍ଠା, କୋରାପୁଟର ଦଶମନ୍ତପୁର, ପଟାଙ୍ଗୀ, ନାରାୟଣପାଟଣା, ନନ୍ଦପୁର ଓ ବନ୍ଧୁଗାଁ, ରାୟଗଡା ଜିଲାର ରାୟଗଡା, କାଶୀପୁର, ବିଷମକଟକ, ମୁନିଗୁଡ଼ା ଓ ଗୁଣୁପୁର ବ୍ଲକରେ ଷ୍ଟାଡିୟମ ପାଇଁ ଜମି ଚିହ୍ନଟ ହୋଇପାରିନାହିଁ।

## ଭାରତ ଉପରେ...
ସମ୍ପର୍କ ବୋଲି ଟ୍ରମ୍ପ୍ କହିଛନ୍ତି। ଆମେ ଭାରତ ସହ ବାଣିଜ୍ୟ କରୁଛୁ। ଭାରତକୁ ରୁଷିଆଠାରୁ ଦୂରେଇ ଦେଇଛୁ। ନୂଆଦିଲ୍ଲୀ ରୁଷିଆରୁ ତେଲ କିଣୁଥିଲା। ମୋ ଅନୁରୋଧକ୍ରମେ ଭାରତ ରୁଷିଆରୁ ତୈଳ କିଣିବା ଯଥେଷ୍ଟ କମାଇଦେଇଥିବା ଟ୍ରମ୍ପ୍ କହିଛନ୍ତି। କାରଣ ଆମେ ସେହି ଭୟଙ୍କର ଯୁଦ୍ଧର ସମାଧାନ ଚାହୁଁଛୁ, ଯେଉଁଠି ପ୍ରତି ମାସରେ ୨୫,୦୦୦ ଲୋକଙ୍କ ଜୀବନ ଯାଉଛି ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ୨୦୦ ପ୍ରତିଶତ ଟାରିଫ୍ ଧମକ ଦେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରିଥିବା କଥା ଖବରଦାତା ସମ୍ମିଳନୀରେ ଟ୍ରମ୍ପ୍ ପୁନର୍ବାର ଦୋହରାଇଛନ୍ତି।

ଭାରତ ଓ ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମା ପାଇଁ ଏକ ରୂପରେଖରେ ପହଞ୍ଚିଥିବା ନେଇ ଚଳିତ ମାସ ଆରମ୍ଭରେ ଘୋଷଣା କରିଥିଲେ। ରୁଷିଆରୁ ତୈଳ କ୍ରୟ ପାଇଁ ଭାରତୀୟ ସାମଗ୍ରୀ ଉପରେ ଆମେରିକା ଲଗାଇଥିବା ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କ ପ୍ରତ୍ୟାହାର କରାଗଲା ବୋଲି ଟ୍ରମ୍ପ୍ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଜାରି କରିଥିଲେ। ଚୁକ୍ତିନାମା ଅନୁଯାୟୀ, ଭାରତ ଉପରେ ଲାଗିଥିବା ୨୫ ପ୍ରତିଶତ ଜବାବୀ ଶୁଳ୍କକୁ ୱାଶିଂଟନ କମ୍ କରିବ ବୋଲି ଘୋଷଣା କରିଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ୱାଶିଂଟନ ଏକ ନିର୍ଦ୍ଦେଶନାମା ବଳରେ ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଇଥିବାରୁ ଭାରତ ଉପରେ ମଧ୍ୟ କେବଳ ସେହି ପରିମାଣର ଶୁଳ୍କ ଲାଗୁହେବ ବୋଲି ଭାରତୀୟ ବିଶେଷଜ୍ଞ ସଂଗଠନ ମହାସଂଘ (ଏଫ୍‌ଆଇଇଓ) ମହାନିର୍ଦ୍ଦେଶକ ଅଜୟ ସହାଇ କହିଛନ୍ତି। ଉକ୍ତ ୧୦ ପ୍ରତିଶତ ଲେଭି ଆମେରିକାରେ ଏବେ ପ୍ରଚଳିତ ଏମ୍‌ଏଫ୍‌ଏନ୍ ବା ଆମଦାନୀ ଶୁଳ୍କ ବାଦ୍ ଲାଗୁହେବ। ଉଦାହରଣ ସ୍ୱରୂପ ଯଦି କୌଣସି ସାମଗ୍ରୀ ଉପରେ ୫ ପ୍ରତିଶତ ଏମ୍‌ଏଫ୍‌ଏନ୍ ଶୁଳ୍କ ଲାଗୁଥାଏ ଏହା ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଲାଗିବ, ଅର୍ଥାତ୍ ମୋଟ ୧୫ ପ୍ରତିଶତ ଶୁଳ୍କ ଦେବାକୁ ପଡ଼ିବ। ପୂର୍ବରୁ ୫ ପ୍ରତିଶତ ଶୁଳ୍କ ସହ ୨୫ ପ୍ରତିଶତ ଜବାବୀ ଶୁଳ୍କ ଦେବାକୁ ପଡୁଥିଲା। ରେସିପ୍ରୋକାଲ ଟାରିଫ୍ ୧୦ ପ୍ରତିଶତକୁ ହ୍ରାସ କରାଯାଇଥିବା ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) କହିଛି। ଆମେରିକା ସହ ବାଣିଜ୍ୟ ଚୁକ୍ତିନାମାକୁ ଭାରତ ପୁନର୍ମୂଲ୍ୟାୟନ କରିବା ଆବଶ୍ୟକ ବୋଲି ଜିଟିଆର୍‌ଆଇ ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି। ଆମେରିକା ସୁପ୍ରିମକୋର୍ଟ ରାଷ୍ଟ୍ରପତି ଟ୍ରମ୍ପ୍ ଟାରିଫ୍ ଲଗାଇବା କ୍ଷମତାକୁ ବେଆଇନ ବୋଲି କହି ରଦ୍ଦ କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମାକୁ ସ୍ଥଗିତ ରଖି ଡିଲ୍‌ରେ ଥିବା ସର୍ତ୍ତଗୁଡ଼ିକ ଉପରେ ପୁନଃ ବୁଝାମଣା କରନ୍ତୁ ବୋଲି କଂଗ୍ରେସ ଶନିବାର ଦାବି କରିଛି। ଆମେରିକା ପକ୍ଷରୁ ସ୍ପଷ୍ଟୀକରଣ ନ ମିଳିବା ପର୍ଯ୍ୟନ୍ତ ଆମଦାନୀ ଉପରେ ଉଦାରତା ରହିବ ନାହିଁ। ଭାରତୀୟ କୃଷକମାନଙ୍କ ସ୍ୱାର୍ଥ ଯେପରି କ୍ଷତିଗ୍ରସ୍ତ ନ ହୁଏ, ତାହା ସୁନିଶ୍ଚିତ କରାଯାଉ ବୋଲି କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଅନ୍ୟପକ୍ଷରେ ଆମେରିକା ସୁପ୍ରିମକୋର୍ଟଙ୍କ ଟାରିଫ୍ ରାୟର ପ୍ରଭାବ ଉପରେ ଭାରତ ସରକାର ଅନୁଧ୍ୟାନ କରୁଛନ୍ତି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ କହିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କୂଅକୁ ଝର,**
**ଦୁଧକୁ ସର ।**

ଝରୁଥିବା କୂଅ ଭଲ। କାରଣ କୂଅରେ ଝର ପଡ଼ିଥିଲେ ତାହା ଖରାଦିନେ ଶୁଖିଯିବାର ଭୟ ବା ଆଶଙ୍କା ରହି ନ ଥାଏ। ଠିକ୍ ସେହିପରି ସର ପଡୁଥିବା ଦୁଧ ବା କ୍ଷୀର ଭଲ। କାରଣ ମୋଟା ସର ପଡୁଥିଲେ କ୍ଷୀର ଖାଣ୍ଟି ବା ଶୁଦ୍ଧ ହୋଇଥିବା ଜଣାଯାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**କଣା କେରାଣ୍ଡି ଦରାଣ୍ଡି ଧରିଛି,**
**ମକର ପିଠିରେ ବହଇ କୁଜ**
**ଷଣ୍ଢ ମୁଣ୍ଡେ ଚାନ୍ଦ ଦିଶଇ ତେଜ।**
**ଏତେ ଗ୍ରହ ଏତେ ସ୍ଥାନରେ ଥିଲେ,**
**ଦାସୀ ପୁତ୍ର ଟେକାଏ ଭଲେ।**

ରାଶି ନକ୍ଷତ୍ର ଅବସ୍ଥିତିରୁ ବ୍ୟକ୍ତିର ଶୁଭାଶୁଭ ବିଷୟରେ ସମ୍ୟକ୍ ଧାରଣା ସୃଷ୍ଟି ହୋଇଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ମୀନରେ ଶୁକ୍ର, ମକରରେ ମଙ୍ଗଳ ଓ ବୃଷରେ ଚନ୍ଦ୍ର ରହିଥିବା ବ୍ୟକ୍ତି ଦାସୀ ପୁତ୍ର ହେଲେ ସୁଦ୍ଧା ବହୁ ଧନଧାନ୍ୟ ଲାଭ କରିବା ସହ ରାଜସୁଖ ଭୋଗ କରେ ବୋଲି ଏଠାରେ ସୂଚିତ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଜନ୍ମ ଚନ୍ଦ୍ର ଯୋଗୁ ପ୍ରତ୍ୟେକ କାମ ଯଥା ସମୟରେ ସମ୍ପନ୍ନ ହେବ, କିନ୍ତୁ ଟିକିଏ ସମସ୍ୟା ମଧ୍ୟ ରହିବ। ପାରିବାରିକ ମତାନ୍ତରକୁ କେନ୍ଦ୍ରକରି ନୂତନ କର୍ମସଂସ୍ଥାନ ପାଇଁ ମନ ବଳିପାରେ। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିଯିବାର ଆଶଙ୍କା ରହିଛି। ଈର୍ଷାପରାୟଣ ମନୋଭାବ କାରଣରୁ ସମ୍ପର୍କୀୟମାନେ ଦୂରେଇଯାଇପାରନ୍ତି।

**ବୃଷ** କର୍ମଭାବସ୍ଥ ଗ୍ରହ ପ୍ରଭାବରୁ ପ୍ରତ୍ୟେକ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଦୃଢ଼ତାର ସହ ପାରିବାରିକ ଶୃଙ୍ଖଳା ରକ୍ଷା କରି ସମାଲୋଚିତ ହେବେ। ମାଲିମକଦ୍ଦମା, ଆଇନ ଅଦାଲତ, ପ୍ରଶାସନ, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ସାମାଜିକ ସ୍ତରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମିଥୁନ** ବନ୍ଧୁଙ୍କ ପରାମର୍ଶରେ ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିଯୁକ୍ତ ହେବେ। ବୁଧ ପାପଗ୍ରହଯୁକ୍ତ ଯୋଗୁ ପାରିବାରିକ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଆବଶ୍ୟକତା ସମୟରେ ପାଖରେ ନଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** ନୀଚାରୋହୀ ସପ୍ତମାଧିପତି ଫଳରେ ଆଜିର ପ୍ରତ୍ୟାବର୍ତ୍ତନ ପଥରେ କଷ୍ଟ ସ୍ୱୀକାର କରିପାରନ୍ତି। ଆଜି ସକାଳୁ କର୍ମାରମ୍ଭ ସମସ୍ତଙ୍କ ସହଯୋଗ ଭିତରେ ପ୍ରୀତିପଦ ହେବ। ଦକ୍ଷତା ଓ ସଙ୍କୋଚତା ହେତୁ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ** ଆଜିର ଆନୁଷ୍ଠାନିକ କାମ ମଧ୍ୟରେ ବନ୍ଧୁଙ୍କ ସାକ୍ଷାତ୍‌ରୁ ଉପକୃତ ହେବେ। ଏକାଧିକ ଗ୍ରହ ସପ୍ତମସ୍ଥ ଯୋଗୁ ମାତ୍ରାଧିକ ଭ୍ରମଣ କଷ୍ଟ ଦେବ। ଉଚ୍ଚାରୋହୀ କର୍ମାଧିପ ପ୍ରଭାବରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। କେତୁଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ରଜନିତ ମାନସିକ ଅସ୍ଥିରତା କାରଣରୁ ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କନ୍ୟା** ଆଜିର ଦ୍ୱାଦଶସ୍ଥ ପାପଗ୍ରହ ପ୍ରଭାବରେ ଖର୍ଚ୍ଚବହୁଳ ଯାତ୍ରା ଓ କାର୍ଯ୍ୟ ମନସ୍ତାପର କାରଣ ହେବ। କୁମ୍ଭସ୍ଥ ଏକାଧିକ ଗ୍ରହ ଯୋଗୁ ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କାନକୁହା କଥା ଶୁଣି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯାଇପାରେ। ବୃହସ୍ପତିଙ୍କ ନକ୍ଷତ୍ରସ୍ଥ ରାଶ୍ୟାଧିପ ହେତୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ।

**ତୁଳା** ବିଗତ ଦିନମାନଙ୍କରେ ସୃଷ୍ଟି ହୋଇଥିବା ସମସ୍ୟା ଆଜି ହଠାତ୍ ସମାଧାନ ହୋଇଯିବ। ନୀଚାରୋହୀ ଚତୁର୍ଥାଧିପ ଯୋଗୁ ଆନୁଷ୍ଠାନିକ କାର୍ଯ୍ୟରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଆଜିର କର୍ମକ୍ଷେତ୍ର କିମ୍ବା ଦିନଚର୍ଯ୍ୟା ମଧ୍ୟରେ ବାଧ ବାଧକତାରେ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ।

**ବିଛା** ଆଜି ଶୁଭ ଭାବରେ ରବି ଓ ଚନ୍ଦ୍ରଙ୍କ ସ୍ଥିତି ସମସ୍ତ ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହେବ। ରଚନାତ୍ମକ କାର୍ଯ୍ୟ, କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଉଚ୍ଚାରୋହୀ କର୍ମାଧିପଙ୍କ ପ୍ରଭାବରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ।

**ଧନୁ** ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ତୃତୀୟସ୍ଥ ରାଜଯୋଗ ହେତୁ ପଡ଼ୋଶୀଙ୍କ ସହାୟତାରେ ବକେୟା ଆଦାୟରେ ସକ୍ଷମ ହେବେ। କଚେରି ମାମଲାରେ ଆଇନଜ୍ଞଙ୍କ ପରାମର୍ଶ ପାଇଁ ଦୌଡ଼ିବେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ବ୍ୟତୀତ କିଛି କରିପାରିବେ ନାହିଁ।

**ମକର** ଆଜିର ଚନ୍ଦ୍ର କବନ୍ଧଗ୍ରହ ନକ୍ଷତ୍ରସ୍ଥ ଯୋଗୁ ଆପଣଙ୍କ ମାନସିକ ସ୍ଥିତିକୁ ଦ୍ୱନ୍ଦ୍ୱଯୁକ୍ତ କରାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଜଗିରଖି ନ ଚଳିଲେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ, ସାମାଜିକ କିମ୍ବା ରାଜନୈତିକ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି ।

**କୁମ୍ଭ** ପାରିବାରିକ ଶୃଙ୍ଖଳା ରକ୍ଷା କରିବା ପାଇଁ ବନ୍ଧୁମାନଙ୍କ ସାହାଯ୍ୟ ଦରକାର ପଡ଼ିପାରେ। କର୍ମକ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଶନି କ୍ଷେତ୍ରସ୍ଥ ମଙ୍ଗଳଜନିତ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ସହକର୍ମୀଙ୍କ ପାରିବାରିକ କ୍ଷେତ୍ରର ସ୍ପର୍ଶକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ।

**ମୀନ** ଦ୍ୱାଦଶସ୍ଥ ରବିଙ୍କ ପ୍ରଭାବରୁ ସରକାରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅତୀତ କଥାକୁ ନେଇ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଶୁକ୍ରଜନିତ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିପାରିବେ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବାର ଆଶଙ୍କା ରହିଛି।

ଆଜି ଫେବୃଆରୀ ୨୨ ତାରିଖ, ମୌଲାନା ଆବୁଲ୍ କଲାମ୍ ଆଜାଦଙ୍କ ତିରୋଧାନ ଦିବସ, ଫାଲ୍‌ଗୁନ ଶୁକ୍ଳ ୫ମୀଯୁକ୍ତ ଷଷ୍ଠୀ ରବିବାର। ଆଜି ଅଶ୍ୱିନୀ ନକ୍ଷତ୍ରେ ସର୍ବବେଦୀ ବ୍ରତୋପନୟନ, ବିବାହ ଓ ପାଣିଗ୍ରହଣ, ନବବଧୂ ଯାତ୍ରା, ବିଦ୍ୟାରମ୍ଭ, କ୍ରୟବାଣିଜ୍ୟ ସକାଶେ ଶୁଭଦିନ। ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୫ ଗତେ ଘ.୧୦।୦୫ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୯ ଗତେ ଘ.୦୫।୪୫ ମଧ୍ୟେ ରାହୁକାଳ।




# ଧୋଇଗଲା ପ୍ରଶ୍ନକାଳ, ଶୂନ୍ୟକାଳ

## ପୂର୍ବାହ୍ଣରେ ୧୦, ଅପରାହ୍ଣରେ ୧୨ ମିନିଟ୍ ଚାଲିଲା ଗୃହ

ଭୁବନେଶ୍ୱର,୨୧।୨ (ରବିନାରାୟଣ ଜେନା/ସୁନିତ୍ ମିଶ୍ର)

ଚଳିତବର୍ଷ ଖରିଫ ଋତୁରେ ଚାଷୀଙ୍କଠାରୁ ଧାନ ସଂଗ୍ରହକୁ ନେଇ ବିଧାନସଭା ୪ଦିନ ଧରି ସରଗରମ ରହିଛି। କେଉଁଦିନ ୭ ମିନିଟ୍ ଚାଲୁଛି ତ ଆଉ କେଉଁଦିନ ୧୦ରୁ ୧୨ ମିନିଟ୍। ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନରେ ପ୍ରଥମଦିନ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣ ପରେ ଧନ୍ୟବାଦ ଆଲୋଚନାରୁ ହଟି ବିରୋଧୀ ବିଜେଡି ଓ କଂଗ୍ରେସ ଚାଷୀଙ୍କ ସମସ୍ୟାକୁ ପ୍ରସଙ୍ଗ କରିଛନ୍ତି। ଶନିବାର ଗୃହରେ ବିରୋଧୀଙ୍କ ପ୍ରବଳ ହଙ୍ଗାମା ଯୋଗୁ ଦୁଇଟି ପର୍ଯ୍ୟାୟରେ ମାତ୍ର ୨୨ ମିନିଟ୍ ଗୃହ କାର୍ଯ୍ୟ ଚାଲିଛି। ପୂର୍ବାହ୍ଣରେ ଦୁଇଥର ମୁଲତବୀ ହେବା ସହିତ ମାତ୍ର ୧୦ମିନିଟ୍ ଗୃହ ଚାଲିଥିବାବେଳେ ଅପରାହ୍ଣରେ ଯଥାକଥାରେ ୧୨ ମିନିଟ୍ ଚାଲିଛି। ଫଳରେ ପ୍ରଶ୍ନକାଳ, ଶୂନ୍ୟକାଳ ଧୋଇଯାଇଥିବା ବେଳେ ମୁଲତବୀ ଆଲୋଚନା ଭଳି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟ ହୋଇପାରିନାହିଁ। ରାଜ୍ୟରେ ଧାନବିକ୍ରି ଓ ଚାଷୀ ସମସ୍ୟାକୁ ନେଇ କ୍ରମାଗତଭାବେ ୪ର୍ଥ ଦିନରେ ମଧ୍ୟ ବିରୋଧୀ ଗୃହ ଅଚଳ କରିଛନ୍ତି।

ଶନିବାର ପୂର୍ବାହ୍ଣରେ ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ମହିଳା ଓ ଶିଶୁ ବିକାଶ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭାଜପା ସଦସ୍ୟ ଭାସ୍କର ମଢ଼େଇଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଡାକିଥିଲେ। ଉପମୁଖ୍ୟମନ୍ତ୍ରୀ ଉତ୍ତର ଦେବା ପୂର୍ବରୁ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଗଣେଶ୍ୱର ବେହେରା, ଡ. ଅରୁଣ ସାହୁ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସଦସ୍ୟ ଦିବ୍ୟଶଙ୍କର ମିଶ୍ର ଓ ସୁନୀଲ ମହାନ୍ତି ପ୍ରମୁଖ ଗୃହର ମଧ୍ୟଭାଗକୁ ପୋଷ୍ଟର ଓ ବ୍ୟାନର ଧରି ପଶି ଆସିଥିଲେ। ସେହିପରି କଂଗ୍ରେସ ସଦସ୍ୟ ଡ. ସି.ରାଜନ ଏକ୍କା, ସୋଫିଆ ଫିର୍ଦ୍ଦୋସ ଏବଂ ଅଶୋକ ଦାସ ପ୍ରମୁଖ କଳାପଟି ବାନ୍ଧି ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଙ୍ଗାମା କରିଥିଲେ। 'କର୍ଟ୍ନିଛଟ୍ନି ଚଳିବ ନାହିଁ' ସହିତ ସରକାରବିରୋଧୀ ସ୍ଲୋଗାନ ଦେଇ ଗୃହ କମ୍ପାଇଥିଲେ। ନିଜ ନିଜ ଆସନକୁ ଫେରିଯିବାକୁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ପ୍ରଶ୍ନକାଳ ଚାଲିଥିବା ବେଳେ ବିରୋଧୀ ସଦସ୍ୟ ପଏଣ୍ଟ ଅଫ୍ ଅର୍ଡର ମାଗିଥିବା ବେଳେ ଏହାକୁ ବାଚସ୍ପତି ଅଗ୍ରାହ୍ୟ କରିଥିଲେ। ବିରୋଧୀ ସଦସ୍ୟ ହଙ୍ଗାମା ଜାରି ରଖିବାରୁ ବାଚସ୍ପତି ୧୦ଟା ୩୬ମିନିଟ୍‌ରୁ ୧୧ଟା ୩୦ ଯାଏ ଏବଂ ପରେ ୧୧ଟା ୩୪ରୁ ଅପରାହ୍ଣ ୪ଟା ଯାଏ ଗୃହ ମୁଲତବୀ ଘୋଷଣା କରିଥିଲେ। ଏହାକୁ ନେଇ ଗୃହ ବାହାରେ ଶାସକ-ବିରୋଧୀ ପରସ୍ପରକୁ ରାଜନୈତିକ ଆରୋପ ଓ ପ୍ରତ୍ୟାରୋପ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଅପରାହ୍ଣ ୪ଟା ପରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ବିରୋଧୀଙ୍କ ହଙ୍ଗାମା ଭିତରେ ଗୃହ ବିଭାଗ, ରାଜସ୍ୱ, ଅର୍ଥ, ପଞ୍ଚାୟତିରାଜ ଓ ଶ୍ରମ ବିଭାଗର କାଗଜ ସହ ଗୃହରେ ଓଡ଼ିଶା ନିର୍ମାଣ ନିଗମର ୨୦୨୧-୨୨, କାଜୁ ନିଗମର ୨୦୨୧-୨୨, ୨୩-୨୪ ଏବଂ ଖଣି ନିଗମର ୨୦୨୪-୨୫ର ରିପୋର୍ଟ ଗୃହରେ ଉପସ୍ଥାପନ ହୋଇଥିଲା। ପରେ ବାଚସ୍ପତି ଗୃହକୁ ସୋମବାର ପୂର୍ବାହ୍ଣ ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଗୃହ ମୁଲତବୀ ପରେ ଶାସକ ଓ ବିରୋଧୀଙ୍କ 'ଆରୋପ ପ୍ରତ୍ୟାରୋପ' ଦେଖିବାକୁ ମିଳିଥିଲା। ଗୃହ ବାହାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ସରକାର ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ଚାହୁଁନାହାନ୍ତି। ବିରୋଧୀମାନେ ୪ଦିନ ଧରି ଏହି ପ୍ରସଙ୍ଗରେ ଆଲୋଚନା କରିବାପାଇଁ ଦାବିକରୁଥିଲେ ମଧ୍ୟ ଶୁଣୁନାହାନ୍ତି। ସରକାର ଓ ମିଲର୍ସ ମିଶି ଚାଷୀଙ୍କୁ ଶୋଷଣ କରୁଛନ୍ତି ବୋଲି ସେ କହିଥିଲେ।

ସେହିପରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଗୃହ ଚଳାଇବା ପାଇଁ ସରକାରଙ୍କ ମାନସିକତା ନାହିଁ। ଆଲୋଚନା ହେଲେ ସରକାରଙ୍କ ଦୋଷ ପଦାକୁ ଆସିଯିବ। ସରକାର ସେଥିପାଇଁ ପ୍ରସ୍ତୁତ ନୁହନ୍ତି। ଗୃହ ଚଳାଇବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ସରକାର ଆଜି ଯାଏ କାହିଁକି ଧାନ କିଣିପାରୁ ନାହାନ୍ତି। ଚାଷୀଙ୍କୁ ଟୋକନ ମିଳୁ ନାହିଁ। ସରକାର ଗୃହ ଓ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଖରିଫ୍ ଧାନ ଏଯାଏ ଉଠୁନାହିଁ। ଏପଟେ ଡାଲୁଆ ଧାନ ଆରମ୍ଭ ହେଲାଣି। ଚାଷୀ ଚିନ୍ତାରେ ଅଛନ୍ତି ବୋଲି ସେ କହିଥିଲେ।

ଅନ୍ୟପକ୍ଷରେ ସରକାରୀଦଳ ପକ୍ଷରୁ ସଦସ୍ୟ ସନାତନ ବିଜୁଳି କହିଥିଲେ, ୪ ଦିନ ହେବ ବିଧାନସଭାକୁ ବିରୋଧୀ ବନ୍ଦ କରିଲେଣି। ଯେତେବେଳେ ସମସ୍ତେ ଖୁସି ହୁଅନ୍ତି ସରକାରଙ୍କ ନିଷ୍ପତ୍ତିରେ ସେତେବେଳେ ବିରୋଧୀ ଦୁଃଖୀ ହୋଇଯାନ୍ତି। ପ୍ରକୃତରେ ବିରୋଧୀ ବିକାଶ ବିରୋଧୀ। କଂଗ୍ରେସ ଓ ବିଜେଡି ହାତ ମିଳେଇଛନ୍ତି ବୋଲି ସେ କହିଥିଲେ।



ଦିଲ୍ଲୀସ୍ଥିତ ଭାରତ ମଣ୍ଡପମରେ ଆୟୋଜିତ 'ଏଆଇ' ସମ୍ମିଳନୀରେ ଯୁବ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ ସମୟରେ କେନ୍ଦ୍ର ସରକାରଙ୍କ ଗୁଣ୍ଡାବାହିନୀ ତଥା ଦିଲ୍ଲୀ ପୋଲିସ ଆକ୍ରୋଶମୂଳକ ଭାବେ ଯେଉଁଭଳି ଗିରଫ କଲା ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଅଭିଯୋଗ କରି ଶନିବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନଠାରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଗଞ୍ଜାମ ଜିଲା: ମାଟ୍ରିକ୍ ପରୀକ୍ଷା ପରିଚାଳନାରେ ତ୍ରୁଟି

ବ୍ରହ୍ମପୁର,୨୧।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ମାଟ୍ରିକ୍ ପରୀକ୍ଷା ପରିଚାଳନାରେ ତ୍ରୁଟି ଦେଖିବାକୁ ମିଳିଛି। ବିଦ୍ୟାଳୟର ଅବହେଳାପୂର୍ଣ୍ଣ ଆଚରଣ କାରଣରୁ ସେଣ୍ଟରରେ ପରୀକ୍ଷାର୍ଥୀଙ୍କୁ ଭୁଲ୍ ପ୍ରଶ୍ନପତ୍ର ପ୍ରଦାନ କରାଯାଇ ପରୀକ୍ଷା ସମୟ ନଷ୍ଟ କରିବା ସହ ମାନସିକ ଅବସାଦରେ ରହିଥିବା ପରି ସଙ୍ଗିନ ଅଭିଯୋଗ କରିଛନ୍ତି ଛାତ୍ର ଓ ଅଭିଭାବକ। ମୂଲ୍ୟାୟନ ସମୟରେ ଏହି ଅଭାବନୀୟ ସ୍ଥିତି କାରଣରୁ ମାର୍କରେ ଯେପରି ତ୍ରୁଟି ନ ହୁଏ ସେଥିନେଇ ଜିଲା ଶିକ୍ଷାଧିକାରୀଙ୍କ ସମେତ ଜିଲା ପ୍ରଶାସନର ସହାୟତା ଲୋଡାଯାଇଛି। ସ୍ଥାନୀୟ ପିଏମଶ୍ରୀ ସିଟିଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ପରୀକ୍ଷାର୍ଥୀଙ୍କ ସେଣ୍ଟର ନିକଟସ୍ଥ ବାବାଜୀଟୋଟା ନିକଟସ୍ଥ ସରକାରୀ କ୍ରିନ୍ ଅଫ୍ ଦି ମିଶନ ଉଚ୍ଚ ବିଦ୍ୟାଳୟରେ ରହିଛି। ଗତ ୧୯ ତାରିଖରେ ପ୍ରଥମ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ର ସେଣ୍ଟରକୁ ଆସିଥିଲେ। କେନ୍ଦ୍ରରେ ପହଞ୍ଚିବା ପରେ ରୁମ୍ ନମ୍ବର ୬ରେ ନିଜ ନିଜର ସିଟ୍‌ରେ ବସିଥିଲେ। ରୁମ୍ ଦାୟିତ୍ୱରେ ଥିବା ଶିକ୍ଷକ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ସେଟ୍ ସହ ଓଏମ୍ଆର ସିଟ ପ୍ରଦାନ କରିଥିଲେ। ଏହା ପରେ ପିଲାମାନେ ଉତ୍ତର ଲେଖିବା ଆରମ୍ଭ କରିଥିଲେ। ପ୍ରାୟ ୨୦ ମିନିଟ୍‌ରୁ ଅଧିକ ସମୟ ପରେ ତାହା ଭୁଲ୍ ଥିବା ଜାଣି ଶିକ୍ଷକ ଉକ୍ତ ସେଟ୍‌କୁ ପରିବର୍ତ୍ତନ କରି ପୁଣି ଉତ୍ତର ଲେଖିବାକୁ କହିଥିଲେ। ପୂର୍ବରୁ ଲେଖିଥିବା ଉତ୍ତରକୁ ହ୍ୱାଇଟନର୍‌ରେ ସଂଶୋଧନ କରିବା ପାଇଁ ପରାମର୍ଶ ଦେଇଥିଲେ। ପରୀକ୍ଷା ସରିବା ପରେ ସମସ୍ୟା ବିଷୟରେ ଅଭିଭାବକଙ୍କ ସହ ଆଲୋଚନା କରି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବସନ୍ତ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଗାମୀ ଦିନରେ ମୂଲ୍ୟାଙ୍କନ ସମୟରେ କୌଣସି ସମସ୍ୟା ନ ଉପୁଜିବ ସେନେଇ ଶିକ୍ଷା ପ୍ରଶାସନର ସହାୟତା ଲୋଡ଼ିଛନ୍ତି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ୨୮କୁ ବୃଦ୍ଧି

## ଜିଲା, ବ୍ଲକ ଶିକ୍ଷା ଅଧିକାରୀଙ୍କ ଆବେଦନ କୋହଳ

ଭୁବନେଶ୍ୱର,୨୧।୨ (ସୁଚିସ୍ମିତା ସାହୁ)

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ସମୟସୀମାକୁ ପୁଣି ଥରେ ବୃଦ୍ଧି କରାଯାଇଛି। ପୂର୍ବରୁ ଏହାକୁ ଫେବୃଆରୀ ୧୮ ତାରିଖ ଯାଏ ବଢ଼ାଯାଇଥିଲାବେଳେ ଏବେ ଆସନ୍ତା ୨୮ ତାରିଖକୁ ପୁନଃ ବୃଦ୍ଧି କରାଯାଇଛି। ଏଥିସହ ଏହି ପୁରସ୍କାର ପାଇଁ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଆବେଦନକୁ କୋହଳ କରାଯାଇଛି। ପୂର୍ବ କାର୍ଯ୍ୟରତ ଜିଲା ଓ ବ୍ଲକରେ ୩୧ ମାର୍ଚ୍ଚ ୨୦୨୪ ଭିତରେ ଯୋଗଦେଇଥିଲେ ସେମାନେ ପୁରସ୍କାର ପାଇଁ ଆବେଦନ କରିପାରିବେ। ଏଥିପାଇଁ www.msp.odisha.gov.inରେ ଆବେଦନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ପୁରସ୍କାର, ଜିଲା ଶିକ୍ଷା ଅଧିକାରୀ ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ ପୁରସ୍କାର, ଜିଲା ପୁରସ୍କାର, ବ୍ଲକ ପୁରସ୍କାର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ୱେବ୍‌ସାଇଟରେ ସମସ୍ତ ସୂଚନା ଉପଲବ୍ଧ ରହିଥିବା କୁହାଯାଇଛି।

# ରାଜ୍ୟରେ ଶିଶୁ ଜନ୍ମ ହାର ହ୍ରାସ ପାଉଛି

## ଅତିଶୟ ପୁଷ୍ଟିହୀନରେ ଗଞ୍ଜାମ ପ୍ରଥମ, ପୁଷ୍ଟିହୀନରେ ମୟୂରଭଞ୍ଜ

ଭୁବନେଶ୍ୱର,୨୧।୨ (ସୁଚିସ୍ମିତା ସାହୁ)

ରାଜ୍ୟରେ ଶିଶୁ ଜନ୍ମ ହାର ହ୍ରାସ ପାଉଛି। ଶନିବାର ବିଧାନସଭାରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଇଥିବା ତଥ୍ୟ ଅନୁସାରେ, ୨୦୦୦ ମସିହାରେ ରାଜ୍ୟରେ ଶିଶୁ ଜନ୍ମହାର ୨୪.୧% ଥିବାବେଳେ ୨୦୨୩ ମସିହାରେ ଏହା ୧୬%କୁ ହ୍ରାସ ପାଇଛି। ଅର୍ଥାତ୍ ୧୦୦୦ ଜନସଂଖ୍ୟାରେ ୧୬ଜଣ ପିଲା ଜନ୍ମ ହୋଇଛନ୍ତି। ୨୦୨୫ ମସିହାରେ ପ୍ରକାଶିତ ଏସ୍‌ଆର୍‌ଏସ୍ ସର୍ଭେ ରିପୋର୍ଟରୁ ଏହା ଜଣାପଡ଼ିଛି।

ସେହିପରି ରାଜ୍ୟରେ ଜନ୍ମରୁ ୫ବର୍ଷ ବୟସର ୧୪୭୭୭ଜଣ ଅତିଶୟ ପୁଷ୍ଟିହୀନ ଶିଶୁ ଥିବାବେଳେ ୬୪,୯୩୬ ଜଣ ପୁଷ୍ଟିହୀନ ଶିଶୁ ରହିଛନ୍ତି। କମ୍ ଓଜନ ବିଶିଷ୍ଟ ଶିଶୁଙ୍କ ସଂଖ୍ୟା ୩ଲକ୍ଷ ୯ହଜାର ୭୦୭ ରହିଥିବାବେଳେ ବୟସ ତୁଳନାରେ ଉଚ୍ଚତା କମ ଥିବା ଶିଶୁଙ୍କ ସଂଖ୍ୟା ରାଜ୍ୟରେ ୬,୯୮,୬୭୬ ରହିଛି। ତେବେ ପୁଷ୍ଟିହୀନ, କମ୍ ଓଜନ ବିଶିଷ୍ଟ ଶିଶୁ ଓ ବୟସ ତୁଳନାରେ ଉଚ୍ଚତା କମ୍ ଥିବା ଶିଶୁ ମୟୂରଭଞ୍ଜରେ ସର୍ବାଧିକ ରହିଛନ୍ତି। ଅନ୍ୟପକ୍ଷରେ ଅତିଶୟ ପୁଷ୍ଟିହୀନ ଶିଶୁ ସଂଖ୍ୟାରେ ଗଞ୍ଜାମ ଜିଲା ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟରେ ମୟୂରଭଞ୍ଜ ଏବଂ ତୃତୀୟରେ ବାଲେଶ୍ୱର ରହିଛି ବୋଲି ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡ଼ିଛି।

# କାନ୍ଥ ସୁଡ଼ଙ୍ଗରୁ ମିଳିଲା ବ୍ରାଉନସୁଗାର

## ୨୭୯ ଗ୍ରାମ୍ ଜବତ, ମହିଳାଙ୍କ ସମେତ ୪ ଗିରଫ

ଜଳେଶ୍ୱର,୨୧।୨ (ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଜପୁର ଏବଂ ପଞ୍ଚୁଘଣ୍ଟା ଅଞ୍ଚଳରେ ପୃଥକ ଭାବେ ଚଢ଼ାଉ କରି ପୋଲିସ ୨୭୯ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି।

ଜଳେଶ୍ୱର ଥାନା ଅଧୀନସ୍ଥ ରାଜପୁର ଗ୍ରାମରେ ସିରାଜଦୁଲଙ୍କ ସ୍ତ୍ରୀ ରୁବିନା ବିବି (୨୭) ଦୀର୍ଘ ଦିନ ଧରି ବ୍ରାଉନସୁଗାର କାରବାର କରୁଥିବା ନେଇ ପୋଲିସ ପାଖରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ଆଇଆଇସି ଅଶୋକ କୁମାର ବାରିକଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ବନିତା ନାୟକଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ୍ ରୁବିନାଙ୍କ ଘରେ ଚଢ଼ାଉ କରିଥିଲେ। ତଲାସୀ ସମୟରେ ଘରର ଏକ ପକ୍କା କାନ୍ଥ ଭିତରେ କରାଯାଇଥିବା ସୁଡ଼ଙ୍ଗରୁ ୨୫୯ ଗ୍ରାମ ବ୍ରାଉନସୁଗାର ମିଳିଥିଲା। ପୋଲିସ ରୁବିନାଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ଥାନାରେ ଏକ ମାମଲା (ନଂ. ୧୦୨/୨୬) ରୁଜୁ କରିଛି। ସେହିପରି ପଞ୍ଚୁଘଣ୍ଟା ରାସ୍ତାରୁ ୩ଜଣ ଯୁବକଙ୍କୁ ଗିରଫ କରାଯାଇଛି। ସନ୍ଦେହଜନକ ଭାବେ ବୁଲୁଥିବା ଅବସ୍ଥାରେ ପୋଲିସ ଚଢ଼ାଉ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଶିଖରପୁରର ସୁଦର୍ଶନ ଜେନା, ବାବୁ ମୁଖୀ ଏବଂ ଗୋପ ଗ୍ରାମର ସତ୍ୟପ୍ରକାଶ ହୋତା। ସେମାନଙ୍କ ନିକଟରୁ ୨୦ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୧୦୩/୨୬) ରୁଜୁ କରି ତଦନ୍ତ ଜାରି ରଖିଛି।

# ରାହୁଲଙ୍କ ସହ ରାଜ୍ୟ ରାଜନୀତି ଉପରେ ଚର୍ଚ୍ଚା କଲେ ଅରୋ


କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଏଆଇସିସି ରିସର୍ଚ୍ଚ କମିଟି ସଂଯୋଜକ ଅରୋ ପ୍ରସାଦ ମିଶ୍ର।

ଭୁବନେଶ୍ୱର,୨୧।୨ (ସୁନିତ୍ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ରିସର୍ଚ୍ଚ କମିଟିରେ ସଂଯୋଜକ ଭାବେ ସ୍ଥାନ ପାଇଥିବା ଓଡ଼ିଶାର ଅରୋ ପ୍ରସାଦ ମିଶ୍ର ନୂଆଦିଲ୍ଲୀସ୍ଥିତ ଜବାହର ଭବନଠାରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ସାକ୍ଷାତ କରିଛନ୍ତି। ଉଭୟଙ୍କ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି ଆଲୋଚନା ହୋଇଥିବା ବେଳେ ଏହି ଅବସରରେ ସେ ଜାତୀୟ ଏବଂ ଓଡ଼ିଶା ପ୍ରସଙ୍ଗରେ ଚର୍ଚ୍ଚା କରିଥିବା ଜଣାପଡ଼ିଛି। ରାଜ୍ୟରେ ଭାଜପା ନେତୃତ୍ୱାଧୀନ ସରକାର ଆସିବା ପରେ ମହିଳା ନିର୍ଯାତନା ତଥା ଚାଷୀମାନଙ୍କ ପ୍ରମୁଖ ସମସ୍ୟାଗୁଡ଼ିକ ଉପରେ ସେ ଏହି ଅବସରରେ ରାହୁଲଙ୍କୁ ଅବଗତ କରାଇଥିବା କହିଛନ୍ତି। ଏପରିକି ରାଜ୍ୟରେ ଦଳର ସାଙ୍ଗଠନିକ ଶକ୍ତିବୃଦ୍ଧି ପାଇଁ ସମ୍ଭାବ୍ୟ ପଦକ୍ଷେପଗୁଡ଼ିକ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି। ଏହାପରେ ରାହୁଲ ଏଆଇସିସି ରିସର୍ଚ୍ଚ ଟିମ୍ ସହ ଜାପାନୀ ମାର୍ଶାଲ ଆର୍ଟ 'ଜିଉ ଜିତ୍ସୁ' ଓ ଆଧୁନିକ ସମୟର ଭାରତୀୟ ରାଜନୀତି ବିଷୟରେ କଥା ହୋଇଥିଲେ। ଚାପ ମଧ୍ୟରେ ସ୍ଥିର ରହିବା, ଅନୁକୂଳନଶୀଳତା ସୃଷ୍ଟିକରିବା ଏବଂ ଭୟକୁ ତ୍ୟାଗ କରିବାର କଳା ଶିଖିବା ପାଇଁ ରାହୁଲ ପରାମର୍ଶ ଦେଇଛନ୍ତି।

# ବାହାଘରୁ ଫେରିବାବେଳେ ଦୁର୍ଘଟଣା: ୨ ମୃତ


ବିସ୍ମୟ ଦାସ


ଅମିତ କୁମାର ସାହୁ

ଛେଣ୍ଡିପଦା,୨୧।୨ (ଅଜିତ ଧଳ)/ ଅନୁଗୋଳ (ଜ୍ୟୋତିରଞ୍ଜନ ସାହୁ)

ବିବାହ ଉତ୍ସବରେ ଯୋଗଦେଇ ଘରକୁ ଫେରୁଥିବା ବେଳେ ଟ୍ରକ୍ ପଛରେ କାର୍ ପିଟିହେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଜରପଡ଼ା ଥାନା ମରାତିରାଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଛି ଏହି ଦୁର୍ଘଟଣା। କାର୍‌ରେ ଥିବା ୩ଜଣଙ୍କ ମଧ୍ୟରୁ ତାଳଚେରର ଛାତ୍ର ବିଜେଡି ନେତା ଅମିତ କୁମାର ସାହୁ ଓ ବିସ୍ମୟ ଦାସଙ୍କ ମୃତ୍ୟୁ ହୋଇଥିବାବେଳେ ଗୋପାଳ ସାହୁ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ରାତି ପ୍ରାୟ ୧୨ଟା ୪୦ରେ ଅମିତ, ବିସ୍ମୟ ଓ ଗୋପାଳ ଏକ କାର୍ (ନଂ. ଓଡି ୧୯ ୟୁ ୦୦୪୫)ରେ ସମ୍ବଲପୁରରୁ ଅନୁଗୋଳ ଆସୁଥିଲେ। ବିବାହ ଉତ୍ସବରୁ ସେମାନେ ଫେରୁଥିବା ବେଳେ ମରାତିରା ଛକ ନିକଟରେ ଏକ ଟ୍ରକ୍ (ନଂ. ଓଡି ୦୩ ୱାଇ ୧୩୮୮) ପଛରେ ପିଟିହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ଅମିତ ଓ ବିସ୍ମୟଙ୍କ ମୃତ୍ୟୁ ଘଟିଥିଲା। ଅଗ୍ନିଶମ କର୍ମଚାରୀଙ୍କ ସହ ପୋଲିସ ଓ ସ୍ଥାନୀୟ ଲୋକେ ଗୋପାଳଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ପୋଲିସ ନଂ. ୬୮/୨୬ରେ ମାମଲା ରୁଜୁ କରିବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଓ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମୃତ ଅମିତ ତାଳଚେର ଛାତ୍ର ଜନତା ଦଳ ସଭାପତି ସହ ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଅନୁଗତ ଥିଲେ। ତାଙ୍କ ମୃତ୍ୟୁରେ ଜିଲା ରାଜନୀତିରେ ଶୋକର ଛାୟା ଖେଳିଯାଇଛି। ବିଧାୟକ ପ୍ରଧାନ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମୁଙ୍ଗେରିଲାଲଙ୍କ ହସିନ ସ୍ୱପ୍ନ ଭଳି ବଜେଟ: ବିଜେଡି

ଭୁବନେଶ୍ୱର,୨୧।୨ (ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ ଓ ଗୌତମବୁଦ୍ଧ ଦାସ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ କରିଛନ୍ତି। ହେଲେ ବିଜେଡି ପକ୍ଷରୁ ଏହି ବଜେଟକୁ ଅନ୍ତସାର ଶୂନ୍ୟ ଓ କେବଳ ପ୍ରଚାରଧର୍ମୀ ବଜେଟ ବୋଲି ଅଭିହିତ କରାଯାଇଛି। ଶନିବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟ ସରକାର ଗତବର୍ଷଠାରୁ ୨୦ ହଜାର କୋଟି ଟଙ୍କା ବଢ଼ାଇ ୩.୧୦ ଲକ୍ଷ କୋଟି ଟଙ୍କାର ଯେଉଁ ବଜେଟ ଆଣି ବାହାଦୁରି ନେବାକୁ ଚେଷ୍ଟା କରୁଛନ୍ତି ତାହା ଗ୍ରହଣୀୟ ନୁହେଁ। ପୂର୍ବବର୍ଷ ତୁଳନାରେ ୬.୨୫% ବୃଦ୍ଧି ହୋଇଥିବା ବେଳେ ମୁଦ୍ରାସ୍ଫୀତିକୁ ୮% ହାରରେ ବିଚାରକୁ ନେଲେ ବଜେଟ ପରିମାଣ ବୃଦ୍ଧି ହୋଇନାହିଁ ବରଂ ୨% ହ୍ରାସ ପାଇଛି। ସରକାରଙ୍କ ଆୟ କମୁଥିବାରୁ ଋଣ ଭାରରେ ଓଡ଼ିଶାକୁ ବୁଡ଼ାଉଛନ୍ତି। ନବୀନ ପଟ୍ଟନାୟକ ଓଡ଼ିଶାର ଦାୟିତ୍ୱ ନେବାପରେ ରାଜ୍ୟର ବିପର୍ଯ୍ୟସ୍ତ ଆର୍ଥିକ ସ୍ଥିତିକୁ ସୁଧାର କରି ଓଡ଼ିଶାକୁ ଏକ ଶୃଙ୍ଖଳିତ ରାଜ୍ୟରେ ପରିଣତ କରିଥିଲେ। ବର୍ତ୍ତମାନର ସରକାର କେବଳ ଋଣକରି ରାଜ୍ୟର ଆର୍ଥିକ ସ୍ଥିତିକୁ ଆଉ ଥରେ ବିପଦ ଆଡ଼କୁ ଠେଲି ଦେଉଛନ୍ତି। ମାତ୍ର ୩ଟି ବଜେଟରେ ବର୍ତ୍ତମାନର ସରକାର ପ୍ରାୟ ୧.୩୮ ଲକ୍ଷ କୋଟି ଋଣ କଲେଣି। ସରକାର ଋଣ ଉପରେ ନିର୍ଭରକରି ରାଜ୍ୟବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି। କୃଷକମାନଙ୍କ ସମସ୍ୟାକୁ ସମାଧାନ କରିବା ଲାଗି ସରକାରଙ୍କ କୌଣସି ଯୋଜନା କି ଆନ୍ତରିକତା ନାହିଁ। ସ୍ୱାସ୍ଥ୍ୟ ବିଭାଗର ପରିମାଣକୁ କମାଇ ଦିଆଯାଇଛି। ଭିବିଜି ରାମ ଜି ଯୋଜନାରେ ୯୦:୧୦ ପରିବର୍ତ୍ତେ ୬୦: ୪୦ରେ ଖର୍ଚ୍ଚ ହେବ, ଯାହା ରାଜ୍ୟ ଉପରେ ଅଧିକ ଆର୍ଥିକ ବୋଝ ବଢ଼ିବ। ଏହା ସରକାରଙ୍କ ଏକ ପ୍ରଚାରଧର୍ମୀ ବଜେଟ। ଅନେକ ଯୋଜନା ଘୋଷଣା କରାଯାଇଥିବା ବେଳେ ସେଥିଲାଗି ଅର୍ଥ ବ୍ୟବସ୍ଥା କରାଯାଇ ନାହିଁ। ମୁଙ୍ଗେରିଲାଲଙ୍କ ହସିନ ସ୍ୱପ୍ନ ଭଳି ସରକାର ରାଜ୍ୟର ବିକାଶ ପାଇଁ ରାଜ୍ୟବାସୀଙ୍କୁ କେବଳ ସ୍ୱପ୍ନ ଦେଖାଇଥିବା ପ୍ରସନ୍ନ କହିଛନ୍ତି। ଏହି ଅବସରରେ ବିଧାୟକ ନିରଞ୍ଜନ ପୂଜାରୀ ଏବଂ ଗୌତମବୁଦ୍ଧ ଦାସ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଜଗତ୍‌ସିଂହପୁର ଜନସାଧାରଣ

ଭୁବନେଶ୍ୱର,୨୧।୨ (ସୁନିତ୍ ମିଶ୍ର)


ରାଜ୍ୟ ଅତିଥିଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟୁଛନ୍ତି ଜଗତ୍‌ସିଂହପୁର ନାଗରିକ ସମାଜ ଓ ଯୁବ ସମାଜ ସଦସ୍ୟ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ରାଜ୍ୟ ଅତିଥି ଭବନଠାରେ ଜଗତ୍‌ସିଂହପୁର ଜିଲାର ନାଗରିକ ସମାଜ ଓ ଯୁବ ସମାଜ ପକ୍ଷରୁ ୧ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ରହି ଜିଲାରେ ନୂତନ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ହୋଇଥିବା ୨୦୨୬-୨୭ ଆର୍ଥିକ ବର୍ଷ ବଜେଟରେ ଜଗତ୍‌ସିଂହପୁର ଜିଲାରେ ଏକ ବିଶ୍ୱବିଦ୍ୟାଳୟ ଓ ପାରାଦୀପରେ ଏକ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ପାଇଁ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏବଂ ଜିଲାର ଅନ୍ୟାନ୍ୟ ନେତୃବର୍ଗଙ୍କ ନେତୃତ୍ୱରେ ଜଗତ୍‌ସିଂହପୁର ଜିଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରୁ ୧ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବିଶେଷକରି ଯୁବବର୍ଗ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଜିଲାବାସୀ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଉକ୍ତ ନିଷ୍ପତ୍ତି ହେଉଛି ବିକଶିତ ଜଗତ୍‌ସିଂହପୁର ଜିଲା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାର ନିଦର୍ଶନ। ଏହା ମାଧ୍ୟମରେ ଜିଲାରେ ଗୁଣାତ୍ମକ ଉଚ୍ଚଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ଓ ବୈଷୟିକ ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ।

ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡିକୁ ମାନିବାକୁ ତତ୍ପର ହେଉଥାଅ– ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। – ଶ୍ରୀମା



# ଗୁଜରାଟ ମଡେଲର ସ୍ଥିତି



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା) ପ୍ରାୟ ୩୦ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଗୁଜରାଟରେ ଶାସନ କରିଆସୁଛି। ବାସ୍ତବରେ ଗୁଜରାଟ ଏକ ଦୁଇ–ଦଳୀୟ ରାଜ୍ୟ। କିନ୍ତୁ ବାବ୍ରୀ ମସ୍‌ଜିଦ ପତନ ପରେ କଂଗ୍ରେସ କୌଣସି ବିଧାନସଭା କିମ୍ବା ଲୋକସଭା ନିର୍ବାଚନ ଜିତିନାହିଁ। ଭାଜପା ଏହି ସମୟ ମଧ୍ୟରେ ଶାସନ ଏବଂ ଆଇନ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପୂର୍ଣ୍ଣ ସୁଯୋଗ ଏବଂ ସ୍ୱାଧୀନତା ପାଇଛି। ପ୍ରାୟ ୨୦ ବର୍ଷ ପୂର୍ବେ, ୨୦୦୨ର ଗଣହତ୍ୟା ପରେ 'ଗୁଜରାଟ ମଡେଲ' ଖଣ୍ଡବାକ୍ୟ ସାମ୍ନାକୁ ଆସିଥିଲା। ଏହି ମଡେଲ କ'ଣ ଏବଂ ଏହା ନୂତନ ଭାରତ ସମ୍ପର୍କରେ କ'ଣ ପ୍ରକାଶ କରିପାରେ ଆସନ୍ତୁ ତାହା ଉପରେ ନଜର ପକାଇବା। ଗୁଜରାଟ ମଡେଲର ପ୍ରଥମ ଅଂଶ ହେଉଛି ମୁସଲମାନଙ୍କୁ ରାଜନୀତିରୁ ବାଦ୍ ଦେବା। ଅନେକ ଦଶନ୍ଧି ଧରି ଗୁଜରାଟରେ କୌଣସି ମୁସଲମାନ ଭାଜପାର ବିଧାୟକ କିମ୍ବା ମନ୍ତ୍ରୀ ନାହାନ୍ତି ଏବଂ ଦଳ ସେମାନଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ମଧ୍ୟ ଦେଉନାହିଁ। ସେମାନଙ୍କୁ ରାଜନୀତିରୁ ଦୂରେଇ ଦେବା ପାଇଁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ଏହା ବି ନୂତନ ଭାରତରେ ପୁନରାବୃତ୍ତି ହୋଇଛି। ଗତ ତିନୋଟି ଲୋକସଭାରେ ଭାଜପା ଜିତିଥିଲେ ବି କୌଣସିଥିରେ ମୁସଲମାନ ନାହାନ୍ତି। ଏବେ ଭାଜପାର ପ୍ରାୟ ୯୦ ଜଣ ରାଜ୍ୟସଭା ସାଂସଦ ଅଛନ୍ତି, କିନ୍ତୁ ସେଥିରେ ଜଣେ ମଧ୍ୟ ମୁସଲମାନ ନାହାନ୍ତି। ଦ୍ୱିତୀୟ ଅଂଶ ହେଉଛି ସଂଖ୍ୟାଲଘୁ ନିର୍ଯାତନା ପାଇଁ ଆଇନ ଅଣାଯାଇଛି। ଅବୈଧ ଗୋହତ୍ୟା ସ୍ପଷ୍ଟ ଭାବରେ ଏକ ଆର୍ଥିକ ଅପରାଧ (ସମ୍ବିଧାନର ଧାରା ୪୮, ପଶୁପାଳନ ଓ ଉନ୍ନତ ପ୍ରଜାତି ସମ୍ବନ୍ଧିତ)। କିନ୍ତୁ ଅହିଂସାତ୍ମକ ଆର୍ଥିକ ଅପରାଧ ମାମଲାରେ ଆଜୀବନ ଜେଲଦଣ୍ଡ ନ ଥିବାବେଳେ ଗୁଜରାଟର ଗୋ ଆଇନ କ୍ଷେତ୍ରରେ ତାହା ରହିଛି। କାରଣ ହେଉଛି ଗୋହତ୍ୟାକୁ ଏକ ଧାର୍ମିକ ମାମଲା ଭାବେ ଦେଖାଯାଉଛି ଏବଂ ସାରା ଦେଶରେ ଏହାକୁ ଅନୁକରଣ କରାଯାଉଛି। ପ୍ରଥମେ ୨୦୧୫ରେ ଭାଜପା ଶାସିତ ମହାରାଷ୍ଟ୍ର ଓ ହରିୟାଣାରେ ଗୋମାଂସ ରଖିବାକୁ ଆପରାଧୀକରଣ କରାଯାଇଥିଲା ଏବଂ ଲିଞ୍ଚିଂ ବା ଭିଡ଼ ହିଂସା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ଘଟଣା ଜାତୀୟସ୍ତରରେ ଦେଖାଗଲାଣି। ରାଜସ୍ଥାନର କ୍ୟାବିନେଟ ପ୍ରକାଶ କରିଛି ଯେ, ମୁସଲମାନଙ୍କୁ ବଳପୂର୍ବକ ଓ ଆଇନଗତ ଭାବରେ ସହରର ଅନୁନ୍ନତ ଅଞ୍ଚଳରେ ଗୋଷ୍ଠୀବଦ୍ଧ ଭାବେ ରହିବାକୁ ବାଧ କରୁଥିବା, ସେମାନଙ୍କୁ ଏହି ଅଞ୍ଚଳ ବାହାରେ ଭଡ଼ାନେବା ଏବଂ ସମ୍ପତ୍ତି କିଣିବାକୁ ବାରଣ କରୁଥିବା ଗୁଜରାଟର ଆଇନକୁ ଏହା ଅନୁକରଣ କରିବ। ହିନ୍ଦୁ ଏବଂ ମୁସଲମାନ ବିବାହର ଅପରାଧୀକରଣ କରିଥିବା ଆଇନ ୨୦୧୮ରେ ଉତ୍ତରାଖଣ୍ଡରୁ ଆରମ୍ଭ ହୋଇଥିଲା ଏବଂ ଏବେ ସାତଟି ରାଜ୍ୟରେ ଏହା ପ୍ରଣୟନ ହୋଇଛି। ନାଗରିକତା ଏବଂ ଗଣ ଭୋଟ ଅଧିକାର ଛଡ଼ାଇନେବା ସମ୍ବନ୍ଧିତ ଆଇନ ଓ ନୀତି ବର୍ତ୍ତମାନ ସାରା ଭାରତରେ ପ୍ରଣୟନ କରାଯିବା ସହ କାର୍ଯ୍ୟକାରୀ ହେଉଛି। ମଡେଲର ତୃତୀୟ ଭାଗର ଲକ୍ଷ୍ୟ ହେଉଛି ସରକାରୀ ବ୍ୟବସ୍ଥାକୁ ପ୍ରୟୋଗ କରି ନିର୍ଯାତନା ଦେବା। ଚଳିତ ସପ୍ତାହରେ ନ୍ୟୁୟର୍କ ଟାଇମ୍ସ ରିପୋର୍ଟ କରିଥିଲା ଯେ ଉତ୍ତର ପ୍ରଦେଶର ସମ୍ଭଲରେ ଯେଉଁ ସରକାରୀ କଳ ଏକଦା ନିରପେକ୍ଷ ଭାବରେ କାର୍ଯ୍ୟ କରୁଥିଲା, ଏବେ ତାହାର ଅପବ୍ୟବହାର କରାଯାଉଛି। ଏହା ପ୍ରକୃତରେ ନୀତି ହୋଇଗଲାଣି। ପାଖାପାଖି ୨୦୧୭ରେ, ଭାଜପା ଶାସିତ ରାଜ୍ୟଗୁଡ଼ିକ ଆଇନ ଉଲ୍ଲଂଘନ କରି ମୁଖ୍ୟତଃ ମୁସଲମାନଙ୍କ ଘର ଓ ବ୍ୟବସାୟକୁ ଧ୍ୱଂସ କରିବା ପାଇଁ ବୁଲ୍‌ଡୋଜର ବ୍ୟବହାର କରିବା ଆରମ୍ଭ କଲେ। ସରକାରମାନେ କିପରି ବିଧିବିହୀନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିଛନ୍ତି ଏବଂ ତା'ପରେ ପଦକ୍ଷେପସ୍ୱରୂପ ବୁଲଡୋଜର ଚଳାଇଛନ୍ତି, ତାହା ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଦ୍ୱାରା ଏବଂ ଅନ୍ୟଟି ନାଗରିକ ଏବଂ ସିଟିଜେନ୍ସ ଆଣ୍ଡ ଲୟର୍ସ ଇନିସିଏଟିଭ ଦ୍ୱାରା ପ୍ରସ୍ତୁତ ଦୁଇଟି ରିପୋର୍ଟରେ ଦର୍ଶାଯାଇଛି। ନ୍ୟାୟ ବ୍ୟବସ୍ଥା ଅଧିକାଂଶ ସମୟରେ ଏହାକୁ ଅଣଦେଖା କରିଛି। ଚତୁର୍ଥ ଅଂଶ ହେଉଛି ଭାରତ ଏବଂ ଏହାର ସମ୍ପ୍ରଦାୟର ଆଖ୍ୟାନକୁ କିପରି ରୂପ ଦିଆଯାଉଛି। ବିଭାଜନ ପାଇଁ ଜାଣିଶୁଣି ଭାଷା ପ୍ରୟୋଗ କରାଯାଇଛି। ଏଥିରେ ବି ସଫଳ ହୋଇଛି। ଆମେ କହିପାରିବା ଯେ, ଯାହା ପୂର୍ବରୁ ଅସାଧାରଣ ଏବଂ ଅନିୟମିତ ଥିଲା ତାହା ଏବେ ସାଧାରଣ ପାଲଟିଯାଇଛି। କେବଳ ମୂଳ ଧର୍ମକୁ କେନ୍ଦ୍ରକରି ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ହିଂସା ପ୍ରକାଶ ପାଇବା ସାଧାରଣ ଘଟଣା ହୋଇଯାଇଛି। ସରକାର, ନ୍ୟାୟପାଳିକା ଏବଂ ଗଣମାଧ୍ୟମ ଠିକ୍ ଭାବେ ପଦକ୍ଷେପ ନେଉ ନ ଥିବାରୁ ଏପରି ଘଟିଚାଲିଛି। ତେବେ ପୂର୍ବାବସ୍ଥାକୁ ଫେରିବା ସହଜ ହେବ ନାହିଁ ଏବଂ ସେତେବେଳେ ଏହା ହୋଇପାରିବ ଯେତେବେଳେ ଏକ ପରିବର୍ତ୍ତନ ଆସିବ, କିନ୍ତୁ ତାହା ଦେଖିବା କଷ୍ଟକର।

ଗୁଜରାଟ ମଡେଲର ପଞ୍ଚମ ଭାଗ ହେଉଛି ମାନବ ବିକାଶ ଉପରେ କମ୍ ପ୍ରାଥମିକତା ଦିଆଯିବା। ଆୟ, ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ ଆଧାର କରି ପ୍ରସ୍ତୁତ ମାନବ ବିକାଶ ସୂଚକାଙ୍କ(ଏଚ୍‌ଡିଆଇ)ରେ ଗୁଜରାଟ ନିମ୍ନ ସ୍ଥାନରେ ଅଛି। ଏହା ଗୁଜରାଟ ମଡେଲର ବୌଦ୍ଧିକ ବିରୋଧ। ଷଷ୍ଠ ଅଂଶରେ ପୁଞ୍ଜି ଓ ଏହାର ସ୍ୱାର୍ଥକୁ ଲୋକଙ୍କ ସ୍ୱାର୍ଥ ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ତେବେ ଗୁଜରାଟ ମଡେଲର ଅନ୍ୟ ପାଞ୍ଚଟି ଅଂଶ ସମାଜରେ ଗ୍ରହଣୀୟତା ଲାଭ କରିଥିଲେ ମଧ୍ୟ ଏହି ଷଷ୍ଠ ବିଷୟଟି ଟିକିଏ ସମସ୍ୟାପୂର୍ଣ୍ଣ। ଏହି କାରଣରୁ ପ୍ରଧାନମନ୍ତ୍ରୀ 'ସୁଟ୍ ବୁଟ୍ କି ସରକାର'ର ମୁଖ୍ୟ ହେବା ପାଇଁ ନାରାଜ ହୋଇଥିଲେ ଏବଂ ନିରନ୍ତର ତାଙ୍କର ବିନୟଶୀଳତା ଓ ତାଙ୍କ ଜୀବନଶୈଳୀ ବିଷୟରେ ଆଲୋଚନା କରୁଥିଲେ। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଗୁଜରାଟୀ ବ୍ୟବସାୟୀଙ୍କ ଦ୍ୱାରା ମୁଷ୍ଟିମେୟ କର୍ପୋରେଟ ସଂସ୍ଥାଗୁଡ଼ିକ ପରିଚାଳିତ ହେଉଛି। ସେମାନେ ସରକାରୀ ପୃଷ୍ଠପୋଷକତା ସହିତ ଜଡ଼ିତ ଅଧିକାଂଶ ବନ୍ଦର, ଖଣି, ବିମାନବନ୍ଦର, ରିଫାଇନେରି, ସ୍ପେକ୍ଟ୍ରମ ଏବଂ ଅନ୍ୟାନ୍ୟ ସାମଗ୍ରୀର ମାଲିକ ବୋଲି ସମସ୍ତେ ଜାଣନ୍ତି ଏବଂ ଏହିସବୁ ସେକ୍ଟରଗୁଡ଼ିକୁ ଅନ୍ୟ ଭାରତୀୟଙ୍କୁ ବିକ୍ରୟ କରିବା ସହଜ ନୁହେଁ। ଏହାର ଲାଭ ଭାରତୀୟଙ୍କୁ ମିଳିନାହିଁ, ଯେଉଁମାନେ ୨୦୧୪ରେ ଯେପରି ଥିଲେ ଏବେ ପ୍ରାୟତଃ ସେହି ଅବସ୍ଥାରେ ରହିଛନ୍ତି। ସରକାରଙ୍କ ଦ୍ୱାରା ପ୍ରସ୍ତୁତ କୌଣସି ତଥ୍ୟ ସେମାନଙ୍କର ଜୀବନର ବାସ୍ତବତାକୁ ପରିବର୍ତ୍ତନ କରିପାରିବ ନାହିଁ। ସମ୍ଭବତଃ ସମୟକ୍ରମେ ଏହା ଗୁଜୁରାଟ ମଡେଲର ଢାଞ୍ଚାଗତ ବିଫଳତାର କାରଣ ହେବ। ତଥାପି ବର୍ତ୍ତମାନ ଏବଂ ନିକଟ ଭବିଷ୍ୟତ ପାଇଁ ଗୁଜରାଟ ମଡେଲ ସଫଳ ହୋଇଥିବା ଏବଂ ଏହା ଆମର ନୂତନ ଭାରତ ନିର୍ମାଣର ଆଧାର ବୋଲି ଗ୍ରହଣ କରିବା କଷ୍ଟକର।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 7 | | | | | | 5 |
| | 4 | | 8 | 2 | | 7 | 1 | |
| | 8 | 9 | | | | 3 | | |
| 9 | | | | 4 | | | 7 | 8 |
| | 1 | 2 | | 8 | | | | |
| 4 | 7 | | | 1 | 5 | | | 9 |
| 8 | 9 | 6 | | 5 | | 2 | 3 | 4 |
| | 3 | 4 | | 9 | | | | |
| | | | | | 3 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 4 | 7 | 2 | 1 | 5 | 9 |
| 7 | 4 | 1 | 5 | 9 | 6 | 2 | 8 | 3 |
| 2 | 9 | 5 | 1 | 3 | 8 | 4 | 7 | 6 |
| 6 | 8 | 4 | 3 | 2 | 1 | 7 | 9 | 5 |
| 9 | 1 | 2 | 8 | 5 | 7 | 6 | 3 | 4 |
| 5 | 3 | 7 | 6 | 4 | 9 | 8 | 2 | 1 |
| 4 | 2 | 3 | 7 | 6 | 5 | 9 | 1 | 8 |
| 8 | 5 | 9 | 2 | 1 | 4 | 3 | 6 | 7 |
| 1 | 7 | 6 | 9 | 8 | 3 | 5 | 4 | 2 |

ଗତକାଲିର ଉତ୍ତର

# ସମବାୟର ଭଗୀରଥ ଓଡ଼ିଶା



ପ୍ରତାପ ଚନ୍ଦ୍ର ସାମଲ

ଗରିବ ଲୋକମାନେ ଯେତେବେଳେ ମହାଜନର ଅତିରିକ୍ତ ଚକ୍ରବୃଦ୍ଧି ଶତକଡ଼ା ବାର୍ଷିକ ୬୦ ଟଙ୍କା ସୁଧରେ ଋଣ ନେଇ ହନ୍ତସନ୍ତ ହେଉଥିଲେ, ସେହି ସମୟରେ ଇଉରୋପର ସମାଜସେବୀମାନେ ସେମାନଙ୍କୁ ମୁକ୍ତି ଦେବାପାଇଁ ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ସମବାୟକୁ ଜନ୍ମ ଦେଇଥିଲେ। ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ସମବାୟର ପ୍ରଭାବ ଭାରତର ଗରିବ ଲୋକଙ୍କ ଉପରେ ପଡ଼ିଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସ ୧୮୯୮ରେ ଇଉରୋପରୁ ଫେରି ଭାରତରେ ସମବାୟର ଭଗୀରଥ ହୋଇ କଟକ ସହରରେ ଏକ ସମବାୟ ଭଣ୍ଡାର ଖୋଲି ଉଚିତ ଦରରେ ଖାଉଟି ପଦାର୍ଥ ବିକିବା ଆରମ୍ଭ କରିଥିଲେ। ମଧୁବାବୁଙ୍କ ପ୍ରେରଣାରେ ତାଙ୍କ ବଡ଼ଭାଇ ଗୋପାଳ ବଲ୍ଲଭ ଦାସଙ୍କ ଜାମାତା ବାଙ୍କୀର ତଦାନିନ୍ତନ ଡେପୁଟି କଲେକ୍ଟର ବାଳମୁକୁନ୍ଦ କାନୁନ୍‌ଗୋ, ସୁବର୍ଣ୍ଣପୁର ଗ୍ରାମର ନିମ୍ନ ମାଧ୍ୟମିକ ଓଡ଼ିଆ ବିଦ୍ୟାଳୟର ହେଡ୍ ପଣ୍ଡିତ ବିଦ୍ୟାଧର ପଣ୍ଡାଙ୍କ ସହାୟତାରେ ବଙ୍ଗଳା ପ୍ରଦେଶର ରାଜସ୍ୱ କମିଶନରଙ୍କ ୧୦୦୦ ଟଙ୍କା ଅନୁଦାନରେ ୧୯୦୩ରେ ବାଙ୍କୀର ସୁବର୍ଣ୍ଣପୁର, ଚର୍ଚ୍ଚିକା ଓ ବରପୁଟ ଗ୍ରାମରେ ୩ ଗୋଟି ପ୍ରାଥମିକ କୃଷି ଋଣ ସମବାୟ ସମିତି ଗଠନ କରିଥିଲେ। ଏହି କୃଷି ଋଣ ସମବାୟ ସମିତିଗୁଡ଼ିକ ସେମାନଙ୍କର କୃଷକ ସଭ୍ୟମାନଙ୍କୁ ଶତକଡ଼ା ବାର୍ଷିକ ୧୨ଟଙ୍କା ୫୦ ପଇସା ସରଳ ସୁଧରେ ଋଣ ଦେଲେ।

ମାତ୍ର ଏହା ପୂର୍ବରୁ ୧୮୫୪ରେ ବିଶ୍ୱରେ ପ୍ରଥମେ ଜର୍ମାନୀର ହିଡେନବର୍ଗ ସହରରେ କୃଷି ଋଣ ସମବାୟ ସମିତି ଗଠିତ ହୋଇଥିଲା। ୧୯୦୫ରେ ଗଠିତ ଅନ୍ତର୍ଜାତୀୟ ସମବାୟ ସଂଘ ମତରେ ଭାରତରେ ପ୍ରଥମେ ବାଙ୍କୀରେ ଋଣ ସମବାୟ ସମିତି ଗଠିତ ହୋଇଥିଲା ବୋଲି ଆଲୋଚନା କରାଯାଇଥିଲା। ଡମପଡ଼ା ଓ ହାମିଲଟନ ଜମିଦାରି ଭଳି ବିଭିନ୍ନ ଅନୁଷ୍ଠାନର ଅନୁଦାନରେ ବାଳମୁକୁନ୍ଦ କାନୁନ୍‌ଗୋ ଓ ବିଦ୍ୟାଧର ପଣ୍ଡା ଦୁଇ ଯୁଗଳ ମୂର୍ତ୍ତିଙ୍କ ନେତୃତ୍ୱରେ ୧୯୧୦ ମସିହା ସୁଦ୍ଧା ବାଙ୍କୀରେ ୫୦ ଗୋଟି ଗାଁରେ କୃଷି ଋଣ ସମବାୟ ସମିତି ଗଠନ ହୋଇଥିଲା।

ଏହି ୫୦ଟି କୃଷି ଋଣ ସମବାୟ ସମିତିକୁ ନେଇ ଭାରତର ପ୍ରଥମ କେନ୍ଦ୍ର ସମବାୟ ବ୍ୟାଙ୍କ ୨୬।୩।୧୯୧୦ରେ ବାଙ୍କୀରେ ପ୍ରତିଷ୍ଠିତ ହୋଇଥିଲା, ତା' ପରବର୍ଷ ୧୯୧୧ରେ ଭାରତର ଦ୍ୱିତୀୟ କେନ୍ଦ୍ର ସମବାୟ ବ୍ୟାଙ୍କ ବମ୍ବେରେ ପ୍ରତିଷ୍ଠିତ ହୋଇଥିଲା। ଉକ୍ତ ବ୍ୟାଙ୍କ ଲୋକଙ୍କଠାରୁ ଜମା ସଂଗ୍ରହ କରି ଗାଁ କୃଷି ଋଣ ସମବାୟ ସମିତିଗୁଡ଼ିକ ଜରିଆରେ କୃଷି ଋଣ ଦେବାକୁ ଲାଗିଲେ। ବିଦ୍ୟାଧର ପଣ୍ଡା ୧୯୧୦ ମସିହାରେ ଶିକ୍ଷକତାରୁ ଅବସର ନେଇ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ (ଯାହାକି ସେତେବେଳେ ପ୍ରଥମେ "ବାଙ୍କୀ ଡମପଡ଼ା ସମବାୟ ସଂଘ") ର ପ୍ରଥମ ସଭାପତି ହୋଇଥିଲେ। ତାଙ୍କର ଏପରି ସମବାୟରେ ନିଷ୍ଠାପରତା କାର୍ଯ୍ୟ ପାଇଁ ବ୍ରିଟିଶ ସରକାର ୧୯୧୫ରେ ତାଙ୍କୁ ରାୟ ସାହେବ ଓ ୧୯୨୬ରେ ରାୟ ବାହାଦୁର ଉପାଧିରେ ଭୂଷିତ କରିଥିଲେ। ବାଙ୍କୀ ଅଞ୍ଚଳରେ ୧୯୨୬, ୧୯୨୯, ୧୯୩୩, ୧୯୩୫ ଓ ୧୯୩୭ ମସିହାରେ କ୍ରମାଗତ ମହାନଦୀ ବନ୍ୟାରେ ଧାନ ଫସଲ ହାନି ଯୋଗୁ ବହୁ କୃଷକ ଋଣ ଶୁଝି ପାରି ନ ଥିଲେ। ଓଡ଼ିଶାରେ କ୍ରମାଗତ ବନ୍ୟାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କୁଜଙ୍ଗ, କଟକ, ପୁରୀ ଓ ନିମାପଡ଼ା ଏହିପରି ୮ ଗୋଟି କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ଦୁର୍ବଳ ହୋଇଯିବାରୁ ୧୯୩୯ ମସିହାରେ ବ୍ରିଟିଶ ସରକାରଙ୍କ ଦ୍ୱାରା 'ମୁଦାଲିୟର କମିଟି'ର ସୁପାରିସ ମତେ କେତେକ କେନ୍ଦ୍ର ସମବାୟ ବ୍ୟାଙ୍କକୁ ମିଶାଇ ଯଥା ବାଲେଶ୍ୱର–ଭଦ୍ରକ, କଟକ ଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ, ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଏହିପରି ୪ ଗୋଟି ବ୍ୟାଙ୍କ ଗଠନ କରାଯାଇଥିଲା। ୧୯୪୫ରେ ବାଙ୍କୀରେ ସମସ୍ତ ୧୬୮ଟି ଗ୍ରାମରେ ୧୪୪ ଗୋଟି କୃଷି ଋଣ ସମବାୟ ସମିତି କାର୍ଯ୍ୟକାରୀ ହୋଇଥିଲା। ୧୯୪୮ରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗ୍ରାମ୍ୟ ଋଣ ତନଖି ରିପୋର୍ଟ ଅନୁଯାୟୀ ଭାରତରେ ଶତକଡ଼ା ୩ ଭାଗ କୃଷକ ଋଣ ନେଇଥିଲେ। ୧୯୩୯ରୁ ୧୯୪୧ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅତ୍ୟାବଶ୍ୟକ ପଦାର୍ଥର ଅଭାବ ତଥା ଦରବୃଦ୍ଧି ହେତୁ ବାଙ୍କୀ ବ୍ୟାଙ୍କ ଅଧୀନରେ ଗୋଟିଏ ଖାଉଟି ସମବାୟ ସମିତି ଗଠନ ହୋଇଥିଲା। ବ୍ୟବସାୟୀମାନଙ୍କୁ ଋଣ ଦେବାପାଇଁ ବାଙ୍କୀ ବ୍ୟବସାୟୀ ସମବାୟ ସମିତି ସଂଗଠିତ ହୋଇଥିଲା। ବାଙ୍କୀ ଅଞ୍ଚଳ ଆଖୁଚାଷ ପାଇଁ ପ୍ରସିଦ୍ଧ ଥିବାରୁ ଉତ୍କୃଷ୍ଟ ଉତ୍ପାଦନ ତଥା ଗୁଡ଼ ଉଚିତ ଦରରେ ବିକ୍ରି ଲାଗି ଗୁଡ଼ ଖଣ୍ଡସାରି ସମବାୟ କାରଖାନା ସ୍ଥାପିତ ହୋଇଥିଲା, ୨ଟି ଘଣି ସହଯୋଗ ସମିତି ସୋରିଷ ଓ ରାଶିରୁ ଖାଣ୍ଟିତେଲ ପ୍ରସ୍ତୁତ କରି ବିକ୍ରୟ କରୁଥିଲେ। ବନ୍ଧାଳ ଏଣ୍ଡିପୋକ ଚାଷ ସମବାୟ ସମିତି ଗଠନ କରାଯାଇ ଏଣ୍ଡି ଚାଷର ପ୍ରବର୍ତ୍ତନ କରାଯାଇଥିଲା। ରଗଡ଼ି, ଜଗନ୍ନାଥପୁର, କଳାପଥର, ବୈଦେଶ୍ୱର, ତୁଳସୀପୁର ତନ୍ତୁବାୟ ସହଯୋଗ ସମିତି ସ୍ଥାପିତ ହୋଇ ବୁଣାକାରମାନଙ୍କୁ



ସୂତା ଯୋଗାଇ ଉତ୍ପାଦିତ ଲୁଗା ଆଜି ପର୍ଯ୍ୟନ୍ତ ବିକ୍ରି କରାଯାଉଅଛି। ରଗଡିର କୁମ୍ଭଶାଢ଼ି ବିଶ୍ୱରେ ଆଦୃତ ହୋଇଥିଲା। ଜମି ବନ୍ଧକ ରଖି କୃଷକମାନଙ୍କୁ ଦୀର୍ଘକାଳୀନ ଋଣ ଦେବାପାଇଁ ୧୯୫୬ରେ ବାଙ୍କୀ ଡମପଡ଼ା କାର୍ଡ ବ୍ୟାଙ୍କ ଗଠନ କରାଯାଇଥିଲା।

୧୯୫୪ ରେ ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଗଠନ ହୋଇଥିଲା। ଏହି ସମିତିରେ ଚାଷ ଦ୍ରବ୍ୟ, ଅତି ଆବଶ୍ୟକ ପଦାର୍ଥ, ଲୁଗାପଟା ଓ କଣ୍ଟ୍ରୋଲ ପଦାର୍ଥ ବିକ୍ରୟ କରାଯାଉଥିଲା। ୧୯୬୩ରେ ବିଜୁ ପଟ୍ଟନାୟକଙ୍କ ପଞ୍ଚାୟତ ଶିଳ୍ପ ନୀତିରେ ଚିନିକଳ, ମାଟି ଟାଇଲ୍ କାରଖାନା ସମବାୟ ସମିତି ଗଠିତ ହୋଇଥିଲା। ୧୯୬୦ରେ ବାଙ୍କୀଠାରେ ବାଞ୍ଛାନିଧି କରଙ୍କ ନେତୃତ୍ୱରେ ସ୍ୱର୍ଣ୍ଣ ଜୁବିଲି ପାଳନ କରାଯାଇଥିଲା। ଉକ୍ତ ଉତ୍ସବରେ ତଦାନିନ୍ତନ ଓଡ଼ିଶା ଗଭର୍ନର ସୁକଣ୍ଠ କର, ଓଡ଼ିଶାର ବିକାଶ ମନ୍ତ୍ରୀ ରାଧାନାଥ ରଥ ମୁଖ୍ୟ ପୁରୋଧା ଥିଲେ। ଗୃହ ନିର୍ମାଣ ସମବାୟ ସମିତି ଗଠନ କରାଯାଇଥିଲା। ଡାକ୍ତର ଯୋଗେଶ ରାଉତଙ୍କ ଉଦ୍ୟମରେ ଚାଉଳ ଉତ୍ପାଦନ ପାଇଁ ଧାନକୁଟା ଡିଙ୍କି ସମବାୟ ସମିତି ଗଠନ କରାଯାଇଥିଲା। ୧୯୭୦ରେ ବାଙ୍କୀ ସମବାୟ ବ୍ୟାଙ୍କର ହୀରକ ଜୁବିଲି ଉତ୍ସବ ସଭାପତି ବାଞ୍ଛାନିଧି କରଙ୍କ ପୌରୋହିତ୍ୟରେ ପାଳନ କରାଯାଇଥିଲା। ଉକ୍ତ ଉତ୍ସବରେ ବିହାରର ତଦାନିନ୍ତନ ଗଭର୍ନର ବାଳମୁକୁନ୍ଦ କାନୁନ୍‌ଗୋଙ୍କ ପୁତ୍ର ନିତ୍ୟାନନ୍ଦ କାନୁନ୍‌ଗୋ, ରାଜ୍ୟ ସମବାୟ ସଂଘର ସଭାପତି ରଘୁନାଥ ମହାପାତ୍ର ଓ ବାଙ୍କୀର ବିଧାୟକ ଡାକ୍ତର ଯୋଗେଶ ଚନ୍ଦ୍ର ରାଉତ ଅଂଶଗ୍ରହଣ କରିଥିଲେ। କୃଷି ଓ କୃଷକର ଉନ୍ନତି ପାଇଁ ଦୁଇଜଣ କୃଷି ବିଶେଷଜ୍ଞଙ୍କୁ ବାଙ୍କୀ ବ୍ୟାଙ୍କରେ ନିଯୁକ୍ତି ଦିଆଯାଇଥିଲା। ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ୨ଟି ଧୀବର ସମବାୟ ସମିତି ଗଠନ କରାଯାଇଥିଲା। ଶ୍ରମିକ କଣ୍ଟ୍ରାକ୍ଟର ସମବାୟ ସମିତି ଗଠିତ ହୋଇ ଶ୍ରମିକମାନଙ୍କୁ ଋଣ ପ୍ରଦାନ କରାଯାଉଥିଲା। ମହିଳାଙ୍କ ଆର୍ଥିକ ବିକାଶ ପାଇଁ ନାରୀ କଲ୍ୟାଣ ସମବାୟ ସମିତି ଗଠନ କରାଯାଇଥିଲା। ଏ ସବୁର ଇତିହାସ ଦେଖିଲେ ସମସ୍ତ ପ୍ରକାର ସମବାୟ ସମିତି ଓଡ଼ିଶାରେ ଗଠନ କରାଯାଇଥିଲା ଓ ଓଡ଼ିଶାକୁ ସମବାୟର ଭଗୀରଥ ରୂପେ ଆଖ୍ୟା ଦିଆଯାଇଅଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁବାବୁଙ୍କ ସମବାୟ ପ୍ରତି ଥିବା ଦରଦକୁ ଗୁରୁତ୍ୱ ଦେଇ ଓଡ଼ିଶାର ସମବାୟ ସମିତିଗୁଡ଼ିକର କାର୍ଯ୍ୟଧାରା ଯେପରି ସୁଦୂରପ୍ରସାରୀ ହୋଇପାରିବ ସେଥିପାଇଁ ବିଭିନ୍ନ ସମୟରେ ସରକାରୀ ଅଧିକାରୀମାନଙ୍କୁ ସାମିଲ କରାଉଥିଲେ। ରୁଗ୍‌ଣ ସମବାୟ ସମିତିଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ଯୋଜନାମାନ କରାଯାଇ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନ ଠିକ୍ ସମୟରେ କରାଇ ପରିଚାଳନା ପରିଷଦର ସଭ୍ୟମାନଙ୍କୁ ଭାଗୀଦାର କରାଇଛନ୍ତି। ଭବିଷ୍ୟତରେ ଉନ୍ନତିମୂଳକ କାର୍ଯ୍ୟରେ ସମବାୟକୁ ସହଭାଗିତା କରାଇବା ପାଇଁ ଯୋଜନାମାନ ପ୍ରସ୍ତୁତ କରାଯିବା ଉପରେ ବର୍ତ୍ତମାନର ସରକାର ଅଧିକ ଧ୍ୟାନ ଦେଉଛନ୍ତି। ସମବାୟଭିତ୍ତିକ କାର୍ଯ୍ୟକ୍ରମ କିପରି ସୁଦୂରପ୍ରସାରୀ ହୋଇପାରିବ ସେ ଦିଗରେ ଗୁରୁତ୍ୱ ଦିଆଯାଉଛି। ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲେ ଓଡ଼ିଶାର ପୂର୍ବ ଗୌରବ ଫେରିଆସିବ।

– ବରିଷ୍ଠ ସମବାୟବିତ୍,
ବଙ୍ଗାଳିସାହି, କଟକ
ମୋ: ୯୦୯୦୩୨୫୮୦୨

# ଆମେ କେମିତି ଅଛନ୍ତି



ପ୍ରଣତି ଆଚାର୍ଯ୍ୟ ମିଶ୍ର

ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନଙ୍କ ମତରେ, ସଫଳତା ପାଇଁ ନିରନ୍ତର ଦୌଡ଼ ଅପେକ୍ଷା ଏକ ଶାନ୍ତ ଏବଂ ସରଳ ଜୀବନ ଅଧିକ ଖୁସି ଆଣିଥାଏ। ଆଜିର ମଣିଷ ପୂର୍ବ ଅପେକ୍ଷା ଅଧିକ ବିକଶିତ, ଶିକ୍ଷିତ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ସକ୍ଷମ। ଆମ ପାଖରେ ଆରାମ ଏବଂ ସୁବିଧାର କୌଣସି ଅଭାବ ନାହିଁ। ବୈଦ୍ୟୁତିକ ଉପକରଣ, ଦ୍ରୁତ ଗତିର ଯାନବାହନ, ସ୍ମାର୍ଟଫୋନ, ଇଣ୍ଟରନେଟ, ଅନଲାଇନ ସେବା ଏବଂ ମନୋରଞ୍ଜନର ଅଗଣିତ ମାଧ୍ୟମ ଉପଲବ୍ଧ। କିଛି ଦଶନ୍ଧି ପୂର୍ବରୁ ଯାହା କଳ୍ପନା କରାଯାଇ ନ ଥିଲା ତାହା ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଗଲାଣି। ତଥାପି, ଅଦ୍ଭୁତ ବିରୋଧାଭାସ ହେଉଛି ଯେ ଆମର ସୁବିଧା ଯେତେ ବୃଦ୍ଧି ପାଇଛି, ସୁଖ, ଶାନ୍ତି, ସନ୍ତୋଷ ସେତିକି ହ୍ରାସ ପାଇଛି।

ଆଧୁନିକ ସମାଜର ସବୁଠାରୁ ବଡ଼ ବିଡ଼ମ୍ବନା ଯେ ଆମ ପାଖରେ ଶାନ୍ତି ବ୍ୟତୀତ ସବୁକିଛି ଉପଲବ୍ଧ। ପ୍ରଯୁକ୍ତିବିଦ୍ୟା ଅନେକ ଦିଗରେ ମାନବ ଜୀବନକୁ ସହଜ କରିଛି। ବର୍ତ୍ତମାନ ରୋଷେଇଠାରୁ ଆରମ୍ଭ କରି ବିଲ୍ ପୈଠ କରିବା ପର୍ଯ୍ୟନ୍ତ ସବୁକିଛି ଆଙ୍ଗୁଠି ଟିପରେ ହୋଇଯାଏ, କିନ୍ତୁ ଏହା କ'ଣ ପ୍ରକୃତରେ ଆମର ଜୀବନକୁ ସୁଖଦ କରିଛି କି? ଯଦି ସଙ୍କୋଚତାର ସହିତ ଉତ୍ତର ରଖିବା, ତେବେ ଦେଖିବୁ ଯେ ଆମେ ଭୌତିକ ଭାବରେ ସମୃଦ୍ଧ ହୋଇଛନ୍ତି, କିନ୍ତୁ ମାନସିକ ଭାବରେ ଦରିଦ୍ର। ଆଜି, ସମସ୍ତେ କୌଣସି ନା କୌଣସି ଦୌଡ଼ରେ ନିୟୋଜିତ ଅଛନ୍ତି। ଏହି ଦୌଡ଼ର ଅନ୍ତ ନାହିଁ।

ଏକ ସମୟ ଥିଲା ଯେତେବେଳେ ସକାଳର ଆରମ୍ଭ ଚୁଲି ପାଉଁଶ ଏବଂ ମାଟିର ସୁଖଦ ସୁଗନ୍ଧ ସହିତ ହେଉଥିଲା। ବୈଜ୍ଞାନିକ ଦୃଷ୍ଟିକୋଣରୁ, ଏହା ସୂକ୍ଷ୍ମ ରସାୟନ ବିଜ୍ଞାନର ଏକ ପ୍ରମୁଖ ଉଦାହରଣ ଥିଲା। ଆଜିର ଆଧୁନିକ ସମାଜ ଏହାକୁ ପୁରୁଣା କହି ପରିତ୍ୟାଗ କରିଛି। ଆମେ ଟେଲିଭିଜନ ବିଜ୍ଞାପନରେ ଲେମ୍ବୁ ଏବଂ ଲୁଣର ଶକ୍ତି ଖୋଜୁଛନ୍ତି ହେଲେ ଆମର ପୂର୍ବଜମାନେ ଏହି ପ୍ରାକୃତିକ ଉପାଦାନଗୁଡ଼ିକ ସହିତ ରାସାୟନିକ ମୁକ୍ତ ଜୀବନଯାପନ କରୁଥିଲେ। ଆମେ ସୁବିଧା ନାମରେ ପ୍ୟାକେଜ ହୋଇଥିବା ରାସାୟନିକ ପଦାର୍ଥଗୁଡ଼ିକୁ ଗ୍ରହଣ କରୁଛନ୍ତି, ଏହି ଯାତ୍ରାରେ ପରିଷ୍କାରତାର ପରିଭାଷା ହରାଇ ବସିଛନ୍ତି। ଗତକାଲି ଯାହା ସ୍ୱପ୍ନ ଥିଲା ତାହା ଆଜି ଏକ ଆବଶ୍ୟକତା ପାଲଟିଛି ଏବଂ ଆସନ୍ତାକାଲି ଅଧିକ ପାଇବାର ଇଚ୍ଛା। ବ୍ୟକ୍ତି ଯେତେ ଅଧିକ ଅର୍ଜନ କରିଛନ୍ତି, ସେତେ ଅଧିକ ଅସନ୍ତୁଷ୍ଟ ହୋଇଛନ୍ତି। ଏହା ଆଧୁନିକତାର ଦୁଷ୍ଟଚକ୍ର। ଯଦି କିଛି ଦଶନ୍ଧି ପଛକୁ ଯିବା, ଯେତେବେଳେ ଗାଁରେ ଜୀବନ ଧୀରେ ଧୀରେ ଗତି କରୁଥିଲା, ଆମେ ଦେଖିବୁ ଯେ ଲୋକମାନେ କମ ସହିତ ଖୁସି ଥିଲେ। ସେମାନଙ୍କ ପାଖରେ ନା ଏୟାର କଣ୍ଡିଶନର ଥିଲା, ନା ରେଫ୍ରିଜରେଟର, ନା ମୋବାଇଲ ଫୋନ। କିନ୍ତୁ ସେମାନଙ୍କ ପାଖରେ ପରିବାର, ପଡ଼ୋଶୀ ଏବଂ ସବୁଠାରୁ ମୂଲ୍ୟବାନ ନିଜ ପାଇଁ ସମୟ ଥିଲା।



ଗାଁ ଦାଣ୍ଡରେ ପିଲାମାନଙ୍କର ହସ ଏବଂ ଭାଗବତ ଟୁଙ୍ଗିରେ ଭଜନ ପ୍ରତିଧ୍ୱନିତ ହେଉଥିଲା। ସମ୍ପର୍କଗୁଡ଼ିକ ନିଜର ଭାବନାରେ ପରିପୂର୍ଣ୍ଣ ଥିଲା। ସେତେବେଳେ ସମାଜ କମ ସହିତ ବଞ୍ଚିବା ଜାଣିଥିଲା। ସେମାନଙ୍କର ଭୌତିକ ସମ୍ବଳ ସୀମିତ ଥିଲା, କିନ୍ତୁ ମାନସିକ ଶାନ୍ତି ଥିଲା କାରଣ ସେମାନେ ତୁଳନା କିମ୍ବା ପ୍ରଦର୍ଶନ କରୁ ନ ଥିଲେ। ବର୍ତ୍ତମାନ ଯୁଗକୁ ପ୍ରାୟତଃ ସୂଚନା ଯୁଗ କୁହାଯାଏ, ବାସ୍ତବରେ ଏହା ତୁଳନାର ଯୁଗ। ସାମାଜିକ ଗଣମାଧ୍ୟମ ଏହି ଧାରାକୁ ଆହୁରି ତୀବ୍ର କରିଛି। ସମସ୍ତେ ଏବେ ଅନ୍ୟମାନଙ୍କ ନିକଟରେ ନିଜ ଜୀବନକୁ ସ୍ୱତନ୍ତ୍ର ଭାବରେ ଉପସ୍ଥାପନ କରିବାକୁ ଚେଷ୍ଟା କରୁଛନ୍ତି। ପ୍ରେରଣା ହେବା ପରିବର୍ତ୍ତେ, ଜଣେ ବ୍ୟକ୍ତିଙ୍କ ସଫଳତା ଈର୍ଷାର ଉତ୍ସ ହୋଇଛି। ଅନ୍ୟମାନଙ୍କ ଘର, ପୋଷାକ କିମ୍ବା ଗାଡ଼ି ଦେଖି ନିଜ ଜୀବନକୁ ଅପୂର୍ଣ୍ଣ ବୋଲି ଭାବିବା ଆଜି ସାଧାରଣ ହୋଇଗଲାଣି। ଏହି ନିରନ୍ତର ତୁଳନା ଏବଂ ପ୍ରଦର୍ଶନ ଆମ ଅସନ୍ତୋଷର ସବୁଠାରୁ ବଡ଼ କାରଣ। ଲୋକମାନେ ଏବେ ଜୀବନ ବଞ୍ଚିବା ଅପେକ୍ଷା ଦେଖାଇବାରେ ଅଧିକ ବିଶ୍ୱାସ କରନ୍ତି। ସୁବିଧାର ଏହି ସମୁଦ୍ରରେ, ଆଜିର ଲୋକମାନେ ପୂର୍ବ ଅପେକ୍ଷା ଏକାକୀ ଏବଂ ଅଧିକ ଅସ୍ଥିର। ପରିବାର ଛୋଟ ହୋଇଯାଇଛି, ସମ୍ପର୍କ ଆନୁଷ୍ଠାନିକ ଏବଂ ମେସେଜ ଯୋଗାଯୋଗର ସ୍ଥାନ ନେଇଛି। ଗୋଟିଏ ଛାତ ତଳେ ରହୁଥିବା ସମୟରେ ମଧ୍ୟ, ଲୋକମାନେ ଭିନ୍ନ ଭିନ୍ନ ଦୁନିଆରେ ହଜିଯାଆନ୍ତି। କାମର ଚାପ, ପ୍ରତିଯୋଗିତା, ମୁଦ୍ରାସ୍ଫୀତି ଏବଂ ଭବିଷ୍ୟତ ବିଷୟରେ ଚିନ୍ତା, ସବୁ ମିଶି ମଣିଷ ଭିତରେ ନିରନ୍ତର ଚାପ ସୃଷ୍ଟି କରିଛି। ଆଜି ହସ୍ପିଟାଲଗୁଡ଼ିକରେ ଶାରୀରିକ ରୋଗ ଅପେକ୍ଷା ମାନସିକ ରୋଗୀ ସଂଖ୍ୟା ଅଧିକ।

ଭୌତିକ ସମ୍ପଦ କେବଳ ଶରୀରକୁ ଆରାମ ଦିଏ, ମନକୁ ନୁହେଁ। ଜଣେ ବ୍ୟକ୍ତି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରନ୍ତି, ତଥାପି ରାତିରେ ଶାନ୍ତିରେ ଶୋଇପାରନ୍ତି ନାହିଁ। ଶାନ୍ତି ଏବଂ ସନ୍ତୋଷ ବଜାରରେ ବିକ୍ରି ହୁଏ ନାହିଁ କିମ୍ବା ବ୍ୟାଙ୍କରେ ଜମା ହୁଏ ନାହିଁ। ସମସ୍ୟା ହେଉଛି ଆଜି ଆମେ ଯଥେଷ୍ଟର ଅର୍ଥ ଭୁଲିଯାଇଛନ୍ତି। ପ୍ରତ୍ୟେକ ସଫଳତା ପରେ ମଧ୍ୟ ଅଧିକ ପାଇଁ ଇଚ୍ଛା ବଜାୟ ରହେ। ଏହି ଅନନ୍ତ ଇଚ୍ଛା ମାନସିକ ଅସ୍ଥିରତାର କାରଣ ପାଲଟିଛି। ଯଦି ଆମେ ପ୍ରକୃତରେ ଶାନ୍ତି ଚାହୁଁଛନ୍ତି, ତେବେ ଆମର ଜୀବନଶୈଳୀ ଏବଂ ଚିନ୍ତାଧାରାକୁ ପରିବର୍ତ୍ତନ କରିବାକୁ ପଡ଼ିବ। ଜୀବନ ଯେତେ ସରଳ ସେତେ ହାଲୁକା ଅନୁଭବ ହେବ। ଆମକୁ ଅନାବଶ୍ୟକ ସମ୍ପତ୍ତି ଏବଂ ଦେଖାଣିଆ ଜିନିଷଠାରୁ ନିଜକୁ ଦୂରେଇ ରଖିବାକୁ ପଡ଼ିବ। ଆମ ପାଖରେ ଯାହା ଅଛି ସେଥି ପାଇଁ କୃତଜ୍ଞତା ପ୍ରକାଶ କରିବା ଉଚିତ। ସୁବିଧାରୁ ଖୁସି ସାଉଁଟି ହୁଏନି। ଆମକୁ ସ୍ୱୀକାର କରିବାକୁ ପଡିବ ଯେ ଇଚ୍ଛାର ଅନ୍ତ ନାହିଁ, କିନ୍ତୁ ସନ୍ତୋଷର ଆରମ୍ଭ ଆମ ଭିତରେ ଅଛି।

ମୋ:୯୪୩୭୬୪୨୯୪୭

## ଏଇ ଭାରତରେ

କେଉଁ ମାଟିରେ କି ଫସଲ କଲେ ଉତ୍ପାଦନ ଅଧିକ ହେବ, ତାହା ମାଟି ପରୀକ୍ଷାରୁ ଜଣାପଡ଼ିଥାଏ। ଆଧୁନିକ ଚାଷରେ ଏହାର ଗୁରୁତ୍ୱ ରହିଛି। କିନ୍ତୁ ଅଧିକାଂଶ କୃଷକମାନେ ମାଟି ପରୀକ୍ଷା କରିପାରନ୍ତିନି, କାରଣ ଭାରତରେ ଏହାର ବ୍ୟାପକ ସୁଯୋଗ ନାହିଁ। ତେବେ ଏଭଳି ସମସ୍ୟା ଦୂର କରିଛନ୍ତି ଆଇଆଇଟି, ବମ୍ବେର ବୈଜ୍ଞାନିକ ଡ. ରଙ୍ଗୁଲ ପାଟକର। ଡ. ପାଟକର ହେଉଛନ୍ତି ପ୍ରକ୍ସିମାଲ ସଏଲସେନ୍ସ ଟେକ୍ନୋଲୋଜିର ସହ ପ୍ରତିଷ୍ଠାତା ଓ ସିଇଓ। ସେ ବିଶ୍ୱର ସବୁଠୁ ଛୋଟ 'ନ୍ୟୁଟ୍ରିସେନ୍ସ' ନାମକ ମାଟି ପରୀକ୍ଷା ଉପକରଣ ବିକାଶ କରିଛନ୍ତି। ଏଥିରେ ସହଜରେ, କମ୍ ସମୟରେ ଏବଂ ଶସ୍ତାରେ ମାଟି ପରୀକ୍ଷା କରାଯାଇପାରୁଛି। ନ୍ୟୁଟ୍ରିସେନ୍ସରେ ଥିବା କାଗଜ ଆଧାରିତ ସେନ୍‌ସରରେ ମାଟିର ୬ଟି ଗୁରୁତ୍ୱପୂର୍ଣ୍ଣ ମାନକ ପରୀକ୍ଷା କରାଯାଉଛି। ନ୍ୟୁଟ୍ରିସେନ୍ସ ୧ ଗ୍ରାମ ମାଟିକୁ ୫ ମିନିଟରୁ କମ୍ ସମୟ ମଧ୍ୟରେ ପରୀକ୍ଷା କରିଦେଇପାରୁଛି। ଫଳରେ କମ୍ ରାସାୟନିକ ସାରରେ ଅଧିକ ଉତ୍ପାଦନ ସମ୍ଭବ ହେଉଛି। ଏବେସୁଦ୍ଧା ଆସାମ, ପଞ୍ଜାବ, ତେଲଙ୍ଗାନା, ଗୁଜରାଟ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟର ୧୦,୦୦୦ରୁ ୧୫,୦୦୦ କୃଷକ ଉପକୃତ ହୋଇସାରିଲେଣି। ଡ. ପାଟକର ନ୍ୟୁଟ୍ରିସେନ୍ସକୁ ସବୁ ରାଜ୍ୟର କୃଷକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି।

## ଚିରନ୍ତନୀ

ଅଙ୍ଗେ ଅଙ୍ଗ ଇଙ୍ଗିତ କେତେ ଲାଗିଲା ।
ଚମକାଇ
ତୃଷିତ ଆଖିରେ ଯେତେ ମୁଖଛବି ଜାଗିଲା
ମନେ ନାହିଁ ।
–(ମନେ ନାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନ୍ୟାୟିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

ମହାଶୟ,

ଭାରତର ସୁପ୍ରିମକୋର୍ଟ ତଥା ସମସ୍ତ ରାଜ୍ୟରେ ଥିବା ହାଇକୋର୍ଟରେ ବିଭିନ୍ନ ମାମଲା ବର୍ଷ ବର୍ଷ ଧରି ପଡି ରହିଛି। ଫଳରେ ତ୍ୱରିତ ନ୍ୟାୟ ପାଇବା ପାଇଁ ଦୀର୍ଘ ବର୍ଷ ଅପେକ୍ଷା କରି ଆସୁଥିବା ଜନସାଧାରଣ ସମ୍ପୂର୍ଣ୍ଣ ମାନସିକ ଚାପ ଗ୍ରସ୍ତ ହେଉଛନ୍ତି, ଏପରି କି ଅନେକ କ୍ଷେତ୍ରରେ ସେମାନଙ୍କ ମୃତ୍ୟୁ ହୋଇଯାଉଛି। ବିଶେଷ କରି ସରକାରୀ ଓକିଲ ତଥା ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାର ଜାଣିଶୁଣି ନ୍ୟାୟାଳୟରେ କେସ୍ ତାରିଖ ଗଡ଼ାଇ ଚାଲୁଛନ୍ତି। ଅଳ୍ପଦିନ ତଳେ ଏକ ଖବରକୁ ଅନୁଶୀଳନ କଲେ ଓଡ଼ିଶା ସମେତ ସମଗ୍ର ଦେଶରେ ଥିବା ନ୍ୟାୟିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜଣେ ସାଧାରଣ ବ୍ୟକ୍ତି ମାତ୍ର କେଇଟା ଟଙ୍କା ଆତ୍ମସାତ ପାଇଁ ଦୀର୍ଘ ତିରିଶ ବର୍ଷ ଧରି ଜେଲରେ ସଜା କାଟି ଶେଷରେ ଇହଲୀଳା ସମ୍ବରଣ କରିଛନ୍ତି। କଥାରେ ଅଛି 'ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ'। ଅନେକ ବିକଶିତ ଦେଶର ନ୍ୟାୟିକ ବ୍ୟବସ୍ଥାକୁ ଅନୁଶୀଳନ କଲେ ଜଣାପଡେ, ସମ୍ପୃକ୍ତ ଦେଶଗୁଡ଼ିକର ଜନସାଧାରଣଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନ୍ୟାୟ ମିଳୁଛି। ଥରେ ତାରିଖ ସ୍ଥିର ହୋଇ ସାରିବା ପରେ କୌଣସି ପରିସ୍ଥିତିରେ ତାହାକୁ ଘୁଞ୍ଚା ଯିବା ଉଚିତ ନୁହେଁ ଏବଂ ସେହି ଧାର୍ଯ୍ୟ ତାରିଖରେ ନିଶ୍ଚିତ ଶୁଣାଣି ହେବା ଆବଶ୍ୟକ। ଓଡ଼ିଶା ସମେତ କେନ୍ଦ୍ର ସରକାର ଏହି ତ୍ୱରିତ ନିଶ୍ଚିତ ନ୍ୟାୟ ପ୍ରଦାନ ପାଇଁ ତୁରନ୍ତ ପଦକ୍ଷେପ ନେବା ନିହାତି ଜରୁରୀ।

– ରାଜୀବ କୁମାର ନାୟକ, ଇଟାପଡା,
ମଙ୍ଗଳପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବିପର୍ଯ୍ୟୟ ପୀଡ଼ିତଙ୍କୁ ସହାୟତା**

ଆସିକା (ସୁରେନ୍ଦ୍ର ନାଥ ସାହୁ): ଆସିକା ତହସିଲରେ ୨୦୨୫-୨୬ ଆର୍ଥିକ ବର୍ଷରେ ଅଦ୍ୟାବଧି ୨୧ ପରିବାରଙ୍କୁ ବିପର୍ଯ୍ୟୟ ସହାୟତା ରାଶି ପ୍ରଦାନ କରାଯାଇଛି। ସର୍ପାଘାତ ୯ ଜଣ ଓ ପାଣିରେ ବୁଡ଼ି ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସଂପୃକ୍ତ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିବା ତହସିଲଦାର ସଙ୍ଗୀତା ସେନ୍ କହିଛନ୍ତି। ଗତ ଆର୍ଥିକ ବର୍ଷରେ ଆସିକା ତହସିଲରେ ପାଣିରେ ବୁଡ଼ି, ବଜ୍ରାଘାତ ଓ ସର୍ପାଘାତରେ ମାତ୍ର ୩ଜଣଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିଲା।



## ଡକାୟତି ଯୋଜନା ପଣ୍ଡ, ୫ ଗିରଫ

### ୩ ଖଣ୍ଡା ସହ ୭ ବୋମା ଜବତ

ଖଲିକୋଟ,୨୧।୨ (ପ୍ରଶାନ୍ତ କୁମାର ମିଶ୍ର)

ଖଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବଡ଼ ଘାଟି ନିକଟରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଲିକୋଟ ଥାନା ଅନ୍ତର୍ଗତ ବାଲୁକେଶ୍ୱରପୁର ଗ୍ରାମର ବଚନ ନାହାକ, ଚୋଟା ଗାଁର ରୁଦ୍ର ନାହାକ, ତୁଳସୀପୁର ଗ୍ରାମର ରାଜା ପାହାନ, ବେଗୁନିଆପଡ଼ା ଥାନା ସୁମଣ୍ଡଳ ଗାଁର ସିପ ବାରିକ ଓ ମୁଣ୍ଡଳା ଗ୍ରାମର ବାବୁ ସ୍ୱାଇଁ। ସେମାନଙ୍କଠାରୁ ୩ ଖଣ୍ଡା ଓ ୭ଟି ଜୀବନ୍ତ ବୋମା ଜବତ କରିଛି। ଖବରରୁ ପ୍ରକାଶ, ଶୁକ୍ରବାର ବିଳମ୍ବିତ ରାତିରେ ବଡ଼ ଘାଟି ନିକଟରେ ଜଣେ ଜଣେ ଯୁବକ ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇ ଖଲିକୋଟ ଥାନାଧିକାରୀ ରମେଶ ପ୍ରଧାନଙ୍କ ନେତୃତ୍ୱରେ ଏଏସଆଇ ଉମା ଚରଣ ପ୍ରଧାନ, ହରିକୃଷ୍ଣ ସାମଲ, ସୁଜିତ୍ ପାଣିଗ୍ରାହୀ, ଅଭିମନ୍ୟୁ ପାଣ୍ଡେ, ହାବିଲଦାର ରମେଶ ରାଉତ, କନେଷ୍ଟବଲ ଅଜୟ ବେହେରା, ରମାକାନ୍ତ ନାୟକଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଘାଟି ନିକଟରେ ଚଢ଼ାଉ କରି ଡକାୟତି ପାଇଁ ଯୋଜନା କରୁଥିବା ଏହି ୫ଜଣଙ୍କୁ ଗିରଫ କରିଥିଲେ। ଗିରଫ ରୁଦ୍ର, ରାଜା ଓ ବାବଙ୍କ ନାମରେ ପୂର୍ବରୁ ଖଲିକୋଟ ଥାନା ସମେତ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଥାନାଧିକାରୀ କହିଛନ୍ତି। କେସ ନଂ.୧୩୪ /୨୦୨୬ ମାମଲା ରୁଜୁ ହୋଇଛି।

## ରେଫର ସେଣ୍ଟର ପାଲଟିଛି ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଖଜୁରିପଡ଼ା ୨୧।୨ (ବିଦୁର ବେହେରା)– ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିପର୍ଯ୍ୟୟ ହେବାରେ ଲାଗିଛି ବୋଲି ମା'ଭଣ୍ଡେଶ୍ୱରୀ ଯୁବ କଲ୍ୟାଣ ପରିଷଦ ଯୁବକ ସଂଘ ଅଭିଯୋଗ କରିଛି। ଡାକ୍ତର ଓ କର୍ମଚାରୀଙ୍କ ଅଭାବ, ଔଷଧ ଅଭାବ, ପରୀକ୍ଷା ନିରୀକ୍ଷା ପାଇଁ ଯନ୍ତ୍ରପାତି ଅଭାବ, ରହିଥିବା ଡାକ୍ତରମାନଙ୍କ ଦ୍ୱାରା ଉତ୍ତମ ଚିକିତ୍ସା ସେବା ମିଳୁ ନ ଥିବାରୁ ସାଧାରଣ ଲୋକେ ଉଚିତ୍ ସ୍ୱାସ୍ଥ୍ୟ ସେବାପାଉନାହାନ୍ତି। କୌଣସି ପରିସ୍ଥିତିରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ବଦଳରେ ତାଙ୍କୁ ଫୁଲବାଣୀ ମେଡିକାଲ୍‌କୁ ରେଫର୍ କରି ଦେଉଥିବାସଂଘ ଅଭିଯୋଗକରିଛି। ରୋଗୀଙ୍କୁ ଏଠାରେ ଆବଶ୍ୟକ ଔଷଧ ମିଳୁନାହିଁ, ସେମାନେ ବାହାରୁ ଚଢ଼ା ଦରରେ ଔଷଧ କିଣିବାକୁ ବାଧ ହେଉଛନ୍ତି। ଚିକିତ୍ସା ବେଳେ ଯେଉଁ ରୋଗୀଙ୍କ ଏକ୍ସ-ରେ ଆବଶ୍ୟକ ତାହା ମଧ ଏଠାରେ ନାହିଁ। ଥଣ୍ଡା ଗରମ ପାଣି ଯୋଗାଇବା ପାଇଁ ଲଗା ଯାଇଥିବା ମେଶିନ ଅଚଳ ହୋଇ ପଡ଼ିଛି। ଗୁରୁତର ରୋଗୀଙ୍କୁ ସ୍ଥାନାନ୍ତର ପାଇଁ ଆମ୍ବୁଲାନ୍ସ ଠିକ ସମୟରେ ଉପଲବ୍ଧ ହେଉନାହିଁ। ଫୁଲବାଣୀରୁ ଆମ୍ବୁଲାନ୍ସ ଆସିଲେ ରୋଗୀଙ୍କୁ ନିଆଯାଉଛି। ନଚେତ୍ ଘରୋଇ ଆମ୍ବୁଲାନ୍ସରେ ଅଧିକ ଖର୍ଚ୍ଚ ହୋଇ ଲୋକେ ରୋଗୀଙ୍କୁ ନେଉଛନ୍ତି। ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ରୋଗୀ କଲ୍ୟାଣ ସମିତିରେ ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ । ପରବର୍ତ୍ତୀ ସମୟରେ ସରକାରଙ୍କ ଏକ ୭ଜଣିଆ ସ୍ୱାସ୍ଥ୍ୟ ବିଭାଗର ଷ୍ଟାଣ୍ଡିଂ କମିଟି କନ୍ଧମାଳ ଜିଲା ଗସ୍ତରେ ଆସି ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ବିଭିନ୍ନ ସମସ୍ୟା ଦେଖି ଯାଇଥିଲେ। ରୋଗୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ନିକଟରୁ ମୌଖିକ ଏବଂ ଲିଖିତ ଭାବେ ଅଭିଯୋଗ ଗ୍ରହଣ କରି ସ୍ୱାସ୍ଥ୍ୟ ଅଧିକାରୀ ଏବଂ ସମସ୍ତ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ତିନିଦିନ ତଳେ ରାତିରେ ବଲସକୁମ୍ପା ଅଞ୍ଚଳର ଜଣେ ମହିଳାଙ୍କୁ ଚିକିତ୍ସା ପାଇଁ ସଂଘ ସଭାପତି ପ୍ରଫୁଲ୍ଲ ବେହେରା, ସମ୍ପାଦକ ବିଦୁର ବେହେରା, ଉପ ସଭାପତି ବରୁଣ ସାହାଣୀ, ପୂର୍ବତନ ଉପ ସଭାପତି ଗୋକୁଳ ସାହାଣୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ରୋହିତ ବେହେରା ପ୍ରମୁଖ ଖଜୁରିପଡ଼ା ମେଡିକାଲ ଆସିଥିଲେ। ସେଠାରେ ଡାକ୍ତର ସମ୍ପୃକ୍ତ ମହିଳାଙ୍କ ଠିକ୍ ରୂପେ ଚିକିତ୍ସା ନ କରିଫୁଲବାଣୀ ରେଫର କରି ଦେଇଥିଲେ ବୋଲି ସଂଘ ଅଭିଯୋଗ କରିଛି। ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଜନିତ ସମସ୍ୟା ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାକୁ ଯୋଗ ଯୋଗ କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ। କନ୍ଧମାଳ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ମୁକ୍ତେଶ୍ୱର ମନ୍ଦିର, ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ମହାସମାରୋହ



ଦାରିଙ୍ଗବାଡ଼ି,୨୧।୨(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁଠାରେ ଗୁରୁବାରଠାରୁ ଚାଲିଥିବା ଶ୍ରୀଶ୍ରୀମୁକ୍ତେଶ୍ୱର ମହାପ୍ରଭୁଙ୍କ ମନ୍ଦିର ଓ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ମହାସମାରୋହର ତୃତୀୟ ଦିବସ ଶନିବାର ହୋମ ଯଜ୍ଞ ସହ ମନ୍ଦିର ପ୍ରତିଷ୍ଠା, ମନ୍ଦିର ପ୍ରବେଶ ଓ ରଥ୍ୟମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମନ୍ଦିରର ପାର୍ଶ୍ୱ ଦେବତାଙ୍କ ମଧ ପୂଜାର୍ଚ୍ଚନା ସହ ପ୍ରତିଷ୍ଠା ଓ ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଛି। ଅପରାହ୍ନରେ ରଥ୍ୟମୁଦ କାର୍ଯ୍ୟକ୍ରମରେ ଭକ୍ତଙ୍କ ଦ୍ୱାରା ଦାନ କରାଯାଇଥିବା ଶସ୍ୟ, ସୁନା, ରୁପା, ଅଳଙ୍କାର, ଫୁଲ, ଚନ୍ଦନ ଆଦିକୁ ରଥ୍ୟମୁଦ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ୭୨ପ୍ରହର ନାମଯଜ୍ଞ ସମେତ ଘୃତ, ଗୋ ଯଜ୍ଞ, ଜ୍ଞାନ, ଅର୍ଣ୍ଣ ଯଜ୍ଞ ଆଦି କରାଯାଉଛି। କାର୍ଯ୍ୟକ୍ରମକୁ ଗ୍ରାମବାସୀ ଓ ମନ୍ଦିର କମିଟି ପକ୍ଷରୁ ପରିଚାଳନା କରାଯାଉଛି। ଏଥିରେ ସଭାପତି ଗଣେଶ ପାତ୍ର, ରାମଚନ୍ଦ୍ର ପାତ୍ର, ଉପସଭାପତି ବିରଞ୍ଚି ବିଶୋୟୀ, କେ.ଶ୍ୟାମ ବାବୁ ଅଚାରୀ,ସମ୍ପାଦକ ପବିତ୍ର ବେହେରାକଲାଇ, ମଣ୍ଡଳ ପ୍ରକାଶ ମହାନ୍ତି, ପଞ୍ଚାନନ ଚୌଧୁରୀ, ଭାଜପା ମଣ୍ଡଳ ସଭାପତି ଗଣେଶ ଡାଗୁଆଓ ଅନ୍ୟମାନେ ପରିଚାଳନା କରୁଛନ୍ତି। ସୂଚନାଯୋଗ୍ୟ ଏହି କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇ ପ୍ରଥମ ଦିନରେ ଦୀକ୍ଷା ଗ୍ରହଣ ଓ ଅଙ୍କୁରରୋପଣ କରାଯାଇଥିଲା। ଦ୍ୱିତୀୟ ଦିବସ ଶୁକ୍ରବାର କଳସ ଯାତ୍ରା ଯଜ୍ଞାରମ୍ଭ, ମଣ୍ଡଳ ଦେବତା ପୂଜା ହୋମ ଓ ବନଯୋଗ, ହିନ୍ଦୁ ସମ୍ମିଳନୀ ଆଦି କରାଯାଇଥିଲା।

## ମାଟ୍ରିକ୍ ପରୀକ୍ଷା ଦେବାକୁ ଟ୍ରାକ୍ଟରରେ ଗଲେ ଛାତ୍ର

କ.ନୂଆଗାଁ/ ଫୁଲବାଣୀ, ୨୧।୨(କାଳିପ୍ରସାଦ ତ୍ରିପାଠୀ/ରାକେଶ ରାଉତ)

ସରକାରଙ୍କ ନିୟମକୁ ଖୋଲା ଉଲଂଘନ କରା ଯାଉଛି। କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଟ୍ରାକ୍ଟରରେ ପରୀକ୍ଷା କେନ୍ଦ୍ରକୁ ଯାଉଥିବା ଦେଖିବାକୁ ମିଳିଛି। ଏହି ଘଟଣା ଏବେ ଚର୍ଚ୍ଚା ଜୋର ଧରିଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜନସାଧାରଣ ଦାବି କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ସକାଳ ୭.୩୦ ସମୟରେ ପିଲାମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା କଥା। ସେହି ଅନୁଯାୟୀ କ. ନୂଆଗାଁ ପିଏମଶ୍ରୀ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ବାହାରି ଯାଇଥିଲେ। ପ୍ରାୟ ୫ କିମିରୁ ଉର୍ଦ୍ଧ୍ୱ ଚଲା ରାସ୍ତା ହୋଇଥିବାରୁ ଛାତ୍ରମାନେ ଥକି ଯାଇ ରାସ୍ତାରେ ଯାଉଥିବା ଏକ ଟ୍ରାକ୍ଟରର ସହାୟତା ନେଇଥିଲେ। ଟ୍ରାକ୍ଟର ଡ୍ରାଇଭର ପିଲାଙ୍କ ପରୀକ୍ଷା କଥା ଶୁଣି ତାଙ୍କୁ ନିଜ କାମ ଛାଡ଼ି ପରୀକ୍ଷା କେନ୍ଦ୍ର ଦୁର୍ଗୁଲିରେ ଛାଡ଼ି ଆସିଥିଲେ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ରଥଙ୍କ ସହ ଯୋଗାଯୋଗ କରିବାରୁ ଆମର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଚଲାଇ ପରୀକ୍ଷା କେନ୍ଦ୍ର ନେଉଥିଲେ। କିନ୍ତୁ ପିଲା ନ ଶୁଣି ଟ୍ରାକ୍ଟରରେ ବସିପଡ଼େଇଥିଲେ। ୫୧ ପିଲାଙ୍କୁ ଅଟୋ ଭଡ଼ା କରି ପରୀକ୍ଷା କେନ୍ଦ୍ରରେ ଛାଡ଼ିବା ପାଇଁ ଆମ ପାଖରେ ଟଙ୍କା ନାହିଁ ବୋଲି କହିଛନ୍ତି। ସେହିପରି ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗୁରୁସାକ୍ଷୀ ପାତ୍ରଙ୍କୁ ପଚାରିବାରୁ ଟ୍ରାକ୍ଟରରେ ପରୀକ୍ଷା କେନ୍ଦ୍ରକୁ ଯାଉଥିବା ପରୀକ୍ଷାର୍ଥୀ ଓ ସେ ସ୍କୁଲରେ ଛାତ୍ର ବୋଲି ସଫେଇ ଦେଇଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଦାବି କରିଛନ୍ତି।

## ଲୋକ ସମ୍ପର୍କ କାର୍ଯ୍ୟକ୍ରମ, ବିଶ୍ୱ ମାତୃଭାଷା ଦିବସ

ବେଲଗୁଣ୍ଠା,୨୧।୨(କୃଷ୍ଣ ଚନ୍ଦ୍ର ପଞ୍ଚାୟକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଇନ୍ ନାନୋ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଆନୁକୂଲ୍ୟରେ ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ପ୍ରତାପ ଲକ୍ଷ୍ମଣପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ଲୋକ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ମାନସ ରଞ୍ଜନ ଡାକୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିଣ୍ଡି କାଉନସିଲ୍ ଅଧକ୍ଷ ପ୍ରଫେସର୍ ସୁକାନ୍ତ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ ଉତ୍କର୍ଷ କେନ୍ଦ୍ରର ସଂଯୋଜକ ପ୍ରିତୀ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ନାନୋ ଟେକ୍ନୋଲୋଜି ଏବଂ ସେନସର ର ଉପଯୋଗିତା ଓ ପ୍ରଯୁକ୍ତି ସମ୍ପର୍କିତ ବିଶଦ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ଗବେଷକ କାହ୍ନୁ ଚରଣ ନାୟକ, ଅଶୋକ କୁମାର ସାହୁ, ପ୍ରାନ୍ତି ପି ଦାଶ, ଶ୍ରଦ୍ଧାଞ୍ଜଳି ଲେଙ୍କା ଏବଂ ବାର ଜଣ ପ୍ରକଳ୍ପ ସଂଯୋଜକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ୮ଟି ପ୍ରକଳ୍ପ ସମ୍ପର୍କରେ ବର୍ଣ୍ଣନା କରି ଉତ୍ସାହିତ କରିଥିଲେ। ଅପରାହ୍ନରେ ଓଡ଼ିଆ ବିଭାଗ ଅଧିପିକା ପ୍ରାଚୀପ୍ରଭା ନାୟକଙ୍କ ନେତୃତ୍ୱରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥିଲା। ସହପାଠ୍ୟ ବିଭାଗର ନିର୍ଦ୍ଦେଶକ ସନ୍ତୋଷ କୁମାର ଗୌରଙ୍କ ପରିଚାଳନାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଶ୍ୱ ମାତୃଭାଷା ଦିବସ, ପଞ୍ଚାୟତସ୍ତରୀୟ କିଶୋରୀ ମେଳା

ଜି.ଉଦୟଗିରି,୨୧।୨(ବିଜୟ କୁମାର ସେଠୀ)

ସ୍ଥାନୀୟ ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତ କୁମାରିଗିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ସହ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ତରଣୀ ଦିଗାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାତୃଭାଷାର ମହତ୍ତ୍ୱ, ସଂରକ୍ଷଣ ଓ ପ୍ରଚାର ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ମାତୃଭାଷାର ଗୌରବ ଉପରେ ଆଲୋଚନା କରାଯାଇଥିବା ବେଳେ ଛାତ୍ରୀଛାତ୍ରମାନେ ମାତୃଭାଷା ପ୍ରତି ଭଲପାଇବା ବ୍ୟକ୍ତ କରିଥିଲେ। ଏହିଅବସରରେ ଶିକ୍ଷୟିତ୍ରୀ ରେଙ୍କି ନାୟକ, ଯୋଷଦା ପ୍ରଧାନ ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ି ସୁପରଭାଇଜର ବିଷୟା କହିଁଙ୍କ ସମେତ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀମାନେ ଯୋଗ ଦେଇଥିଲେ। ବିଶ୍ୱ ମାତୃଭାଷା ଦିବସ ଭାଷାର ସୁରକ୍ଷା ଓ ବିଭିନ୍ନତାକୁ ସମ୍ମାନ ଦେବାର ଏକ ଅନନ୍ୟ ଦିନ ଭାବେ ପରିଚିତ। ଏହି ପାଳନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମନରେ ନିଜ ମାତୃଭାଷା ପ୍ରତି ଗର୍ବ ଓ ସମ୍ମାନବୋଧ ଜାଗ୍ରତ ହୋଇଥିବା ଦେଖାଯାଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ନୂତନ ଥାନାଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଗୋପାଳପୁର,୨୧।୨(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନାରେ ନୂତନ ଥାନାଧିକାରୀ ଭାବେ ସତ୍ୟ ରଞ୍ଜନ ଲେଙ୍କା ଦାୟିତ୍ୱ ଗ୍ରହଣ କରିଛନ୍ତି ପୂର୍ବରୁ ସେ ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରେ କାର୍ଯ୍ୟ କରୁଥିଲେ। ଗୋପାଳପୁର ଥାନାରେ ଦାୟିତ୍ୱ ଗ୍ରହଣ କରିବା ପରେ ଥାନା କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ନାହିଁ ଥାନାକୁ ଆସୁଥିବା ଅଭିଯୋଗକାରୀମାନେ କିଭଳି ନ୍ୟାୟ ପାଇବେ ସେଥିପ୍ରତି ଦୃଷ୍ଟି ଦେବି ବୋଲି ଲେଙ୍କା କହିଛନ୍ତି।


**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାତିତୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଟେଏଲ, ବାଇକ୍, ଆଧାର କିମ୍ବା ପାନ୍ କାର୍ଡ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗାଯୋଗ କରନ୍ତୁ - 08071934927।

Bank of Baroda

**ସଂଶୋଧନ ପତ୍ର**

ଦୃଷ୍ଟି ଦ୍ୱାରା ପ୍ରକାଶିତ "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି" ... (ସଂଶୋଧନ ବିଜ୍ଞପ୍ତି, ଅକ୍ଷର ଅସ୍ପଷ୍ଟ)

ତା.୨୧.୦୨.୨୦୨୬ରିଖ / କ୍ଷମତାପ୍ରାପ୍ତ ଅଧିକାରୀ



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧ | ୱେବସାଇଟ: https://oshb.org

**ବିଜ୍ଞାପନ**

No. 13001/349/2526: ... (LIG-70), ବରମୁଣ୍ଡା, ... ଭୁବନେଶ୍ୱର ... (ବିଜ୍ଞପ୍ତି)

ସ୍ୱା./– ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13001/13030/1/25-26/0076



No.9001/18/2526

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା.23.02.2026ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-9001/9001/1/25-26/0010



**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**

Phone / Fax : (0680) 2233683, e-mail : sernb1.ganjam@yahoo.com

No.34001/103/2526 — "e" Procurement Notice

Bid Identification No. SE R&B Divn. No.I Bam. 64/2025-26

Lr. No. 2738 — Dated : 19.02.2026

| | |
|---|---|
| Name of work | Civil Works |
| No. of works | 05 (Five) No's |
| Estimated Cost | Approximately Rs.14.02 to 25.55 Lakh |
| Period of Completion | One Calendar Month |
| Date and time of Availability of bid document in the portal | From 10.00 hours of 24.02.2026 to 16.00 hours of 05.03.2026 |
| Last date / time for receipt of bids in the portal | Upto 16.00 hours of 05.03.2026 |
| Name and address of the Officer inviting Bid | Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer, Ganjam (R&B) Division No.I, Berhampur

OIPR-34001/34109/1/25-26/0026



**GOVERNMENT OF ODISHA**

**PANCHAYAT SAMITI, GUDARI**

E-Mail : ori-gudari@od.gov.in — No.19001/45/2526

INVITATION FOR BIDS (IFB)

e-Procurement Notice

IDENTIFICATION NO.02/2025-26 OF PANCHAYAT SAMITI, GUDARI No.344/GPSSK/2026, (GPSSK. Tender) Dev Dated 20.02.2026

1. The Panchayat Samiti, Gudari Invites Percentage Rate Bids in Single Cover system in ON LINE MODE for construction of Gram Panchayat Subhadra Shakti Kendra (Civil + Electrification + PH) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of Works: 03 (Three) No.
3. Cost of Tender Paper: Rs.6,000/- (Rupees Six Thousand) only
4. Class of Contractor: "B" & "C" Class
5. Date & Time of available in website & receipt online: 11:00 Hrs of 02.03.2026 to 17.00 Hrs. of 16.03.2026
6. Date of opening of Technical Bid: 18.03.2026 at 11:00 Hrs.
7. The Bidder have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any corrigendum / Addendum will be displayed in the website https://tendersodisha.gov.in only.

Sd./- Block Development Officer, Gudari

OIPR-19001/19045/1/25-26/0001



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧ | ୱେବସାଇଟ: www.oshb.org

**ବିଜ୍ଞାପନ**

No. 13001/345/2526: ... (LR-73), ରାୟଗଡ଼ା ... (ବିଜ୍ଞପ୍ତି)

ସ୍ୱା./– ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13001/13030/1/25-26/0072



**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**

Mail Id : seccbbsr@gmail.com

EOI IDENTIFICATION NO.02 Dated

E-procurement Expression of Interest Notice No.2 of 2025-26

No.892 (Estg) Bhubaneswar Dated the 20 February 2026

No.34001/102/2526 The Chief Construction Engineer, Central (R&B) Circle, Bhubaneswar on behalf of Governor of Odisha, invites Expression of Interest (EoI) for Empanelment of agencies/vendors for Venue Set-up and other related allied facilities for VVIP/VIP programs under the jurisdiction of Chief Construction Engineer, Central (R&B) Circle, Bhubaneswar i.e. revenue districts of Khordha / Puri as detailed in the table below.

| Sl. No. | Name of the work | Non-Refundable Processing Fee (Online Submission) | Eligibility Criteria | Duration of EOI |
|---|---|---|---|---|
| 1 | Empanelment of Agency / Vendor for Venue Set-up and other related allied facilities for VVIP/VIP programs under the jurisdiction of Chief Construction Engineer, Central (R&B) Circle, Bhubaneswar | Rs.10,000.00 | As per EoI | 01 (One) Year |

2. No. of works : (1 No) (Eol Work), 3. Processing Fees : Rs.10,000/-, 4. Date & Time of available in website & receipt of application from 24.02.2026 to 5.00 P.M. of 05.03.2026, 5. Date of opening of EoI Proposal 06.03.2026 at 10.30 A.M., 6. The agency/Vendor has to participate in ONLINE mode only. Further details can be seen from the website www.tendersodisha.gov.in, 7. Any corrigendum / Addendum will be displayed in the website www.tendersodisha.gov.in

Sd./- Er.M.K.Mahananda, Chief Construction Engineer, Central (R&B) Circle, Bhubaneswar

OIPR-34001/34156/1/25-26/0007



**GOVERNMENT OF ODISHA**

**OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA**

Parmanandpur, Railway Station Road, Bhawanipatna, Dist. : Kalahandi, PIN - 766002, e-mail : eephbhpt@gmail.com

NATIONAL COMPETITIVE BIDDING THROUGH e-Procurement Identification No. ACEPH-BHPT-88 of 2025-26/Dt.18.02.2026

No.13001/343/2526 — e-Procurement Notice

| | | |
|---|---|---|
| 01. | Name of the Work | 1no. Work |
| 02. | Type of Bid | Single Bid System |
| 03. | Estimated Cost | Rs.8.40 Lakh |
| 04. | Period of Completion | 1 Calendar Months |
| 05. | Date & Time of availability of bid document in the portal | From 11.00 AM of dt. 23.02.2026 to 5.00 PM of 05.03.2026 |
| 06. | Last date / time of receipt of bids in the portal | 5.00 PM of 05.03.2026 |
| 07. | Date & Time of opening of technical bids | At 11.30 AM of 06.03.2026 |
| 08. | Name and Address of the Officer Inviting Bid | Additional Chief Engineer, P.H. Division, Bhawanipatna, Railway Station Road, At/Po - Parmanandpur, 766002, Dist - Kalahandi |

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Additional Chief Engineer, P.H. Division, Bhawanipatna

OIPR-13001/13059/1/25-26/0033



No.34001/113/2526

**WORKS DEPARTMENT**

**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**

E-Mail Id - eepwdrkl@gmail.com

Government of Orissa "e" Procurement Notice

Bid Identification No.: 30/2025-26 Dated:19.02.2026

1. Number of works:5(Five) number of Works
2. Estimated cost: Rs. 70.31 Lakhs to 83.12 Lakhs
3. Period of completion: 6(Six) calendar months
4. Date & Time of availability of bid document in the portal: Dt. 25.02.2026 at 11.00 A.M.
5. Last date/Time for receipt of bids in the portal: Dt. 16.03.2026 up to 05.00 P.M.
6. Date of opening of Bid: Dt. 17.03.2026 at 11.00A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela, Uditnagar.

Further details can be seen from the e-procurement portal http//tendersorissa.gov.in

Sd./- Superintending Engineer, Rourkela (R&B) Division

OIPR-34001/34068/1/25-26/0001



**GOVERNMENT OF ODISHA** — No.25001/210/2526

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL**

E-mail : sencrwangul@yahoo.co.in, Ph. : 06764-236404

**Tender Call Notice for Building Works in Odisha**

Bid Identification No. Building Online AGL-37/2025-26

No. 731// — Dt. 18.02.2026//

1. Name of the work : Building work, 2. Total No. of work : 1 No., 3. Estimated cost : Rs.148.28 Lakhs Approx, 4. Class of Contractor : 'B' & 'A' Class, 5. Period of completion : 15 (Fifteen) Calendar Months, 6. Other details :

| Procurement Officer | Bid Identification No. | Availability of Tender on-line for bidding From | Availability of Tender on-line for bidding To | Last Date & Time of seeking tender clarification | Date & Time of opening of Tender: Technical Bid | Date & Time of opening of Tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Building Online - AGL-37/2025-26 | 24.02.26 at 10.00 A.M. | 10.03.26 up to 5.00 P.M. | 09.03.26 up to 1.00 P.M. | 11.03.2026 at 10.00 A.M. | Will be intimated later on |

(1) For detailed Notice inviting Tenders, Please visit to the website www.tendersorissa.gov.in

Sd./- Chief Construction Engineer, Rural Works Circle, Angul

OIPR-25001/25180/1/25-26/0019



OHPC

**ODISHA HYDRO POWER CORPORATION LTD.**

(A GOVT. OF ODISHA UNDERTAKING)

CIN: U40101OR1995SGC003963

REGD.OFFICE: OHPC Corporate Office, Bhoi Nagar, Janpath, Bhubaneswar-751022

Phone: 91-0674-2542983, 2542802, 2545526, Fax- 2542102, E-mail: ohpc.co@gmail.com

No. OHPC: TECH: C&P:65/2025-26/ 1311 — Date: 17.02.2026

**NOTICE INVITING TENDER No.09/2025-26**

No.4001/38/2526 : Sealed Tenders are invited in two parts namely (i) Techno Commercial bid & (ii) Price bid in separate sealed envelopes from the registered & reputed Manpower Supply Agencies/ Service Provider having valid License for manpower outsourcing, EPF & ESI registration, PAN & GST Registration Certificate & fulfilling the eligibility criteria as per this tender specification for the work mentioned below :

| Description of Work | Cost of tender papers (Non-refundable) in ₹ | EMD in Rs. |
|---|---|---|
| Providing Services of Data Entry Operators, LMV Drivers, Receptionist, Computer Personnel, Jr.Accountants (Semi qualified) and Jr. Accountants (Qualified) personnel for OHPC Corporate Office, Bhubaneswar for a period of two years (2026-2028). | 11,800.00 (10000 + 18% GST) | 4,75,000.00 |

For details of the tender documents, terms & conditions please visit our website www.ohpcltd.com from dt. 25.02.2026.

C & P Head

OIPR-4001/4088/1/25-26/0003



**GOVERNMENT OF ODISHA**

**Office of the Superintending Engineer Bhanjanagar (R&B) Division, Bhanjanagar**

(Phone/Fax : (06821) 241133 / E-mail : eernbbngr@yahoo.in)

Ltr. No. 2057//Dtd.18.02.2026

No.34001/115/2526 — INVITATIONS FOR BIDS (IFB)

E-Procurement Bid Identification No. S.E - BNJ-R&B-29/2025-26

| | | |
|---|---|---|
| 1. | Name of work | Shifting and Re-erection of HT, LT and Sub Station Due to widening and Strengthening of Karatali PMGSY to Manikapuru from 0/000km to 7/440KM (excluding 3/550Km to 6/550Km). |
| 2. | No. of works | 1 No. Electrical Work |
| 3. | No. of covers | Single Cover |
| 4. | Estimated cost | Rs.12.00 lakhs |
| 5. | Period of Completion | Three Calendar Months |
| 6. | Date of time of availability of bid document in the portal | From 12.00 Noon of dated 24.02.2026 to 5.00 P.M. of dated 06.03.2026 |
| 7. | Last date/time for receipt of bids in the portal | Up to 5.00 P.M. of dated 06.03.2026 |
| 8. | Date of opening of bid documents | At 11.00 A.M. of dated 07.03.2026 |
| 9. | Class of contractor | "HT" Elect. Contractor |
| 10. | Name and address of officer inviting bid | Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in The Addendum/Corrigendum if any will be hosted in the website only.

Sd./- Superintending Engineer, Bhanjanagar (R&B) Division

OIPR-34001/34015/1/25-26/0001



No.25001/215/2526

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA**

E_Mail ID: serwcbanpada@gmail.com, Ph. No.-06792-261343/261344, Gangraj, Baripada

Office Order No.1166/Dt.20.02.2026//

1st Corrigendum to National Competitive Bidding e_procurement Notice No.758/Weir on Bridge work Dt.29.01.2026 (NCB No.-406)

Due to unavoidable circumstances the important dates of tendering process for weir on bridge work is being changed as follows.

| Sl No. | Item | Time Schedule as per Original NCB | Time Schedule as per Corrigendum Notice |
|---|---|---|---|
| 1 | Availability of tender On-line for bidding | 10.02.2026 at 11.00 A.M. to 25.02.2026 up to 05.00 P.M. | 27.02.2026 at 11.00 A.M. to 13.03.2026 up to 05.00 P.M. |
| 2 | Date & Time of Seeking Tender Clarification if any | 24.02.2026 up to 05.00 P.M. | 12.03.2026 up to 05.00 P.M. |
| 3 | Date & Time of Opening of Technical Bid | 26.02.2026 at 11.00 A.M. | 16.03.2026 at 11.00 A.M. |
| 4 | Date & Time of Opening of Financial Bid | Will be intimated later | Will be intimated later |

All other terms and conditions remain unchanged.

Sd./- Er. A.K. Naik, Chief Construction Engineer, R.W. CIRCLE, BARIPADA

OIPR-25001/25130/1/25-26/0029

## ପୋଷ୍ଟମ୍ୟାନଙ୍କ ମୃତଦେହ ଜବତ

ପାତ୍ରପୁର,(ଉମା ଚରଣ ନେପାକ): ଜରଡ଼ା ଥାନା ଗୋଠଗାଁ ପୋଷ୍ଟମ୍ୟାନଙ୍କ ମୃତଦେହକୁ ତାଙ୍କ ଭଡ଼ାଘରୁ ଜବତ ହୋଇଛି। ସେ ହେଲେ ଗଜପତି ଜିଲା ରାମଗିରି ବ୍ଲକ ଗୁଡ଼ିସାହିର ଗିରିଧାରୀ ରଇତ (୨୭) । ସେ ପାତ୍ରପୁର ବ୍ଲକ ଖରଣିପଡା ପଞ୍ଚାୟତ ଗୋଠଗାଁ ଗ୍ରାମର ପୋଷ୍ଟ ଅଫିସରେ ୪ ବର୍ଷ ଧରି ପୋଷ୍ଟମ୍ୟାନ ଭାବରେ କାର୍ଯ୍ୟରତ ଥିଲେ। ଗ୍ରାମରେ ଗୋଟିଏ ଭୋଜି ପାଇଁ ଗୁଆଦେବା ପାଇଁ ଗ୍ରାମର କିଛି ଲୋକ ପୋଷ୍ଟମ୍ୟାନଙ୍କ ଭଡାଘରକୁ ଯାଇଥିଲେ। ସେଠାରେ ପୋଷ୍ଟମ୍ୟାନ ଜଣକ ଚେତାଶୂନ୍ୟ ହୋଇ ପଡ଼ିଥିବା ଦେଖି ବାହାରକୁ ଆସି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ତାଙ୍କୁ ପାତ୍ରପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଜରଡା ପୋଲିସ ଏହାର ତଦନ୍ତ କରୁଛି।

**ସଂକ୍ଷେପରେ**

## ନଦୀରେ ବୁଡ଼ିଯାଇ ଯୁବତୀଙ୍କ ମୃତ୍ୟୁ

ବାଲିଗୁଡ଼ା,୨୧।୨(ସଞ୍ଜୟ କୁମାର ପାଣିଗ୍ରାହୀ)
ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ଥାନା ବ୍ରାହ୍ମଣପାଦ ଗ୍ରାମର ଜଣେ ଯୁବତୀ ନିକଟସ୍ଥ କଲରାନଦୀକୁ ଗାଧୋଇବାକୁ ଯାଇ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଅନ୍ନପୂର୍ଣ୍ଣା ବେହେରା (୩୩)। ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ଚକାପାଦ ପୋଲିସ ପହଞ୍ଚି ମୃତଦେହ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଡାକ୍ତରଖାନା ପଠାଇଥିବା ଏଏସ୍ଆଇ ଅଜିତ ସ୍ୱାଇଁ କହିଛନ୍ତି। କେସ୍ ନଂ.୨/୨୬। ପ୍ରକାଶ ଯେ, ଯୁବତୀ ଜଣକ ମଜୁରି କାମ କରିବାକୁ ଯାଇ ଅପରାହ୍ନରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗୋଡ ଖସିଯିବାରୁ ଗଭୀର ପାଣିକୁ ଚାଲିଯାଇ ବୁଡି ଯାଇଥିଲେ। ଏହା ଦେଖି ଗ୍ରାମବାସୀ ଅନ୍ନପୂର୍ଣ୍ଣାଙ୍କ ମା'ରତନୀ ବେହେରାଙ୍କୁ ଜଣାଇଥିଲେ। ଏହା ପରେ ବୃଦ୍ଧା ଜଣକ ନଦୀକୁ ଆସି ନିଜ ଝିଅର ମୃତଦେହକୁ ଚିହ୍ନଟ କରିଥିଲେ। ସୂଚନା ଯୋଗ୍ୟ ଯେ, ଏହାପୂର୍ବରୁ ଗତ ବର୍ଷ ମୃତ ଯୁବତୀଙ୍କ ବାପା ମୃତ୍ୟୁବରଣ କରିଥିବା ବେଳେ ଏବେ ବୃଦ୍ଧା ଏକାକୀ ହୋଇଯାଇଥିବା ଜଣାପଡ଼ିଛି।

## ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ



କୋଟଗଡ଼, ୨୧।୨(ସରୋଜ ବଳିୟାରସିଂ)
କୋଟଗଡ଼ ବ୍ଲକ୍‌ର ନୂତନ ବିଡ଼ିଓ ଭାବେ ଚିନ୍ମୟ ମହାନନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଉଲୁଣ୍ଡାରେ କାର୍ଯ୍ୟରତ ଥିଲେ। କୋଟଗଡ଼ ଅଞ୍ଚଳରେ ଥିବା ୧୫ଟି ପଞ୍ଚାୟତର ଜନସାଧାରଣଙ୍କ ହିତରେ ଆସୁଥିବା ସମସ୍ତ ସେବା ଏବଂ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ କରିବା ଦିଗରେ ମୁଁ ଉଦ୍ୟମ କରିବି ବୋଲି ବିଡିଓ ମହାନନ୍ଦ କହିଛନ୍ତି। ବ୍ଲକ୍ ଅଧକ୍ଷା ପିଙ୍କି କହଁର, ଜନ ପ୍ରତିନିଧି, ଖବରଦାତା ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ।

## ଐତିହାସିକ ଦୋଳଯାତ୍ରା ନେଇ କମିଟି ବୈଠକ

ଗଞ୍ଜାମ,୨୧।୨(ବିଦ୍ୟାଧର ସାହୁ)
ଗଞ୍ଜାମର ଐତିହାସିକ ଦୋଳଯାତ୍ରା ପାଇଁ ପୋତାଗଡ଼ ନିକଟସ୍ଥ କଲ୍ୟାଣ ମଣ୍ଡପରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏନଏସି ନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ, ବିଡ଼ିଓ ଅଚ୍ୟୁତାନନ୍ଦ ଯାନି, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଆୟୁଷ ଡ଼କ୍ଟର ବନଜକାନ୍ତ କର, ଅତିରିକ୍ତ ଥାନାଧିକାରୀ ଶୁଭଲକ୍ଷ୍ମୀ କଅଁର, ବିଭିନ୍ନ ବିଭାଗିୟ ଅଧିକାରୀ, ୱାର୍ଡ କାଉନସିଲର, ମନ୍ଦିର ପରିଚାଳନା କମିଟି ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ସାହି ଯାତ୍ରା, ବଜାର ଯାତ୍ରା କିପରି ଶୃଙ୍ଖଳାର ସହ ହୋଇପାରିବ ସେ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପରିମଳ ସୁବ୍ୟବସ୍ଥା, ଆଲୋକୀକରଣ, ଯାତ୍ରା ସମୟରେ ମଦ ଦୋକାନ ବନ୍ଦ ରଖିବା, ଟ୍ରାଫିକ ବ୍ୟବସ୍ଥା ଉପରେ ମଧ ଉପସ୍ଥିତ ବ୍ୟକ୍ତିମାନେ ସୁଚିନ୍ତିତ ମତ ରଖିଥିଲେ। ବୈଠକରେ ରାଉଳ ସାହି, ସମନ୍ତରା ସାହି ଓ ଦାମୋଦରପୁର ଯାତ୍ରା କମିଟି ବୈଠକରେ ଅନୁପସ୍ଥିତ ଥିଲେ।

## ଜୈବ ବିବିଧତା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଗଞ୍ଜାମ,୨୧।୨(ବିଦ୍ୟାଧର ସାହୁ)
ବ୍ରହ୍ମପୁର ବନଖଣ୍ଡ ବିଭାଗ ପକ୍ଷରୁ ଜୈବ ବିବିଧତା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଶନିବାର ବ୍ଲକ କନଫରେନ୍ସ ହଲ ଠାରେ ଅନୁଷ୍ଠିତ ହୋଇଛି। ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ ଏହାର ଶୁଭାରମ୍ଭ କରିଛନ୍ତି। ଶକ୍ତିଶିଖା ସଂସ୍ଥା ଏହାର ପରିଚାଳନା କରିଥିବା ବେଳେ ବନଖଣ୍ଡ ଅଧିକାରୀ ଶିଶିର ମିଶ୍ର, ଉଦ୍ଭିଦ ବିଜ୍ଞାନି ଡ.ପ୍ରସନ ନାୟକ, ପ୍ରାଣୀ ବିଜ୍ଞାନୀ ଡ.ଶିବ ପ୍ରସାଦ ପରିଡା, ଡ.ସତ୍ୟ ରଞ୍ଜନ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ବର୍ତ୍ତମାନ ପରିବେଶ ଯାହା ହେଲାଣି ଆଗାମୀ ପିଢ଼ି ପାଇଁ ବିପଦପୂର୍ଣ୍ଣ। ଏଥିପାଇଁ ଜୀବଜଗତ, ପ୍ରାଣୀ ଜଗତ ବଞ୍ଚି ରହିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏହା ସହ ବିଭିନ୍ନ ଜୀବଜନ୍ତୁ ସହ ବଞ୍ଚିତା କରିବାର ସମୟ ଆସିଛି ବୋଲି ବିଡ଼ିଓ କହିଥିଲେ। ସମ୍ପାଦକ ଚୈତନ୍ୟ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅବ୍ୟବସ୍ଥା ଘେରରେ ପିପଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ବାଲିଗୁଡ଼ା,୨୧।୨(ସଞ୍ଜୟ କୁମାର ପାଣିଗ୍ରାହୀ)
କନ୍ଧମାଳ ଜିଲା ବାଲିଗୁଡ଼ା ଏନ୍ଏସି ଅନ୍ତର୍ଗତ ୭ ନଂ. ୱାର୍ଡ ନୂଆସାହି ନିକଟସ୍ଥ ପିପଳ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଛି। ସହରାଞ୍ଚଳରେ ଥିବା ଏହି ବିଦ୍ୟାଳୟରେ ବାଲ୍ ବାଟିକା ଠାରୁ ଆରମ୍ଭ କରି ୮ମ ଶ୍ରେଣୀ ମଧ୍ୟରେ ୧୮୭ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। କିନ୍ତୁ ଦୀର୍ଘ ବର୍ଷ ଧରି ବିଦ୍ୟାଳୟର ସମସ୍ୟା ବାବଦରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଥିଲେ ମଧ ଏଯାଏ ସମାଧାନ ହୋଇପାରିନି। ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରୀ ନାହିଁ, ବିଦ୍ୟାଳୟ ପରିସରରେ ଥିବା ଶୌଚାଳୟ କାର୍ଯ୍ୟରେ ଆସୁନି। ଗୋଟିଏ ପଟେ ଆବଶ୍ୟକତା ଅନୁସାରେ ଶ୍ରେଣୀ ଗୃହ ନ ଥିବା ବେଳେ ଥିବା ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଖସି ଲୁହା ଛଡ଼ ଦେଖାଗଲାଣି। ଅନ୍ୟପଟେ ଭଙ୍ଗା ଦଦରା ଘରେ ପିଲାଙ୍କ ମଧାହ୍ନ ଭୋଜନ ରୋଷେଇ ହେଉଛି । ଯଦି ସହରାଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ଏଭଳି



ଅବ୍ୟବସ୍ଥା ଘେରରେ ଥିବା ପିପଳ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଚିତ୍ର ତେବେ ଉପାନ୍ତ ଅଞ୍ଚଳରେ କିଭଳି ବ୍ୟବସ୍ଥା ଥିବ ତାହା ସ୍ୱଷ୍ଟ ଅନୁମେୟ। ବିଦ୍ୟାଳୟର ଏସବୁ ସମସ୍ୟାର ସମାଧାନ ପାଇଁ କୁନିକୁନି ଛାତ୍ରୀଛାତ୍ର, କର୍ମଚାରୀ ଓ ପ୍ରଧାନ ଶିକ୍ଷୟିତ୍ରୀ ସରକାରଙ୍କୁ ନିବେଦନ କରିଛନ୍ତି। ବିଦ୍ୟାଳୟ ପରିସରରେ ପାଚେରି ନ ଥିବାରୁ ରାତିହେଲେ ଅସାମାଜିକ ଲୋକେ ଆଡ୍ଡା ଜମାଉଛନ୍ତି। ମଧାହ୍ନ ଭୋଜନ ଖାଇବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନ ଥିବାରୁ ପିଲାମାନେ ବାରଣ୍ଡାରେ ବସି ଖାଇବାକୁ ପଡୁଛି। ପାଚେରି ନ ଥିବାରୁ ଖାଇବା ସମୟରେ ସ୍କୁଲ୍ ପରିସରକୁ ଗାଈ, ଗୋରୁ, ଛେଳି, ଘୁଷୁରୀ ମଧ ପଶି ଆସୁଥିବା ଅଭିଯୋଗ ହୋଇଛି। ଯଥା ସମ୍ଭବ ନିଜ ଖର୍ଚ୍ଚରେ ବିଦ୍ୟାଳୟ ପରିସରକୁ ବାଡ଼ ବାନ୍ଧି

### ଶ୍ରେଣୀଗୃହ ଛାତରୁ ପ୍ଲାଷ୍ଟର ଖସି ଲୁହାଛଡ଼ ଦେଖାଗଲାଣି

ଯେନତେନ ବିଦ୍ୟାଳୟ ପରିସରକୁ ସୁରକ୍ଷିତ ରଖିବାକୁ ପ୍ରଧାନ ଶିକ୍ଷୟିତ୍ରୀ ଭଗବତୀ ଦେଇ ଚେଷ୍ଟା କରୁଛନ୍ତି। ଯାହାକି ସ୍ଥାୟୀ ସମାଧାନ ନୁହେଁ। ଏଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିଦ୍ୟାଳୟର ସମସ୍ୟା ସୁଧାରିବା ପାଇଁ ପରିଚାଳନା କମିଟି ସଭାପତି ଅର୍ଜୁନ ନାୟକ ଓ ସଦସ୍ୟ ଦାବି କରିଛନ୍ତି। ସେପଟେ ସମସ୍ୟା ବାବଦରେ ଆମେ ଅବଗତ ଅଛୁ, ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ୍ୱର ମାଝୀ କହିଛନ୍ତ। ତେବେ ଏହି ବିଦ୍ୟାଳୟ ପ୍ରତି ପ୍ରଶାସନ ଓ ଶିକ୍ଷା ବିଭାଗର କେବେ ଦୃଷ୍ଟି ପଡୁଛି ଏବଂ କେବେ ସମସ୍ୟାର ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା।

### ପ୍ରସ୍ତାବିତ ବିଦ୍ୟୁତ୍ ଟିକସ ବୃଦ୍ଧି ବାତିଲ, ସ୍ମାର୍ଟ ମିଟର ଲଗାଇବା ବନ୍ଦ ଦାବି

## ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ, ପ୍ରତିବାଦ

ଛତ୍ରପୁର,୨୧।୨(ଦିଲୀପ ସାମଲ)
ପ୍ରସ୍ତାବିତ ବିଦ୍ୟୁତ୍ ଟିକସ ବୃଦ୍ଧି ବାତିଲ, ସ୍ମାର୍ଟ ମିଟର ଲଗାଇବା ବନ୍ଦ ଦାବିରେ ସିପିଆଇଏମ ପକ୍ଷରୁ ଏକଶେଭାଯାତ୍ରା କରାଯାଇ ଶନିବାର ଡିଆରଡ଼ିଏ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ସରକାର ହାତକୁ ନେବା, ଅତିରିକ୍ତ ସୁରକ୍ଷା ଜମା ଆଦାୟ ବନ୍ଦ କରିବା, ୩ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ ପ୍ରଦାନ ଆଦି ଦାବି ସିପିଆଇଏମ୍ କରିଛି। ସ୍ମାଟ ମିଟର ଲଗାଇବା ବନ୍ଦ କରିବାକୁ ଦାବିକରି ଦଳପକ୍ଷରୁ କୁହାଯାଇଛି ଯେ, ସ୍ମାର୍ଟ ମିଟର ଦ୍ୱାରା କମ୍ପାନୀ ଗ୍ରାହକଙ୍କଠାରୁ ବହୁ କୋଟି ଟଙ୍କାର ଲାଭ ଉଠାଇବ। ସ୍ମାର୍ଟ ମିଟର ଲଗାଇବା କେଉଁଠି ନିୟମ ନାହିଁ, ଗ୍ରାହକଙ୍କୁ ଠକିବା ପାଇଁ ଟାଟା କମ୍ପାନୀର ଏହା ଏକ ପ୍ରାୟସ ବୋଲି ସିପିଆରଇଏମ୍ ଅଭିଯୋଗ କରିଛି। ବିଦ୍ୟୁତ୍ ଦେୟ ବୃଦ୍ଧି ନେଇ ହୋଇଥିବାଜନଶୁଣାଣିରେ ସିପିଆଇଏମର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ ଓ ହାତଗଣତି କେତେଜଣ ଉପଭୋକ୍ତା ଉପସ୍ଥିତ ଥିଲେ । ଜନଶୁଣାଣି ଚାଲିଥିବା ଗୃହର ସମ୍ମୁଖରେ କମ୍ପାନୀ ଅଧିକାରୀମାନେ ଜଗି ରହିଥିଲେ । ଜନ ଶୁଣାଣି ସମ୍ପର୍କରେକମ୍ପାନୀ ଲୋକଙ୍କୁ ଅବଗତ କରି ନ ଥିଲା। ନିଜର ଲାଭ ପାଇଁ କମ୍ପାନୀ ଏହି ଜନଶୁଣାଣି କରି ବିଦ୍ୟୁତ୍ ଶୁଳକ ବୃଦ୍ଧି ଯୋଜନା କରିଛି ବୋଲି ସିପିଆଇଏମ୍ ନେତୃବୃନ୍ଦ ପ୍ରକାଶକରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ବେଳେ ସିପିଆଇଏମର ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, ପ୍ରତାପ ଚନ୍ଦ୍ର ଚୌଧୁରୀ, ବିଦ୍ୟାଧର ଜେନା, ପି. ହରିକୃଷ୍ଣ ରେଡ୍ଡୀ, ଦିଲୀପ ଛୋଟରାୟ, ଶିବରାମ ମହାପାତ୍ର, ରାମଚନ୍ଦ୍ର ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଗୋପାଳପୁର,୨୧।୨(ନବୀନ ରାଜ ଆଚାରୀ)
ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ଗୋଳନ୍ଥରା ଚଟି ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ-୨ ପରିସରରେ ମିଶ୍ରିତ ମତ୍ସ୍ୟ ଚାଷ ସମ୍ପର୍କିତ ୫ ଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ଭାରତ ଭୂଷଣ ଜେ ସାହୁ ଯୋଗ ଦେଇଥିଲେ। ମିଶ୍ରିତ ମତ୍ସ୍ୟ ଚାଷର ନୀତି, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଓ ଜାତୀୟ ମତ୍ସ୍ୟ ବିକାଶ ବୋର୍ଡବିଭିନ୍ନ ସହାୟତା ଯୋଜନାରେ ମାଛ ଚାଷୀମାନେ ସଠିକ୍ ଭାବେ ବ୍ୟବହାର କରିବାକୁ କହିଥିଲେ। ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନିତ୍ୟାନନ୍ଦ ଦାସ ଯୋଗଦେଇ ବୈଜ୍ଞାନିକ ମାଛ ଚାଷର ଗୁରୁତ୍ୱ, ଚାଷୀମାନଙ୍କ ଆୟବୃଦ୍ଧି, ପୋଷଣ ସୁରକ୍ଷା ଓ ଗ୍ରାମୀଣ ରୋଜଗାର ସୃଷ୍ଟି ସମ୍ପର୍କ ଉପସ୍ଥାପନା କରିଥିଲେ। ୫ ଦିନ ଧରି ଏହି ଶିବିର ଚାଲିଥିବା ବେଳେ ମତ୍ସ୍ୟ ବିଶେଷଜ୍ଞଙ୍କ ଦ୍ୱାରା ବୈଷୟିକ ଜ୍ଞାନ ପ୍ରଦାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କରଯାଇଥିଲା। ରାଷ୍ଟ୍ରୀୟ ମତ୍ସ୍ୟ ବିକାଶ ବୋର୍ଡ, ହାଇଦ୍ରାବାଦର ପ୍ରଯୋଜନାରେ ଗତ ୧୭ରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ୩୦ ଜଣ ମାଛ ଚାଷୀ ଯୋଗଦେଇ ଆଧୁନିକ ପ୍ରଣାଳୀରେ ମାଛ ଚାଷ କରିବାର ବିଭିନ୍ନ କୌଶଳ ଶିକ୍ଷା କରିଛନ୍ତି। ଅବସରପ୍ରାପ୍ତ ମତ୍ସ୍ୟ ବିଜ୍ଞାନୀ ପ୍ରଫେସର ସୌମେନ୍ଦ୍ର ନନ୍ଦ, କେନ୍ଦ୍ରୀୟ ମଧୁର ଜଳ ଅନୁଷ୍ଠାନ (ସିଫା), ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡ ଖୁଣ୍ଟିଆ ମୂର୍ମୁ ଓ ଡ.ହିମାଂଶୁ ସ୍ୱାଇଁ, କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ଡ.ସିଦ୍ଧାର୍ଥ ଶଙ୍କର ଦାସ, ମତ୍ସ୍ୟ ମହାବିଦ୍ୟାଳୟର ଅଧାପକ ଡ.ଧରିତ୍ରୀ ଚୌଧୁରୀ, ଡ.ବିକାଶ ପତି ଓ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ମତ୍ସ୍ୟ ଅଧିକାରୀ ମାନେ ଯୋଗଦେଇ ଚାଷୀମାନଙ୍କୁ ମିଶ୍ରିତ ମାଛ ଚାଷର ବିଭିନ୍ନ ଦିଗ ଉପରେ ମାର୍ଗ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ ସୁଜିତ୍ କୁମାର ନାଥଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ବେଳେ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଡା. କେ. ଲକ୍ଷ୍ମୀବାଇ, ଗୁରୁ ସୀମାଞ୍ଚଳ ପାତ୍ର ସମ୍ବର୍ଦ୍ଧିତ

ଛତ୍ରପୁର,୨୧।୨ (ଦିଲୀପ ସାମଲ)
ଗଞ୍ଜାମ ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଶାଖା ପକ୍ଷରୁ ବରିଷ୍ଠ ନାଗରିକ ସପ୍ତାହ ଓ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ ଅବସରରେ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗଞ୍ଜାମ ମାଟିର ଦୁଇଜଣ ସୁନାମଧନ୍ୟ ବ୍ୟକ୍ତିତ୍ୱ ଡା. କେ.ଲକ୍ଷ୍ମୀବାଇ ଏବଂ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ଗୁରୁ ସୀମାଞ୍ଚଳ ପାତ୍ରଙ୍କୁ ସମ୍ବର୍ଦ୍ଧିତକରାଯାଇଛି। ନିଜର ସତ୍ୟନିଷ୍ଠ ସାଧନା ଓ ସିଦ୍ଧି ବଳରେ ଜିଲାକୁ ଗୌରବାନ୍ୱିତ କରିଥିବା ଏହି ଦୁଇ ବ୍ୟକ୍ତିତ୍ୱଙ୍କ ପ୍ରତି ଜିଲାପାଳ ଭି.କୀର୍ତ୍ତି ଭାସନ ଗଭୀର ସମ୍ମାନ ଜଣାଇ ଉଭୟେ କେବଳ ଗଞ୍ଜାମ ପାଇଁ ନୁହଁ ସମଗ୍ର ଓଡିଶା ପାଇଁ ପ୍ରେରଣାର ଅସରନ୍ତି ସ୍ରୋତ ବୋଲି କହିଛନ୍ତି । ବ୍ରହ୍ମପୁର ସହରରେ ଅବସ୍ଥାନ କରୁଥିବା ଡା. କେ. ଲକ୍ଷ୍ମୀବାଇ ଗଞ୍ଜାମ ଜିଲାର ଜଣେ ପ୍ରସିଦ୍ଧ ସ୍ତ୍ରୀରୋଗ ବିଶେଷଜ୍ଞ ସେ ଏସ୍‌ସିବି ମେଡିକାଲ କଲେଜର ପ୍ରଥମ ଏମ୍‌ବିବିଏସ୍ ବ୍ୟାଚର ଛାତ୍ରୀ ଥିଲେ। ସମ୍ବର୍ଦ୍ଧନା ଅବସରରେ ବ୍ରହ୍ମପୁର ତହସିଲଦାର ରାକେଶ ପରିଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା, ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ସସ୍ମିତା ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଶ୍ରୀ ଆକାଶିନୀ ନାୟକ, ବ୍ରେଲି ପ୍ରେସ ମ୍ୟାନେଜର ପ୍ରକାଶ ନାରାୟଣ ରଥ ଉପସ୍ଥିତ ଥିଲେ । ସେହିପରି ପାରମ୍ପରିକ ପ୍ରହ୍ଲାଦ ନାଟକର ଜଣେ ପ୍ରସିଦ୍ଧ କଳାକାର ଓ ଗୁରୁ ନିକଟରେ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ସୀମାଞ୍ଚଳ ପାତ୍ରଙ୍କୁ ଜୀବନବ୍ୟାପୀ ସାଧନାକୁ ସମ୍ମାନ ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଗପହଣ୍ଡି ତହସିଲଦାର ସନ୍ତୋଷ ସାହୁ ଏବଂ ଅଧିକାରୀମାନେ ବୋମକେଇ ଗ୍ରାମସ୍ଥିତ ତାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରିଥିଲେ।

## ଋଷିକୁଲ୍ୟା ନଦୀର ସୁରକ୍ଷା ପାଇଁ ଅଭିଯାନ

ଧରାକୋଟ,୨୧।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)
ଋଷିକୁଲ୍ୟା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନଦୀ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ଗଞ୍ଜାମ ଜିଲାର ସୋରଡା ବ୍ଲକ ଅନ୍ତର୍ଗତ ଗାଜଲବାଡ଼ି ପଞ୍ଚାୟତର ପିପଲପଙ୍କାରେ ୧୦୧୩ କୋଟି ଟଙ୍କା ବ୍ୟୟରେ ସରକାର ଏକ ବୃହତ ଡ୍ୟାମ୍ ନିର୍ମାଣ ଯୋଜନା କରୁଛନ୍ତି। ଏହା ନିର୍ମାଣ ହେଲେ ନିକଟସ୍ଥ ୨୩ ଟି ଗାଁର ହଜାର ହଜାର ଏକର ଚାଷ ଜମି ଓ ଜଙ୍ଗଲ ପାଣିରେ ବୁଡ଼ି ନଷ୍ଟ ହୋଇଯିବ। ଏହାର ପ୍ରତିକୂଳ ପ୍ରଭାବ ପରିବେଶ ପ୍ରତି ବିପଦ ସୃଷ୍ଟି କରିବ। କୃଷି, କୃଷକ, ଗୃହ ପାଳିତ ପଶୁଙ୍କ ଜୀବନ ଜୀବିକା ମଧ ନଷ୍ଟ ହୋଇଯିବ। ଅନ୍ୟପକ୍ଷରେ ନଦୀ ଶଯ୍ୟାରୁ ଅବାଧରେ ବାଲି ଚାଲାଣ ବୃଦ୍ଧି ପାଇବ। ଲୋକଙ୍କ ଜୀବନ ଜୀବିକା ନଷ୍ଟ ହେବା ସହ ପରିବେଶ ଉପରେ କୁପ୍ରଭାବ ପଡ଼ିବ। ଏହା ବିରୁଦ୍ଧରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଋଷିକୁଲ୍ୟା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗାଁଗାଁ ବୁଲି ଲୋକଙ୍କୁ ସଚେତନ କରାଇବା ପାଇଁ ଅଭିଯାନ ଆରମ୍ଭ ହୋଇଛି। କମିଟି ପକ୍ଷରୁ ଶନିବାର ଧରାକୋଟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କମିଟି ସଭାପତି ଆଦିତ୍ୟ ନାରାୟଣ ରଥ, ସଦସ୍ୟ ସୀମାଞ୍ଚଳ ନାହାକ, ସୁଧୀର ରାଉତ ଉପସ୍ଥିତ ଥିଲେ।

## ବାଲ୍ୟ ବିବାହ ରୋକିଲା ପ୍ରଶାସନ, ଗ୍ରାମରେ ପାଟିତୁଣ୍ଡ

ପାତ୍ରପୁର,୨୧।୨(ଉମା ଚରଣ ନେପାକ)
ପାତ୍ରପୁର ବ୍ଲକ ଖାରିଆଗୁଡା ପଞ୍ଚାୟତ ତାଳପଡା ଗ୍ରାମରେ ଶନିବାର ଜଣେ ନାବାଳିକାଙ୍କ ବିବାହ ହେଉଥିବା ସୂଚନା ପାଇ ପ୍ରଶାସନ ବିବାହ ବନ୍ଦ କରିଛି। ତେବେ ବିବାହ ହେଉଥିବା ନେଇ ପ୍ରଶାସନକୁ ଖବର ଦେଇଥିବା ବ୍ୟକ୍ତିଙ୍କ ଘର ଆଗରେ ଗ୍ରାମର କେତେ ଜଣ ବ୍ୟକ୍ତି ହୋହଲ୍ଲା କରିବା ସହ ଗାଳିଗୁଲଜ କରିଥିବା ଜଣାପଡିଛି। ଖବରରୁ ଜଣାପଡିଛି, ଗ୍ରାମର ଜଣେ ବ୍ୟକ୍ତିଙ୍କ ଝିଅଙ୍କୁ ଆଧାର କାର୍ଡରେ ୧୮ ବର୍ଷ ହେଇଥିବା ବେଳେ ପରିବାର ପକ୍ଷରୁ ବିବାହ ସ୍ଥିର କରିଥିଲେ । ତେବେ ଆଧାର କାର୍ଡରେ ୧୮ ବର୍ଷ ହେଇଥିବା ବେଳେ ଶିକ୍ଷାଗତ ପ୍ରମାଣ ପତ୍ରରେ ବିବାହ ବୟସ ହେଇ ନ ଥିବା ଜଣାପଡିଛି। ଏହାକୁ ନେଇ ଗ୍ରାମର ଜଣେ ବ୍ୟକ୍ତି ବ୍ଲକର ମହିଳା ଓ ଶିଶୁ ବିକାଶ ବିଭାଗକୁ ଗ୍ରାମରେ ଜଣେ ନାବାଳିକାର ବିବାହ ହେଉଥିବା ଜଣାଇଥିଲେ। ଗ୍ରାମରେ ସିଡ଼ିପିଓ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ । ସେଠାରେ ମଧ କେତେ ଜଣ ପହଞ୍ଚି ଆପଣଙ୍କୁ ପାଟିତୁଣ୍ଡ କରିଥିଲେ।

### କବିସୂର୍ଯ୍ୟନଗର ଜିଲା ପାଇଁ ପ୍ରସ୍ତାବ

## ଦାବିପତ୍ର ଦେଲା କବିସୂର୍ଯ୍ୟ ବଳଦେବ କ୍ରିୟାନୁଷ୍ଠାନ କମିଟି

କବିସୂର୍ଯ୍ୟନଗର, ୨୧।୨କୃପାସିନ୍ଧୁ ସ୍ୱାଇଁ)
କବିସୂର୍ଯ୍ୟନଗର ଜିଲା କବିସୂର୍ଯ୍ୟ ବଳଦେବଙ୍କ ନାମରେ ଗଠନ କରିବାକୁ କବିସୂର୍ଯ୍ୟ ବଳଦେବ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ରାଜ୍ୟସ୍ୱ ବିଭାଗ, ମୁଖ୍ୟ ଶାସନ ସଚିବ, ଗଞ୍ଜାମ ଜିଲାପାଳ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଆସିକା ଏମପି ଓ କବିସୂର୍ଯ୍ୟନଗର ବିଧାୟକଙ୍କୁ ପ୍ରଦାନ କରାଯାଇଛି। କବିସୂର୍ଯ୍ୟନଗର ଐତିହାସିକ ସହର ଭାବେ ପରିଚିତ । ବିଶିଷ୍ଟ ସାହିତ୍ୟିକ ତଥା ଓଡିଶା ମାଟିର ସାରସ୍ୱତ ସାଧକ, ବରପୁତ୍ର କବିସୂର୍ଯ୍ୟ ବଳଦେବଙ୍କ ନାମରେ ଏହି ସହର ନାମିତ ହୋଇଛି। ଯେଉଁଠି କବିସୂର୍ଯ୍ୟଙ୍କ ଜନ୍ମଭୂମି ଓ ଲୀଳାଭୂମି ଭାବେ ଆଠଗଡ଼ ପାଟଣା ଏବେ ମଧ ରହିଛି। ବ୍ୟବସାୟିକ, ଅର୍ଥନୈତିକ ଓ ରାଜନୈତିକ ଦୃଷ୍ଟିକୋଣରୁ ଏହାର ସ୍ଥାନ ସ୍ୱତନ୍ତ୍ର। ୧୯୬୦ରେ କବିସୂର୍ଯ୍ୟନଗର ଏନଏସି ଗଠିତ, ଏବେ ମୁନିସିପାଲିଟିର ମାନ୍ୟତା ପାଇଛି। ଏଠାରୁ ଖଲିକୋଟ, ପୋଲସରା, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ, ବେଗୁନିଆପଡା, କୋଦଳା, କବିସୂର୍ଯ୍ୟନଗର ଆଦି ଏନଏସି, ମୁନିସିପାଲିଟି ଓ ବ୍ଲକ ଆଦି କମ ଦୂରତାରେ ରହିଛି। ଏସବୁ ଦୃଷ୍ଟିକୋଣରୁ କମିଟି କବିସୂର୍ଯ୍ୟନଗରକୁ ଏକ ଜିଲା କରିବା ଲାଗି ଦାବି କରି ପ୍ରଦତ୍ତ ଦାବିପତ୍ରରେ ସମସ୍ତ ବିଷୟ ଉଲ୍ଲେଖ କରି ପ୍ରଦାନ କରିଛି। ସୂଚନାଯୋଗ୍ୟ, କବିସୂର୍ଯ୍ୟନଗରକୁ ଜିଲା କରିବା ଲାଗି ଏକ ପ୍ରସ୍ତାବ ବିଚରାଧୀନ ରହିଛି।

# ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ

ପାରଳାଖେମୁଣ୍ଡି,୨୧।୨(ଗିରିଧାରୀ ପରିଚ୍ଛା)
ଗଜପତି ଜିଲାରେ ଦିନକୁ ଦିନ ତପମାତ୍ରା ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଗ୍ରୀଷ୍ମଋତୁ ଆରମ୍ଭରୁ ଜିଲାରେ ଜଳ ସଙ୍କଟ ଦେଖିବାକୁ ମିଳିଲାଣି। ଜିଲାରେ ଗତବର୍ଷ ଅଗଷ୍ଟ ମାସରୁ ବର୍ଷା ଗାଏବ ହୋଇଯାଇଛି। ପାହାଡିଆ ଅଞ୍ଚଳର ପ୍ରାକୃତିକ ଜଳ ଉତ୍ସଗୁଡିକର ମରାମତି ହେଉ ନ ଥିବାରୁ ଏହା ଶୁଷ୍କ ହୋଇଯାଇଥିବା ବେଳେ ସମତଳ ଅଞ୍ଚଳରେ ମଧ ନଦୀ ତଥା ଜଳାଶୟଗୁଡିକ ଶୁଖି ଯାଇଥିବା ଦେଖିବାକୁ ମିଳୁଛି। ଫଳରେ ଗ୍ରୀଷ୍ମ ଆରମ୍ଭରୁ ଏଭଳି ଜଳସଙ୍କଟ ସ୍ଥିତି ଉପୁଜୁଛି। ଜିଲା ସଦର ପାରଳାଖେମୁଣ୍ଡି ଓ ସମସ୍ତ ବ୍ଲକରେ ଥିବା ପ୍ରମୁଖ ନଦୀ, ନାଳ ତଥା ଚିରସ୍ରୋତଗୁଡିକର ଅବବାହିକାରେ ଜଳସଙ୍କଟ ସୃଷ୍ଟି ହେବାକୁ ଯାଉଛି। ଜିଲାର ୭ଟି ବ୍ଲକ ମୋହନା, ଆର ଉଦୟଗିରି, ନୂଆଗଡ, ରାୟଗଡ, ଗୋସାଣି, ଗୁମ୍ମା ଏବଂ କାଶୀନଗର ବ୍ଲକ ମଧ୍ୟରୁ ଗୋସାଣି ଓ କାଶୀନଗର ସମତଳ ଅଞ୍ଚଳ ଏବଂ ଏହି ଦୁଇ ବ୍ଲକରେ ଚିରସ୍ରୋତା ମହେନ୍ଦ୍ରତନାୟା ଏବଂ ବଂଶଧାରା ନଦୀ ପ୍ରବାହିତ ହେଉଛି। ଅନ୍ୟ ୫ଟି ବ୍ଲକ ପାହାଡିଆ ତଥା ଜଙ୍ଗଲଘେରା ମଧ୍ୟରେ ରହିଛି। ଏହି ପାହାଡିଆ ଜଙ୍ଗଲ ଘେରା ବ୍ଲକଗୁଡିକରେ ଜଳ ଉତ୍ସ କହିଲେ ସେହିପରି କୌଣସି ବଡ ଜଳାଶୟ ନାହିଁ। ଅଡବାଠାରେ ଥିବା ହରଭଙ୍ଗୀ ଡ୍ୟାମ ଅଞ୍ଚଳରେ ଜଳ ସମସ୍ୟା ନ ଥିଲେ ମଧ ଚାଷ ଜମିକୁ ଜଳସେଚନ କରିବାକୁ ସେପରି କୌଣସି ବ୍ୟବସ୍ଥା ନାହିଁ। ସମତଳ ଅଞ୍ଚଳର କାଶୀନଗର ଓ ଗୋଷାଣି ଅଞ୍ଚଳରେ ମଧ ଜଳ ଉତ୍ସଗୁଡିକ ମଧ ଶୁଷ୍କ ହେଲାଣି। ପାରଳାଖେମୁଣ୍ଡି ସହର ଜିଲାର ଏକ ମୁଖ୍ୟ ଜନବସତି ସ୍ଥାନ ହୋଇଥିବା ବେଳେ ମହେନ୍ଦ୍ରତନାୟା ନଦୀ ପାଣି ହିଁ ସହରବାସୀଙ୍କ ଏକମାତ୍ର ଜଳଉତ୍ସ। ରାୟଗଡ ବ୍ଲକ ଉମ୍ପାପୁରଠାରେ ଚାଲିଥିବା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାୟଗଡ ଓ ଗୋସାଣି ବ୍ଲକ ଅଞ୍ଚଳରେ ଜଳ ସଙ୍କଟ ଦୂର ହୋଇପାରନ୍ତା। ଏହି ପ୍ରକଳ୍ପ ପାଇଁ ୨୦୦୮ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇ ଡ୍ୟାମ ଓ ବ୍ୟାରେଜ କାର୍ଯ୍ୟ ଇତିମଧ୍ୟରେ ନିର୍ମାଣ ସରିଥିଲେ ମଧ ଦୀର୍ଘ ବର୍ଷ ଧରି କେନାଲ ବ୍ୟବସ୍ଥା ସମ୍ପୂର୍ଣ୍ଣ ନ ହେବା କାରଣରୁ ଏହା କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ଘଟୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଖରିଫ ଋତୁରେ ପ୍ରାୟ ୧୧୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିପାରନ୍ତା। ରାୟଗଡ ଓ ଗୋସାଣି ବ୍ଲକର ଜଳସଙ୍କଟ ମଧ ଦୂର ହୋଇପାରିଥାନ୍ତା। ତୁରନ୍ତ ଏହି ପ୍ରକଳ୍ପ ଶେଷ କରିବା ଦିଗରେ ସରକାର ଗୁରୁତ୍ୱ ଦେବାକୁ ଜିଲାବାସୀ ଦାବି କରିଛନ୍ତି।

## ମହାନଳା ପ୍ରାଥମିକ ବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର



ଶିବିରରେ ଉପସ୍ଥିତ ଛାତ୍ରୀ ଛାତ୍ରବୃନ୍ଦ

ଦିଗପହଣ୍ଡି/ପାଟପୁର,୨୧।୨(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)
ଗଞ୍ଜାମ ଜିଲା ସମଗ୍ର ଶିକ୍ଷା ଅଭିଯାନ ଓ ଜିଲା ଦୃଷ୍ଟି ବାଧିତ ନିୟନ୍ତ୍ରଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ସହାୟତାରେ ସାନଖେମୁଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମହାନଳା ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚକ୍ଷୁ ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଶକ୍ତି ନିରୂପଣ ଓ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଏହି ଶିବିରକୁ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶୁକଦେବ ମଲ୍ଲିକ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ରୀତାଞ୍ଜଳି ରଥ, ଚକ୍ଷୁ ପରୀକ୍ଷଣ ଅଧିକାରୀ ଡ଼. ସିଲା ସୀତାରମଣଙ୍କ ସମେତ ଭବାନୀ ଶଙ୍କର ପାତ୍ର, ଦୀପ୍ତିମୟୀ ଦାସ, ସୃଷ୍ଟି ସାହୁ ପ୍ରମୁଖ ଶିବିରରେ ଯୋଗଦେଇଥିବା ବିଭିନ୍ନ ବିଦ୍ୟାଳୟର ସମୁଦାୟ ୨୧୮ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ତନ୍ମଧ୍ୟରୁ ୪୨ ଜଣଙ୍କୁ ଚଷମା ପରିଧାନ ଓ ସେଥିର ନିୟମ ସମ୍ପର୍କରେ ଅବଗତ କରାଯାଇଥିଲା। ୨ ଜଣ ଦୃଷ୍ଟି ବାଧିତଙ୍କୁ ଚିହ୍ନଟ କରି ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସିଟି ହସ୍ପିଟାଲକୁ ନିଆଯିବା ନିମନ୍ତେ ଅନୁମୋଦନ କରାଯାଇଥିଲା।

# ମାତୃଭାଷା ପ୍ରତି ଅବହେଳା ଗ୍ରହଣୀୟ ନୁହେଁ

ବୁଗୁଡ଼ା, ଆସିକା, ଦିଗପହଣ୍ଡି, ଛତ୍ରପୁର, ପାରଳାଖେମୁଣ୍ଡି,୨୧।୨(କାଳିଚରଣ ଦାଶ/ ସୁରେନ୍ଦ୍ର ନାଥ ସାହୁ /ଦିଲୀପ ସାମଲ/ଅଶେଷ ନାଥ ମିଶ୍ର/ ଗିରିଧାରୀ ପରିଚ୍ଛା)
ବିଶ୍ୱ ମାତୃଭାଷା ଦିବସ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଶନିବାର ପାଳିତ ହୋଇଛି। ପ୍ରଧାନାଚାର୍ଯ୍ୟ ଆଟଲ୍ ଲିଙ୍ଗରାଜ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧାପକ ବିଭୂତି ଭୂଷଣ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସମ୍ପାଦକ ଟି.ସୁଦର୍ଶନ ପାତ୍ର, ସମ୍ପାଦକ ବିଶ୍ୱ ମୋହନ ମିଶ୍ର, କୋଷାଧକ୍ଷ ତ୍ରିଲୋଚନ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ବୁଝାଇ ମାତୃଭାଷା ପ୍ରତି ଅବହେଳା ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର 'ଓଡିଆ ଭାଷାର ମହତ୍ତ୍ୱ' ଶୀର୍ଷକ ଏକ ନାଟକ ସହ ନୃତ୍ୟ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆର୍ନ୍ତଜାତୀୟ ମାତୃଭାଷା



ବୁଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହୋଇଥିବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଉତ୍କଳ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧାପକ ଡ. ଭି ରାଜେନ୍ଦ୍ର ରାଜୁ ଯୋଗଦେଇ ଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଉପସ୍ଥିତ ଥିଲେ। ଆଚାର୍ଯ୍ୟ ଦିପକ ଦାଶ ଅତିଥି ପରିଚୟ ଦେଇଥିଲେ। ମାତୃଭାଷା ପ୍ରତିଯୋଗିତାର କୃତୀ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ଦିଗପହଣ୍ଡି ସରସତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଶନିବାର ଆର୍ନ୍ତଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ବିଷୋୟୀ ମୁଖ୍ୟଅତିଥି, ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର, ଆଚାର୍ଯ୍ୟ ପ୍ରମୋଦ ଶେଖର ଡାକୁଆ ସମ୍ମାନିତ ଅତିଥି ଥିଲେ। ଆଚାର୍ଯ୍ୟ ବାବୁଲା ପଣ୍ଡା ଅତିଥି ପରିଚୟ ଓ ଆଚାର୍ଯ୍ୟ ସୁଶାନ୍ତ

**ବିଶ୍ୱ ମାତୃଭାଷା ଦିବସ ପାଳିତ**

ବେହେରା ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ମାତୃଭାଷା ଦିବସ ସମ୍ପର୍କରେ ଶପଥ ପାଠ କରିଥିଲେ। ପାରଳାଖେମୁଣ୍ଡି ପଦ୍ମନାଭ ଗଜପତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆର୍ନ୍ତଜାତୀୟ ଭାଷା ଦିବସ ପାଳିତ ହୋଇଛି। ଡ.ପ୍ରେମାନନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ମୁଖ୍ୟବକ୍ତା ଜନ୍ମଞ୍ଜୟ ସାହୁ, ସମ୍ମାନିତ ଅତିଥି ରମେଶ ଚନ୍ଦ୍ର ପାଢ଼ୀ, ବିଦ୍ୟାଳୟ କମିଟି ସଭପତି ଏମ.ଦେବୀ, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବେହେରା ଯୋଗଦେଇ ମାତୃଭାଷା ହେଉଛି ଜାତିର ଜୀବନ, ବଳ, ପ୍ରାଣ ଆତ୍ମା ଓ ପରିଚୟ ବୋଲି କହିଥିଲେ। ମିନତି ପଟ୍ଟନାୟକ, ସ୍ୱର୍ଣ୍ଣଲତା ପାଳ, ଅମ୍ରିତା ହୋତା ପରିଚାଳନା କରିଥିଲେ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଗୋପାଳପୁର,୨୧।୨(ନବୀନ ରାଜ ଆଚାରୀ) ଗୋଳନ୍ଥରା ଥାନା ଅଧିନସ୍ଥ ଗୋବିନ୍ଦନଗର ସନ୍ତୋଷୀ ମା ମନ୍ଦିର ନିକଟରେ ଥିବା ଏକ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ତତଡାପୁଲ୍ଲୀ ଗ୍ରାମର ଏଚ ରାଜିକା (୩୫)। ଖବର ଅନୁସାରେ ଏହି ଥାନା ଅଧିନସ୍ଥ ତତଡାପୁଲି ଗ୍ରାମର ରାଜିକା ଗୋବିନ୍ଦନଗର ନିକଟ ସନ୍ତୋଷୀ ମା' ମନ୍ଦିର ପାର୍ଶ୍ୱରେ ଥିବା ପୋଖରୀକୁ ଗାଧେଇବାକୁ ଯାଇ ପଙ୍କ ଭିତରେ ଗୋଡ଼ ପଶି ଯାଇଥିଲା। ଯାହା ଫଳରେ ବୁଡି ଯାଇଥିଲେ। ରାଜିକା ଘରକୁ ନ ଆସିବା ପରିବାର ଲୋକ ଖୋଜାଖୋଜି କରିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଦାଦା କେ କାମେୟ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ ୨/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବ୍ରହ୍ମପୁରରେ ଦକ୍ଷତା ବିକାଶ କେନ୍ଦ୍ର ପାଇଁ ଜମି ଚିହ୍ନଟ ନିର୍ଦ୍ଦେଶ

### ଶୀତଳାପଲ୍ଲୀ ଓ ଆଇଜର ନିକଟରେ ବିଶ୍ୱ ଦକ୍ଷତା କେନ୍ଦ୍ର କରିବାକୁ ଜିଲା ପ୍ରଶାସନର ପ୍ରସ୍ତାବ

ବ୍ରହ୍ମପୁର,୨୧।୨(ଅଶୋକ କୁମାର ସାହୁ) ରାଜ୍ୟ ସରକାରଙ୍କ ଦ୍ୱାରା ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ସହଯୋଗରେ ଓଡ଼ିଶା ସ୍କିଲ ଡେଭଲପମେଣ୍ଟ ପ୍ରୋଜେକ୍ଟ ଚାଲିଛି। ଏହି ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟରେ ନୂଆ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଇଛି। ବଜେଟ ବେଳେ ତାହା ମଧ୍ୟ ସରକାର ଘୋଷଣା କରିଛନ୍ତି। ଯୁବପିଢ଼ିଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷ କରିବାକୁ ସରକାର ଚାହୁଁଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହି ପ୍ରୋଜେକ୍ଟ ଅଧୀନରେ ଗଞ୍ଜାମ ଜିଲାର ବ୍ରହ୍ମପୁରରେ ଏକ ନୂଆ କ୍ୟାମ୍ପସ ଏବଂ ସମ୍ବଲପୁର ଜିଲାରେ ଅନ୍ୟ ଏକ କ୍ୟାମ୍ପସ ସ୍ଥାପନ କରାଯିବ। ବ୍ରହ୍ମପୁର କ୍ୟାମ୍ପସ୍‌ରେ ମେରାଇନ ଇଞ୍ଜିନିୟରିଂ ଓ ହସ୍ପିଟାଲିଟି ଭଳି ବିଶେଷ କୋର୍ସ ପ୍ରଦାନ କରାଯିବ। ସେହିପରି ସମ୍ବଲପୁର କ୍ୟାମ୍ପସରେ ଏଗ୍ରିଟେକ, ରିନ୍ୟୁଏବଲ ଏନର୍ଜି, ରିଟେଲ ଏବଂ ଭିଜୁଆଲ ମର୍ଚ୍ଚାଣ୍ଡାଇଜିଂ ଭଳି ଆଧୁନିକ କ୍ଷେତ୍ରରେ ବିଶେଷ ପ୍ରଶିକ୍ଷଣ ଦିଆଯିବ। ପ୍ରତ୍ୟେକ କ୍ୟାମ୍ପସରେ ଆଧୁନିକ ଲାବୋରେଟାରି, ଉନ୍ନତ ଅବସଂରଚନା ଏବଂ ଆନ୍ତର୍ଜାତିକ ମାନ୍ୟତାପ୍ରାପ୍ତ ଶିକ୍ଷଣ ପଦ୍ଧତି ରହିବ। ପ୍ରତି ବର୍ଷ ପ୍ରାୟ ୨,୦୦୦ ଛାତ୍ରୀଛାତ୍ର (ଆଇଟିଆଇ, ପଲିଟେକ୍ନିକ ଏବଂ ଅନ୍ୟ ଯୁବକଯୁବତୀ) ଏହି କ୍ୟାମ୍ପସ୍‌ରେ ପ୍ରଶିକ୍ଷଣ ନେବେ। ଏହି ପ୍ରସଙ୍ଗରେ ଦକ୍ଷତା ବିକାଶ ଓ ଯାନ୍ତ୍ରିକ ଶିକ୍ଷା ବିଭାଗର କମିଶନର-କମ-ସଚିବ ଭୂପେନ୍ଦ୍ର ସିଂ ପୁନିଆ ଉଭୟ ଜିଲାର ଜିଲାପାଳଙ୍କୁ ଏକ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ପତ୍ରରେ କୁହାଯାଇଛି ଯେ, ବ୍ରହ୍ମପୁର ଓ ସମ୍ବଲପୁରରେ ୧୫-୨୦ ଏକର ଉପଯୁକ୍ତ ଜମି ଚିହ୍ନଟ କରାଯାଇ ବିନା କୌଣସି ସମସ୍ୟାରେ ନିର୍ଦ୍ଦିଷ୍ଟ କରିବାକୁ କୁହାଯାଇଛି। ୱର୍ଲ୍ଡ ସ୍କିଲ ସେଣ୍ଟରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉଭୟ ଜିଲାକୁ ଯାଇ ଜମି ପରିଦର୍ଶନ କରିବେ ଏବଂ ସମ୍ଭାବ୍ୟ ମୂଲ୍ୟାଙ୍କନ କରିବେ। ଜିଲାପାଳମାନଙ୍କୁ ଏହି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚିହ୍ନଟ ହୋଇଥିବା ଜମିର ବିବରଣୀ ଶୀଘ୍ର ବିଭାଗକୁ ପଠାଇବାକୁ କୁହାଯାଇଛି, ଯଦ୍ୱାରା ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ। ଏହି ନୂଆ କ୍ୟାମ୍ପସଗୁଡ଼ିକ ରାଜ୍ୟର ଯୁବକମାନଙ୍କୁ ଆଧୁନିକ ଓ ବିଶ୍ୱସ୍ତରୀୟ ଦକ୍ଷତା ପ୍ରଦାନ କରି ସେମାନଙ୍କର ନିଯୁକ୍ତି ସମ୍ଭାବନାକୁ ବଢ଼ାଇବ। ଏହା ଓଡ଼ିଶାକୁ ଏକ ଦକ୍ଷତା ହବ୍ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଜିଲା ପ୍ରଶାସନ ତରଫରୁ ଜମି ଚିହ୍ନଟ କରାଯାଇଛି। ଶୀତଳାପଲ୍ଲୀ ଓ ଆଇଜର ନିକଟରେ ଥିବା ସରକାରୀ ଜମିରେ ଦକ୍ଷତା ବିକାଶ କେନ୍ଦ୍ର କରାଯିବା ସୁବିଧା ରହିଥିବା ଅନୁମାନ କରାଯାଇଛି। ସେଥିନେଇ ସରକାରୀଙ୍କ ଧାର୍ଯ୍ୟ ଜମି ଚିହ୍ନଟ କରାଯାଇ ପ୍ରସ୍ତାବ ଦିଆଯାଇଛି ବୋଲି ସେ କହିଥିଲେ।

## ଲେଖିକାଲେଖକ ସାମ୍ମୁଖ୍ୟର ବସନ୍ତ ସାହିତ୍ୟ ଆସର



କାର୍ଯ୍ୟକ୍ରମରେ ଉପସ୍ଥିତ ସାମ୍ମୁଖ୍ୟର ସଦସ୍ୟମାନେ।

ବ୍ରହ୍ମପୁର,୨୧।୨(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଗଞ୍ଜାମ ଜିଲା ଲେଖିକା ଓ ଲେଖକ ସାମ୍ମୁଖ୍ୟର ବସନ୍ତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଲେଖକ ସାମ୍ମୁଖ୍ୟ ସଭାପତି ହାଡ଼ିବନ୍ଧୁ ମାଳି ଏଥିରେ ସଭାପତିତ୍ୱ କରିଥିଲେ। ସାମ୍ମୁଖ୍ୟର ସାଧାରଣ ସମ୍ପାଦିକା ଆରତୀ ଶତପଥୀ, ସମ୍ପାଦିକା ଡ. ଜୟନ୍ତୀ ରାଣୀ ପଣ୍ଡା ଏବଂ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପଣ୍ଡିତ ଚନ୍ଦ୍ର ଶେଖର ମହାପାତ୍ର ମନ୍ତ୍ର ଉଚ୍ଚାରଣ କରିଥିବା ବେଳେ ଶଙ୍କର୍ଷଣ ତ୍ରିପାଠୀ ଭଜନ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ କରି ଶିଶୁ ସାହିତ୍ୟ ବିକାଶ ପରିଷଦର ବାର୍ଷିକ ଉତ୍ସବ ଆସନ୍ତା ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବା ସମ୍ପର୍କରେ ସୂଚନା ଦେଇଥିଲେ।

# ମାର୍ଚ୍ଚ ପହିଲା ସୁଦ୍ଧା ସମସ୍ତ ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହ ପାଇଁ ନିର୍ଦ୍ଦେଶ

### ମହାନଗର ନିଗମର ରାଜସ୍ୱ ସମୀକ୍ଷା ବୈଠକ


ସମୀକ୍ଷା ବୈଠକରେ କମିଶନରଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୧।୨(ଅଶୋକ କୁମାର ସାହୁ) ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଶନିବାର ଅନୁଷ୍ଠିତ ରାଜସ୍ୱ ସମୀକ୍ଷା ବୈଠକରେ ମାର୍ଚ୍ଚ ପହିଲା ସୁଦ୍ଧା ସମସ୍ତ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ସାରିବାକୁ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଟ୍ୟାକ୍ସ କଲେକ୍ଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଡିଏ ଦ୍ୱାରା ନିର୍ମିତ ବ୍ୟାବସାୟିକ ପ୍ରତିଷ୍ଠାନଗୁଡିକର ହୋଲ୍ଡିଂ ଟ୍ୟାକ୍ସ ନିର୍ଦ୍ଧାରଣରେ କୌଣସି ଦ୍ୱନ୍ଦ ନରହିବା ପାଇଁ ଏକ ସ୍ୱତନ୍ତ୍ର ଟାକ୍ସ ଫୋର୍ସ ଗଠନ କରି ତଦନ୍ତ କରିବାକୁ ସ୍ଥିର ହୋଇଛି। ନିଗମର ସମସ୍ତ ଷ୍ଟଲ ମାସିକ ଭଡା ପଇଠ ପାଇଁ ଗତ ୭ ତାରିଖରୁ ଆରମ୍ଭ ହୋଇଥିବା କ୍ୟୁଆର କୋଡ ଏବଂ ନିର୍ଦ୍ଦେଶାବଳୀ ବଣ୍ଟନ ପ୍ରକ୍ରିୟାକୁ ଆସନ୍ତା ସପ୍ତାହକ ମଧ୍ୟରେ ସାରିବାକୁ ପଡିବ। ଯେଉଁ ଷ୍ଟଲଗୁଡିକ ବକେୟା ଭଡା ପଇଠ କରୁନାହାନ୍ତି ସେସବୁର ଚୁକ୍ତି ରଦ୍ଦ, ଷ୍ଟଲ ସିଲ ଏବଂ ଓପିଡିଆର ନିୟମ ପ୍ରକାରେ କ୍ଷମତାପ୍ରାପ୍ତ ସାର୍ଟିଫେକେଟ ଅଫିସରଙ୍କ ନିକଟରେ ମାମଲା ରୁଜୁ ଭଳି ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯିବ। ସେହିପରି ମାର୍ଚ୍ଚ ପହିଲାରୁ ମାର୍ଚ୍ଚ ୧୫ ତାରିଖ ମଧ୍ୟରେ ଟ୍ରେଡ ଲାଇସେନ୍ସର ନବୀକରଣ ଏବଂ ନୂଆ ଟ୍ରେଡ ଲାଇସେନ୍ସ ପାଇଁ ଆବେଦନ ଦାଖଲ କରିବାକୁ ନିବେଦନ କରାଯାଇଛି। ସେଥିପାଇଁ ନିଗମ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ କାମ କରିବ। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସହରର ଅନେକ ଦେଶୀମଦ ଭାଟି ଟ୍ରେଡ ଲାଇସେନ୍ସ କରିନାହାନ୍ତି। ସେଥିନେଇ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି କମିଶନର କହିଥିଲେ। ଆଇସିଆଇସିଆଇ ବ୍ୟାଙ୍କର ବିଭିନ୍ନ ଶାଖା ମଧ୍ୟ ଟ୍ରେଡ ଲାଇସେନ୍ସ କରିନଥିବା ଜଣାପଡିଛି। ସେମାନଙ୍କୁ ଚିଠି ଲେଖାଯାଇଛି। କେବଳ କୋର୍ଟ ରହିତାଦେଶକୁ ବାଦ ଦେଲେ ନିଗମର ନିଜସ୍ୱ ରାଜସ୍ୱର ଅନ୍ୟ ସମସ୍ତ ଉତ୍ସର ଟିକିନିଖି ତଦାରଖ କରି ବିଜ୍ଞାପନ ଫି, ପରିମଳ ବାବଦ ଉପଭୋକ୍ତା ଫି', କଲ୍ୟାଣ ମଣ୍ଡପ, ସମ୍ମିଳନୀ କକ୍ଷର ରେକର୍ଡ ଯାଞ୍ଚ କରି ଫି' ଆଦାୟ କରିବାକୁ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ଡେପୁଟି କମିଶନର କଲ୍ୟାଣୀ ସଙ୍ଘମିତ୍ରା ଦେବୀ ଏବଂ ଆଶୀର୍ବାଦ ପରିଡା, ସହକାରୀ କମିଶନର ରୋନିତ କୁମାର, ବିକ୍ରମ ସୁଣ୍ଡି ଏବଂ ବିଶାଳ ଗୌରବ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଅର ମୃତ୍ୟୁ ହିଁ ସମାଜସେବା ପ୍ରତି ସମର୍ପଣ ଭାବ ସୃଷ୍ଟି କଲା




ବ୍ରହ୍ମପୁର,୨୧।୨(ସୁବାସ ଚନ୍ଦ୍ର ପାଢ଼ୀ) ୨୯ବର୍ଷ ତଳର କଥା। କୋଳମଣ୍ଡନ କରିଥିଲା କାହ୍ନା। ହସଖୁସିରେ ପରିବାର ଫାଟି ପଡିଥିଲା। କାହ୍ନା ବଡ ହେଲା। ହସଖୁସିରେ ଚାଲିଥିଲା ସଂସାର। କାହାକୁ ସାହାଯ୍ୟ ଓ ସେବା କରିବାରେ ସେ ଥିଲା ଧୁରନ୍ଦର। ସମୟର ସ୍ରୋତରେ ପାର ହୋଇଯାଇଥିଲା ୨୩ ବର୍ଷ। ୨୦୧୯ ମସିହାରେ କାହ୍ନାର ଏକ ସଡକ ଦୁର୍ଘଟଣାରେ ଜୀବନ ଚାଲିଯାଇଥିଲା। ସବୁ ଖୁସି ନିମିଷକ ମଧ୍ୟରେ ଶେଷ ହୋଇଯାଇଥିଲା। ବାସ୍! ହେଲେ ତା'ର ସ୍ମୃତି ସବୁବେଳେ ମନର ଅପାସୋରା ଇଲାକାରେ ଘୁରି ବୁଲିଲା। ଆଉ ତା'ର ସ୍ମୃତିକୁ ମନେପକାଇବାକୁ ଯାଇ ସୃଷ୍ଟି ହୋଇଥିଲା ସମାଜସେବା ପ୍ରତି ସମର୍ପଣ ଭାବ। ରଂଜନା ମିଶ୍ର ଓ ସ୍ୱାମୀ ରବନ୍ଦ୍ର ନାଥ ମିଶ୍ରଙ୍କ ନେତୃତ୍ୱରେ ଗଢ଼ି ଉଠିଥିଲା କାହ୍ନା ଚାରିଟେବୁଲ ଟ୍ରଷ୍ଟ। ସମାଜର ଗରିବ, ନିଷ୍ପେଷିତ, ଅସହାୟକଙ୍କୁ ନିଜର ସନ୍ତାନ ଭାବି କରି ଚାଲିଛନ୍ତି ସେବା। ଆଉ ସେଥିରୁ ପାଇଛନ୍ତି ଅକୁଣ୍ଠ ସମର୍ଥନ ଓ ଖୁସି ବୋଲି କହିଛନ୍ତି ଦମ୍ପତି ରଂଜନା ଓ ରବି। ଗତ ୨୦ ତାରିଖରେ ସେହି କାହ୍ନାର ୨୯ ତମ ଜୟନ୍ତୀକୁ ସେମାନେ ସମାଜସେବାରେ ଉତ୍ସର୍ଗ କରି ଦେଇଛନ୍ତି। ପ୍ରତିବର୍ଷ କେବଳ ତା'ର ଜନ୍ମ ଦିବସରେ ନୁହେଁ ବରଂ ଏହା ଆଜି ନୀତିଗତ ଅଭ୍ୟାସରେ ପରିଣତ ହୋଇଯାଇଛି। କେତେବେଳେ ରକ୍ତଦାନ କରି ଅସହାୟକଙ୍କ ଜୀବନ ବଂଚାଉଛନ୍ତି ତ ଆଉ କେତେବେଳେ ଛୋଟ ଅସହାୟ ପିଲାଙ୍କୁ ସାହାରା ହେଉଛନ୍ତି। କେତେବେଳେ ଗଣ ବ୍ରତୋପନୟନ ତ ଆଉ କେତେବେଳେ ଗଣ ବିବାହ କରି ଚାଲିଛନ୍ତି। ଆଉ ସେହି ଖୁସି ଆଜି ପୁଅର ମୃତ୍ୟୁ ବେଦନାକୁ ହଜାଇ ଦେଇଥିବା କହିଛନ୍ତି ରଂଜନା। ସେହି ଦିନ ଗୀତା ଭବନରେ ୧୫ ଯୋଡ଼ିଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିଛନ୍ତି। ସମସ୍ତେ ଗଞ୍ଜାମ ଓ ଗଜପତି ଜିଲାର। ଏହି ମହାନ କାର୍ଯ୍ୟକ୍ରମକୁ କିନ୍ନର ସଂଘ ସଭାନେତ୍ରୀ ସ୍ୱିଟୀ ସାହୁ ଓ ତାଙ୍କ ସଂଗଠନ ସଖୀ / ସିବିଓର ଅକୁଣ୍ଠ ସମର୍ଥନ ଓ ସହଯୋଗ ମିଳିଛି। ବର ଓ କନ୍ୟାକୁ ସାଜସଜ୍ଜା କରାଯାଇଥିଲା। ବରବଧୂ ଟ୍ରଷ୍ଟର ବହୁ ସଦସ୍ୟାସଦସ୍ୟ ଓ ସେମାନଙ୍କ ପରିବାର ସହ ଏକ ବିରାଟ ଶୋଭାଯାତ୍ରା ହୋଇଥିଲା। ବାଜା, ରୋଷଣୀ ଓ ସଂଖଧ୍ୱନିରେ ସୁବାରାଓ ଛକରୁ ବାହାରି ଗୀତା ଭବନ ଠାରେ ପହଞ୍ଚି ଥିଲେ। ୧୫ ଟି ସୁସଜ୍ଜିତ ବେଦିରେ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ବରବଧୂଙ୍କୁ ବସାଇ ପଣ୍ଡିତମାନଙ୍କ ମନ୍ତ୍ରଧ୍ୱନିରେ ବିବାହ କାର୍ଯ୍ୟକ୍ରମ ହୋଇଥିବାବେଳେ ଗୀତା ଭବନ ଜନସମୁଦ୍ର ପାଲଟି ଯାଇଥିଲା। ବ୍ରହ୍ମପୁରର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ବରବଧୂଙ୍କୁ ଉପହାର ଦିଆଯାଇଥିଲା। ପୋଷାକପତ୍ର, ଆବଶ୍ୟକୀୟ ଘରକରଣା ଉପକରଣ, ପ୍ରସାଧନ ସାମଗ୍ରୀ, ଖାଦ୍ୟ ସାମଗ୍ରୀ ବେଶ ମନୋଲୋଭା ଥିଲା। ଟ୍ରଷ୍ଟର ମୂରଲୀ ମୋହନ ଆଚାର୍ଯ୍ୟ, ତରୁଣ ପାଢ଼ୀ, ବଳଭଦ୍ର ସ୍ୱାଇଁ, ଇନ୍ଦିରା ପଟ୍ଟନାୟକ, ସୁସ୍ମିତା ଶର୍ମା, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ବିଶ୍ୱନାଥ ପାତ୍ର, ପ୍ରଦୀପ ସେଠୀ, ସନ୍ତୋଷ କୁମାର ପଣ୍ଡା ଓ ସଖୀ ଟିମ୍ ସଦସ୍ୟ ସହଯୋଗ କରିଥିଲେ। ସମାଜରୁ ଯୌତୁକ ପ୍ରଥା ଲୋପ କରିବା ଓ ମହିଳାଙ୍କୁ ଉଚିତ ନ୍ୟାୟ ମିଳିବା, ବାଲ୍ୟ ବିବାହ ବନ୍ଦ କରିବା ଓ ସଚେତନତା ସୃଷ୍ଟି କରିବା ଥିଲା ଏହି ଗଣବିବାହର ଉଦ୍ଦେଶ୍ୟ ବୋଲି କହିଛନ୍ତି ଦମ୍ପତି। ଟ୍ରଷ୍ଟ ର ସଭ୍ୟାସଭ୍ୟ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ନୂତନ ବୈବାହିକ ଜୀବନର ମଙ୍ଗଳ କାମନା କରି ଆଶୀର୍ବାଦ ପ୍ରଦାନ ସହ ବର କନ୍ୟା ଓ ସେମାନଙ୍କ ବନ୍ଧୁବର୍ଗଙ୍କୁ ବିଦାୟ ଦିଆଯାଇଥିଲା।

# ମାତୃଭାଷା ପ୍ରତି ସମସ୍ତଙ୍କ ଶ୍ରଦ୍ଧା ରହିବା ଉଚିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୧।୨(ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ.ମନୋଜ କୁମାର ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାମଚନ୍ଦ୍ର ମର୍ଦ୍ଧରାଜ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନନୀୟ ଅତିଥି କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଓ ସମ୍ମାନନୀୟ ବକ୍ତା ପ୍ରାକ୍ତନ ଦକ୍ଷିଣାଞ୍ଚଳ ଶିକ୍ଷା ନିର୍ଦ୍ଦେଶକ ତଥା କବି କୈଳାସ ଚନ୍ଦ୍ର ତ୍ରିପାଠୀ । ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ବିଶ୍ୱବିଦ୍ୟାଳୟ ଛାତ୍ରକଲ୍ୟାଣ ଅଧିକାରୀ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ ସଭାପତିତ୍ୱ କରି ମାତୃଭାଷା ପ୍ରତି ସମସ୍ତଙ୍କ ଶ୍ରଦ୍ଧା ରହିବା ଉଚିତ ବୋଲି କହିଥିଲେ। ଉଦଘାଟକ ଡ. ପଟ୍ଟନାୟକ ମାତୃଭାଷା ଦିବସ ପାଳନର ଇତିହାସ କହିଥିଲେ । କୁଳସଚିବ ମହାଳିକ ଛାତ୍ରଛାତ୍ରୀମାନଙ୍କୁ ନିଜ ମାତୃଭାଷା ପ୍ରତି ଶ୍ରଦ୍ଧାଶୀଳ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ବକ୍ତା ଡ. କୈଳାସ ଚନ୍ଦ୍ର ତ୍ରିପାଠୀ ଛାତ୍ରଛାତ୍ରୀମାନଙ୍କୁ ମାତୃଭାଷାରେ ରଚିତ ସାହିତ୍ୟ ପାଠ କରିବା ସହ ନିଜେ ମାତୃଭାଷା ରେ ସାହିତ୍ୟ ସୃଷ୍ଟି କରିବାକୁ କହିଥିଲେ। ମୁଖ୍ୟ ଅତିଥି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ମହତ୍ତ୍ୱ କହିଥିଲେ। ପୂର୍ବରୁ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ । ଇଂରାଜୀ ବିଭାଗର ଅଧ୍ୟାପିକା ଚିନ୍ମୟୀ ସାହୁ, ଅଧ୍ୟାପିକା ନୟନିକା ମହାପାତ୍ର, ଅଧ୍ୟାପିକା ସୁହାସିନୀ ବିଶ୍ୱାଳ, ହିନ୍ଦୀ ବିଭାଗର ଅଧ୍ୟାପିକା ପୂଜା ପଲାଇ, ଅଧ୍ୟାପିକା ଅର୍ପିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଦଳର ବାଲେଶ୍ୱର ଗସ୍ତ

ବ୍ରହ୍ମପୁର,୨୧।୨(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଶନିବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମହିଳା ଓ ପୁରୁଷ କ୍ରୀଡା ଦଳ ବାଲେଶ୍ୱର ଗସ୍ତ କରିଛନ୍ତି। ବାଲେଶ୍ୱର ସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଚଳିତ ମାସ ୨୩ରୁ ୨୮ ତାରିଖ ହେବାକୁ ଥିବା ଓଡିଶା ଅନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ରେ ଖେଳାଳିମାନେ ଭାଗ ନେବେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୪୫ କଲେଜରୁ ୧୪୪ ଖେଳାଳି ସେଥିରେ ଅଂଶ ଗ୍ରହଣ କରିବେ। ଏଥିରେ ପୁରୁଷ ବର୍ଗରେ ୧୧ ଓ ମହିଳା ବର୍ଗରେ ୭ ଟି ଇଭେଣ୍ଟ ପ୍ରତିଯୋଗିତାରେ ସେମାନେ ଭାଗ ନେବେ। ଏଥିରେ ୧୦୩ ଛାତ୍ର ରହିଥିବା ବେଳେ ୪୧ ଜଣ ଛାତ୍ରୀ ରହିଛନ୍ତି ଅଫିସିଆଲ ଭାବେ ପୁରୁଷ ଓ ମହିଳା ୨୩ ଜଣ ଦଳ ସହ ଗସ୍ତ କରିଛନ୍ତି। କ୍ରୀଡା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ,ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ,କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା, ରାଜେଶ ମହାନ୍ତି, ସୁନିତା ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ଶ୍ରୀମାଙ୍କ ଜନ୍ମ ଦିବସ ପାଳିତ

ଆସିକା, ବୁଗୁଡା, ୨୧।୨ (ସୁରେନ୍ଦ୍ର ନାଥ ସାହୁ/ କାଳିଚରଣ ଦାଶ)


ଆସିକା ସହର ଉପକଣ୍ଠ ରେଡିଦାମୋଦର ପଲ୍ଲୀସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଆସିକାସ୍ଥିତ ଶ୍ରୀଅରବିନ୍ଦ ପାଠ ଚକ୍ରରେ ଶନିବାର ଶ୍ରୀମାଙ୍କ ଜନ୍ମଦିନ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ ସହ ଧ୍ୟାନ, ପ୍ରାର୍ଥନା, ଦୁର୍ଗା ସ୍ତୋତ୍ର ଓ ମା' ବହିପଠନ ସହ ମା'ଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରଙ୍କ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ପ୍ରଭାତି ଫେରି କରିଥିଲା। ଶ୍ରୀମା' ଶ୍ରୀ ଅରବିନ୍ଦଙ୍କ ଦେହାବଶେଷ ସ୍ଥାପନ କରାଯାଇଥିବା ଦିବ୍ୟ ଚେତନା ଆଶ୍ରମରେ ଛାତ୍ରୀଛାତ୍ର ପ୍ରାର୍ଥନା କରିଥିଲେ। ଉଦୟନାଥ ରେଡ୍ଡୀ, ମୁରଲିଧର ରାଓ, ସୁକାନ୍ତ ପଟ୍ଟନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି ବୁଗୁଡ଼ା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପକ୍ଷରୁ ଶ୍ରୀମା'ଙ୍କ ୧୪୯ତମ ଜୟନ୍ତୀ ପାଳିତ ହୋଇଛି। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ହରିହର ମହାରଣାଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ମାତୃପ୍ରେମୀ ଟି.ସୁଦର୍ଶନ ପାତ୍ର ଯୋଗ ଦେଇ ମାତୃପତାକା ଉତ୍ତୋଳନ କରିଥିଲେ।

# କଂଗ୍ରେସର ବ୍ଲକ ଓ ସହର ସଭାପତି ମନୋନୀତ

ବ୍ରହ୍ମପୁର,୨୧।୨(ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଦ୍ୱାରା ବିଭିନ୍ନ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକ ଓ ସହର ପାଇଁ ସଭାପତି ମନୋନୀତ କରାଯାଇଛି। ଏ ସମ୍ପର୍କରେ କମିଟିର ପ୍ରଶାସକ ସୀମର ରାଉତରାୟ ଗଞ୍ଜାମ ଜିଲା ସଭାପତି(ପୂର୍ବ) ରଶ୍ମିରଂଜନ ପଟ୍ଟନାୟକଙ୍କ ନିକଟକୁ ଏକ ପତ୍ର ପ୍ରେରଣ କରିଛନ୍ତି। ରଶ୍ମି କହିଛନ୍ତି ଯେ, ଅଶୋକ କୁମାର ପଟ୍ଟନାୟକ, ବୃନ୍ଦାବନ ଖଟେଇ, ସତ୍ୟନାରାୟଣ ପଣ୍ଡା, ଶ୍ୟାମ ସୁନ୍ଦର ସାହୁଙ୍କୁ ଉପସଭାପତି ପଦ ମିଳିଛି। ସେହିପରି ଏ.କେଶବ ରାଓ, ଦତ୍ତାତ୍ରେୟ ବେହେରା, ଗଣପତି ବାରିକ, ଯୋଗି ବେହେରା, କ୍ଷମା ସାଗର ମହାରଣା, ପି.ରାମାରାଓ, ପ୍ରବୀଣ ସାବତ, ପ୍ରଫୁଲ୍ଲ ମହାନ୍ତି, ପ୍ରକାଶ ଚନ୍ଦ୍ର ଗୌଡ, ପୂର୍ଣ୍ଣ ଚନ୍ଦ୍ର ଦାସ, ଶଙ୍କର ସୁବୁଦ୍ଧି, ସୁଜ୍ଞାନୀ ପଟ୍ଟନାୟକ, ସୁରେଶ ଚନ୍ଦ୍ର ଦ୍ୟାନସାମନ୍ତରାୟଙ୍କୁ ସାଧାରଣ ସମ୍ପାଦକ ପଦ ମିଳିଛି। ସେହିପରି ବାନାମ୍ବର ନାହାକ, ଦିଲେଶ୍ୱର ବେହେରା, ଗଣେଶ ଚନ୍ଦ୍ର ସାହୁ, ଜୟନ୍ତୀ ମଲ୍ଲିକ, ପରମାନନ୍ଦସ ସାହୁ, ପ୍ରଦୀପ କୁମାର ସାହୁ, ରବି ମଲ୍ଲିକ, ରଙ୍କ ଦାସ, ଶଙ୍କର୍ଷଣ ସାହୁ, ସନ୍ତୋଷ କୁମାର ଦାସ, ସତେଇଆ ରେଡି, ସୁବାସ ଚନ୍ଦ୍ର ବେହେରାଙ୍କୁ ସମ୍ପାଦକ ପଦ ମିଳିଛି, ଛତ୍ରପୁର ବ୍ଲକ ପାଇଁ ସୁଦାମ ପୁରୋହିତ ସଭାପତି, ଉପସଭାପତି ଭାବେ ତାରକେଶ୍ୱର ରେଡି, ଗଞ୍ଜାମ ବ୍ଲକ ପାଇଁ ରମେଶ ବେହେରା ସଭାପତି, ରଙ୍ଗେଇଲୁଣ୍ଡା ବ୍ଲକ ପାଇଁ ଗୋକୁଳ ଚନ୍ଦ୍ର କର, କୁକୁଡାଖଣ୍ଡି ପାଇଁ ସୁଶାନ୍ତ ପାଣି, ଚିକିଟି ପାଇଁ ନିଗମାନନ୍ଦ ପଣ୍ଡାଙ୍କୁ ସଭାପତି ମନୋନୀତ କରାଯାଇଛି। ସେହିପରି ରମ୍ଭା ଏନଏସି ପାଇଁ ଚକ୍ରପାଣି ବେହେରା, ଦିଗପହଣ୍ଡି ପାଇଁ ଦୀପକ ମିଶ୍ରଙ୍କୁ ସଭାପତି ମନୋନୀତ କରାଯାଇଛି। ଜିଲା ନିର୍ବାହୀ କମିଟିରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାମ ଚନ୍ଦ୍ର ରଥ, ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ରାଘବ ଚନ୍ଦ୍ର ପରିଡା, ପୂର୍ବତନ ବିଧାୟକ ଡ.ତ୍ରିନାଥ ବେହେରାଙ୍କୁ ମନୋନୀତ କରାଯାଇଛି।

# ଡିଜିଟାଲ ଯୁଗରେ ପୂର୍ବତନ ବିଧାୟକଙ୍କ ରେଡିଓ ପ୍ରୀତି


ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ।

ବ୍ରହ୍ମପୁର, ୨୧।୨(ସୁବାସ ଚନ୍ଦ୍ର ପାଢ଼ୀ) ପୂର୍ବରୁ ଗ୍ରାମଫୋନ, ରେକର୍ଡ ପ୍ଲେୟାର, ରେଡିଓ, ଟେପ ରେକର୍ଡର ଆଦି ମନୋରଂଜନର ମାଧ୍ୟମ ଥିଲା। କିନ୍ତୁ ଏବେ ଡିଜିଟାଲ ଯୁଗରେ ସେସବୁର ସ୍ଥାନ ନୂତନ ସାମଗ୍ରୀ ନେଇଥିଲାବେଳେ ତାହା ଏବେ ଇତିହାସ ହେବାକୁ ବସିଛି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିଶେଷ କରି ରେଡିଓର ଆଦୃତ ଥିଲା। ସମୟାନୁସାରେ ଗୀତ ଶୁଣିବା, ଦେଶ ବିଦେଶର ଖବର ଶୁଣିବା ପାଇଁ ଲୋକେ ଜଗି ବସୁଥିଲେ। କିନ୍ତୁ ଏବେ ହାତପାଆନ୍ତରେ ସେସବୁ ମିଳିଯାଉଥିବାରୁ ଅଧିକାଂଶ ଲୋକଙ୍କ ପାଇଁ ରେଡିଓ ଏବେ କେବଳ ଇତିହାସ ହେବାରେ ଲାଗିଛି। କିନ୍ତୁ ଛତ୍ରପୁରର ପୂର୍ବତନ ବିଧାୟକ ତଥା ୭୨ ବର୍ଷୀୟ ଅଶୋକ କୁମାର ଚୌଧୁରୀଙ୍କ ପାଇଁ ରେଡିଓ ଆଜି ମଧ୍ୟ ସୂଚନାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବହୁନ କରୁଥିବା ସେ କହିଛନ୍ତି। ସେ ଘରେ ଏକ ପୁରୁଣା ରେଡିଓ ରଖିଛନ୍ତି। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ସେ ରେଡିଓ ଖୋଲି ଓଡ଼ିଆ, ହିନ୍ଦି ଓ ଇଂରାଜୀରେ ଖବର ଶୁଣନ୍ତି। ଏହା ଛଡ଼ା ଗୀତ ମଧ୍ୟ ଶୁଣନ୍ତି। ଗତ ୧୩ ତାରିଖ ରେଡିଓ ଦିବସ ପାଳିତ ହୋଇଯାଇଛି। ତେବେ ତାଙ୍କୁ ଏ ବିଷୟରେ ପଚାରିବାରୁ ତାଙ୍କ କହିବା କଥା ହେଲା ତାଙ୍କର ପାଖରେ ପ୍ରାୟ ଏକ ଡଜନ ରେଡିଓ ସେଟ ଅଛି, କିନ୍ତୁ କାମ କରୁଛି କେବଳ ତିନିରୁ ଚାରିଟି। ରେଡିଓ ପ୍ରତି ତାଙ୍କର ଏହି ପ୍ରେମ ଆରମ୍ଭ ହୋଇଥିଲା ଷାଠିଏ ବର୍ଷ ପୂର୍ବେ, ଯେତେବେଳେ ତାଙ୍କ ମାମୁଁଙ୍କ ପାଖରେ ଏକ ଟ୍ରାନଜିଷ୍ଟର ସେଟ ଥିଲା। ସେ ସ୍ମୃତିଚାରଣ କରି କହନ୍ତି, ହିନ୍ଦି ଗୀତ, ଅଞ୍ଚଳ ବିଶେଷ ଖବର ଓ କ୍ରିକେଟ ଧାରା ବିବରଣୀ ଶୁଣି ବହୁତ ଖୁସି ହେଉଥିଲେ। ୧୯୮୫ରେ ଛତ୍ରପୁର ବିଧାନସଭା ଆସନରୁ କଂଗ୍ରେସ ଟିକଟରେ ବିଜୟୀ ହୋଇଥିଲେ ଚୌଧୁରୀ। ସେ ସ୍ମରଣ କରନ୍ତି, ନିର୍ବାଚନ ଫଳାଫଳ ବିଶେଷ ବୁଲେଟିନରେ ରେଡିଓ ଦେଇ ମୋ ବିଜୟ ନିଶ୍ଚିତ ହୋଇଥିଲା। ଅନୁଧିକୃତ ଭାବେ ଜାଣିବା ପରେ ମଧ୍ୟ ମୋ ସମର୍ଥକ ମାନେ ରେଡିଓରେ ଆଧିକାରିକ ଘୋଷଣା ହେବା ପର୍ଯ୍ୟନ୍ତ ଅପେକ୍ଷା କରି ବାଣ ଫୁଟାଇଥିଲେ। ସେହି ବିଜୟ ଘୋଷଣା କରିଥିବା ଟ୍ରାନଜିଷ୍ଟର ସେଟ୍‌ଟି ଚୌଧୁରୀ ଆଜି ମଧ୍ୟ ସାଇତି କରି ରଖିଛନ୍ତି। ଏହା ଦେଖିଲେ ସେହି ଆନନ୍ଦମୟ ସ୍ମୃତି ଜୀବନ୍ତ ହୋଇଉଠେ ବୋଲି ସେ ସାକ୍ଷାତକାର ବେଳେ କହିଛନ୍ତି । ରେଡିଓ ଇତିହାସ ହେବନି। ବର୍ତ୍ତମାନ ମଧ୍ୟ ଗାଁ ଗହଳିରେ ରେଡିଓର ଲୋକପ୍ରିୟତା ରହିଛି। ଆଗକୁ ମଧ୍ୟ ତାହା ରହିବ। ଲୋକେ ସଚେତନ ହେଲେ ରୋଡିଓର ବହୁଳ ବ୍ୟବହାର ହୋଇପାରିବ। ଅନ୍ୟପକ୍ଷରେ ଯେ କୌଣସି ମନୋରଂଜନ ଦେଉଥିବା ସାମଗ୍ରୀରେ ଅର୍ଥ ଦରକାର ପଡୁଛି। କିନ୍ତୁ ରେଡିଓରେ ବ୍ୟାଟେରି ପକାଇଲେ ସେ ଚାଲୁଛି। ଅଧିକ ଅର୍ଥ ଖର୍ଚ୍ଚ ନ କରି ସବୁ କିଛି ଜାଣିହେଉଛି। ତେଣୁ ରେଡିଓ ସବୁଦିନ ବଂଚି ରହିବ ବୋଲି ସେ କହିଛନ୍ତି।

## ଯୁବକଙ୍କୁ ସଙ୍ଗବଦ୍ଧ ହତ୍ୟା ଘଟଣାର ପର୍ଦ୍ଦାଫାଶ, ୩ ଗିରଫ

ଛତ୍ରପୁର, ୨୧।୨ (ଦିଲୀପ ସାମଲ )-



ଛତ୍ରପୁର ଥାନା ଅନ୍ତର୍ଗତ ରିକାପଲ୍ଲୀ ଗେଟ ନିକଟରେ ଅରୁଗୁଣୀ ଗ୍ରାମର ଆର. ରାଜା ରାଓ (୨୮)ଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶୁକ୍ରବାର ସଙ୍ଗବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଏନେଇ ଅଭିଯୋଗ ପରେ ମାମଲା ରୁଜୁର ୨୪ ଘଣ୍ଟା ନ ପୂରଣୁ ଯୁବକଙ୍କୁ ସଙ୍ଗବଦ୍ଧ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ଛତ୍ରପୁର ପୋଲିସ। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଛତ୍ରପୁର ସହରର ଦେବୀନଗର ସାହିର ଚନ୍ଦନ ରାଉତ (୨୭) ତାଙ୍କ ଭାଇ ସୁନୀଲ ରାଉତ (୨୨) ଏବଂ ସହଯୋଗୀ ବ୍ୟାରେକ ସାହି ( ଚର୍ଚ୍ଚ ରୋଡ଼) ଅଞ୍ଚଳର ଆଶିଷ ବେହେରା (୨୨)। ସେମାନଙ୍କଠାରୁ ଖଣ୍ଡା, ୨ଟି ଠେଙ୍ଗା, ମୋବାଇଲ ସହ ବିଭିନ୍ନ ସାମଗ୍ରୀ ଜବତ ହୋଇଥିବା ଛତ୍ରପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ଚନ୍ଦନ ଘଡ଼ାଇ ଓ ଥାନା ଅଧିକାରୀ ସାବ୍ୟସାଚି ମଲ୍ଲ କହିଛନ୍ତି। ଖବରରୁ ଜଣାପଡିଛି ପୂର୍ବରୁ ଭଲିବଲ ଖେଳ ଓ ଅନ୍ୟାନ୍ୟ କାରଣରୁ ରାଜା ଏବଂ ଅଭିଯୁକ୍ତମାନଙ୍କ ମଧ୍ୟରେ ବଚସା ଓ ଝଗଡା ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ମଧ୍ୟ ସେମାନଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରବର୍ତ୍ତୀ ସମୟରେ ରାଜାଙ୍କୁ ଅଭିଯୁକ୍ତମାନେ ସଙ୍ଗବଦ୍ଧ ଭାବେ ଖଣ୍ଡା ଓ ଠେଙ୍ଗାରେ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ମୃତ ରାଜାଙ୍କ ଭାଇ ଆର. ଶ୍ରୀକାନ୍ତ ଥାନାରେ ଏତଲା ଦେଇଥିଲେ । ଏହାକୁ ଭିତ୍ତିକରି ପୋଲିସ ନଂ. ୭୨/୨୬ରେ ଏକମାମଲା ରୁଜୁ କରିଥିଲା। ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶରେ ଅଭିଯୁକ୍ତମାନଙ୍କୁ ଧରିବାକୁ ୨ଟି ଟିମ୍ ଗଠନ କରାଯାଇଥିଲା। ବିଭିନ୍ନସ୍ଥାନରେ ଚଢ଼ଉ କରି ଶେଷରେ ଅଭିଯୁକ୍ତମାନଙ୍କୁ କଟକ ଅଞ୍ଚଳରୁ ଗିରଫ କରାଯାଇଥିବା ଏସ୍‌ଡ଼ିପିଓ ଘଡ଼ାଇ କହଛନ୍ତି।

# ବାଇକ୍‌ରେ ବୁଲି ବ୍ରାଉନ୍‌ସୁଗାର କାରବାର

- ୩ ବେପାରୀଙ୍କୁ ଗିରଫ କଲା ସ୍ପେଶାଲ କ୍ରାଇମ୍ ୟୁନିଟ୍
- ୩୭ ଲକ୍ଷର ବ୍ରାଉନ୍‌ସୁଗାର, ୨ ବାଇକ୍ ଜବତ

ଭୁବନେଶ୍ୱର,୨୧।୨(ତ୍ରିନାଥ ମହାନ୍ତି)


ଗିରଫ ୩ ଅଭିଯୁକ୍ତ।

ବାଇକ୍‌ରେ ବୁଲି କରୁଥିଲେ ଡ୍ରଗ୍ସ ବେପାର। ଖବର ପାଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩ ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩୭୦ ଗ୍ରାମ୍‌ର ବ୍ରାଉନ୍‌ସୁଗାର,୨ ବାଇକ୍ ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ବଜାର ମୂଲ୍ୟ ୩୭ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ପୋଲିସ ସେବା ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ନିଶା ବେପାରୀ ହେଲେ ସମୀର ଖାନ୍, ଏସ୍.କେ ଇରାସଦ ମହମ୍ମଦ ଏବଂ ମୁନାଫ୍ ଖାନ୍। ସମସ୍ତଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବୋଲି ସୂଚନା ମିଳିଛି ।

ପୋଲିସ ସୂଚନା ଅନୁସାରେ, ଏହି ର୍‍ୟାକେଟ୍ ଏକ ବର୍ଷ ହେବ ସକ୍ରିୟ ହୋଇ ନିଶା କାରବାର କରୁଥିଲା। ସେମାନେ ଜଳେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ବାଇକ୍‌ରେ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧରେ ବୁଲି ବୁଲି ବିକ୍ରି କରୁଥିଲେ। ବାଇକ୍ ଡିକିରେ ବ୍ରାଉନ୍‌ସୁଗାର ରଖି ବିକ୍ରି କରୁଥିବାରୁ ପୋଲିସ ଜାଣିପାରେନାହିଁ। ସେମାନେ ଦୁଇଟି ବାଇକ୍‌ରେ ଛୋଟ ଛୋଟ ଦୋକାନୀଙ୍କୁ ବ୍ରାଉନ୍‌ସୁଗାର ବିକ୍ରି କରନ୍ତି। ସେମାନେ ସପ୍ତାହରେ ୨ଥର ବ୍ରାଉନ୍‌ସୁଗାର ଆଣି ଜଳେଶ୍ୱରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିକ୍ରି କରୁଥିଲେ। ବିଶେଷକରି କଲେଜ ଅଞ୍ଚଳରେ ସେମାନେ ସର୍ବାଧିକ ବ୍ରାଉନ୍‌ସୁଗାର ବିକ୍ରି କରୁଥିଲେ। ଯୁବପିଢ଼ିଙ୍କୁ ନିଶା କବଳରେ କବଳିତ କରି ଏହି ୩ ନିଶା ବେପାରୀ ନିଜର ବ୍ୟବସାୟ ବଢ଼ାଉଥିଲେ। ସେମାନଙ୍କ ସମ୍ପର୍କରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ନିକଟରେ ଖବର ପହଞ୍ଚିବା ପରେ ଧରିବା ପାଇଁ ଜାଲ ବିଛାଯାଇଥିଲା। ପୋଲିସ ନିଜେ ଗ୍ରାହକ ହୋଇ ସେମାନଙ୍କ ସହ ଯୋଗାଯୋଗ କରିଥିଲା। ଦୁଇଟି ବାଇକ୍‌ରେ ୩ଜଣ ବେପାରୀ ଆସି ଦୂରଦର୍ଶନ ରୋଡ୍ ଶ୍ୟାମା ଶାମ୍ ଧାମ ନିକଟରେ ଅପେକ୍ଷା କରିଥିଲେ। ପୋଲିସ ସାଦା ପୋଷାକରେ ଯାଇ ବ୍ରାଉନ୍‌ସୁଗାର ମାଗିଥିଲା। ୩ଜଣ ବ୍ରାଉନ୍‌ସୁଗାର ଆଣି ଦେବା ସମୟରେ ପୋଲିସ ମାଡ଼ିବସିଥିଲା। ସେମାନଙ୍କ ବାଇକ୍ ଡିକି ଯାଞ୍ଚ କରିବା ପରେ ୩୭୦ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଏବଂ ଦୁଇଟି ବାଇକ୍‌କୁ ଜବତ କରାଯାଇଥିଲା। ପୋଲିସ ନିଶା ମାଫିଆଙ୍କ ର୍‍ୟାକେଟ୍ ଭାଙ୍ଗିବା ପାଇଁ ସେମାନଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି। ଏହି ର୍‍ୟାକେଟ୍‌ର ଚେର ପଶ୍ଚିମବଙ୍ଗକୁ ଲମ୍ବିଛି। ଜଳେଶ୍ୱରର ଜଣେ କୁଖ୍ୟାତ ନିଶା ବେପାରୀ ପଶ୍ଚିମବଙ୍ଗରୁ ଜଳପଥରେ ବ୍ରାଉନ୍‌ସୁଗାର ଜଳେଶ୍ୱରକୁ ଆଣୁଛନ୍ତି। ସେଠାରୁ ଛୋଟ ଛୋଟ ନିଶା ବେପାରୀ ବିଭିନ୍ନ ଜିଲାକୁ ଚାଲାଣ କରିଥାନ୍ତି। ଏହିଭଳି ଗିରଫ ନିଶା ବେପାରୀ ବ୍ରାଉନ୍‌ସୁଗାର ଆଣି ଜଳେଶ୍ୱରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଛୋଟ ବେପାରୀଙ୍କୁ ବୁଲି ବୁଲି ବିକ୍ରି କରୁଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି।

# ଝାରସୁଗୁଡ଼ା ଏଡିଜେରେ ତତ୍କାଳୀନ ପିଏସ୍‌ଓଙ୍କ ସାକ୍ଷ୍ୟ ଗ୍ରହଣ

ଝାରସୁଗୁଡ଼ା, ୨୧।୨(ଆଶିଷ ରଞ୍ଜନ ଦାଶ)

**ନବ ଦାସ ହତ୍ୟା ମାମଲା**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ତାଙ୍କର ତତ୍କାଳୀନ ପିଏସ୍‌ଓ ମିତ୍ରଭାନୁ ଦେଓ ଶନିବାର ପୂର୍ବାହ୍ନରେ ଝାରସୁଗୁଡ଼ା ଅତିରିକ୍ତ ଜିଲାଜଜ୍‌(ଏଡିଜେ) କୋର୍ଟରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ମିତ୍ରଭାନୁ ଦେଇଥିବା ବୟାନ ଅନୁସାରେ ୨୦୨୩ ଜାନୁଆରୀ ୨୯ରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ଗାନ୍ଧୀଛକଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ନବ ଦାସ ଯୋଗଦେବାକୁ ଯାଉଥିଲେ। ନବ ଦାସ ତାଙ୍କ ଇନୋଭା କାର୍‌ର ଆଗ ସିଟ୍‌ରେ ବସିଥିବାବେଳେ ପଛ ସିଟ୍‌ରେ ଅନ୍ୟ ୩ ଜଣ ବସିଥିଲେ। ନବଙ୍କ କାର ପଛରେ ଥିବା ଏକ ବୋଲେରୋରେ ମିତ୍ରଭାନୁ ବସିଥିଲେ। ସଭାସ୍ଥଳ ନିକଟରେ ପହଞ୍ଚିବା ପରେ ବାଦ୍ୟ ବାଜିବା ସହିତ ବାଣ ଫୁଟୁଥିଲା। ନବ ଦାସ କାରରୁ ଓହ୍ଲାଇବା ସମୟରେ ଉପସ୍ଥିତ ଜନସାଧାରଣ ତାଙ୍କୁ ଫୁଲମାଳ ପିନ୍ଧାଉଥିବାବେଳେ ବନ୍ଧୁକରୁ ଗୁଳି ଫୁଟିବା ଶବ୍ଦ ଶୁଣିବାକୁ ମିଳିଥିଲା। ଏହି ସମୟରେ ଲୋକମାନେ ଭୟରେ ଦୌଡ଼ାଦୌଡ଼ି ହୋଇ ପଳାଉଥିବାବେଳେ ସେ ନବ ଦାସଙ୍କ ପାଖରେ ପହଞ୍ଚିଥିଲେ। ମୋତେ କିଏ ଗୁଳି ମାରିଦେଲା ବୋଲି ନବ କହିଥିବା ମିତ୍ରଭାନୁ ଶୁଣିବାକୁ ପାଇଥିଲେ। ଏହି ସମୟରେ ଇନୋଭା କାର ନିକଟରେ ତତ୍କାଳୀନ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ଗୋପାଳ ଦାସ ବନ୍ଧୁକ ଧରି ଛିଡ଼ା ହୋଇଥିଲେ। ତତ୍କାଳୀନ ବ୍ରଜରାଜନଗର ଥାନାଧିକାରୀ ପହଞ୍ଚି ଆୟତ୍ତ କରିବା ପାଇଁ ଗୋପାଳ ବନ୍ଧୁକ ଧରିଥିବା ହାତକୁ ଉପରକୁ ଟେକି ଦେଇଥିଲେ। ଫଳରେ ଦୁଇଟି ବ୍ଲାଙ୍କ୍ ଫାୟାରିଂ ମଧ୍ୟ ହୋଇଥିଲା। ନବ ଦାସଙ୍କୁ ତୁରନ୍ତ ଝାରସୁଗୁଡ଼ା ଜିଲା ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱର ଏୟାରଲିଫ୍ଟ କରାଯାଇଥିଲା ବୋଲି ମିତ୍ରଭାନୁ କୋର୍ଟଙ୍କୁ ଜଣାଇଥିବା ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ ନରେଶ ନାୟକ ପ୍ରକାଶ କରିଛନ୍ତି। ଅପରପକ୍ଷେ ଏହି ଘଟଣାରେ ଗିରଫ ହୋଇ ଚୌଦ୍ୱାର ଜେଲରେ ଥିବା ଅଭିଯୁକ୍ତ ଗୋପାଳ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କୋର୍ଟରେ ହାଜର ହୋଇଥିଲେ।

**ସୁନା ଦୋକାନୀଙ୍କଠାରୁ ଲୁଟ୍ ଘଟଣା**

# ଅଳଙ୍କାର ଜବତ, ୨ ଗିରଫ



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଓ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର। ଜବତ ରୁପା ଅଳଙ୍କାର।

ଭଦ୍ରକ,୨୧।୨(ସନାତନ ରାଉତ)

ଭଦ୍ରକ ମଠସାହି ବୁଢ଼ୀ ଜାଗୁଲାଇ ମନ୍ଦିର ନିକଟରୁ ଗତ ଜାନୁଆରୀ ୧୭ରେ ଜଣେ ସୁନା ଦୋକାନୀଙ୍କଠାରୁ ଲୁଟ୍ ହୋଇଥିବା ସୁନା ଓ ରୁପା ଅଳଙ୍କାର ପୋଲିସ ଶନିବାର ଜବତ କରିଛି। ଏଥିସହ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଯାଜପୁର ଜିଲା କୋରେଇ ଥାନା ଅଧୀନ ପୂର୍ବକୋଟେର ବିକ୍ରମ ଦାସ ଓ କେ. ଦୁଲାଲ। ଶନିବାର ମଧ୍ୟାହ୍ନରେ ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଏନେଇ ସୂଚନା ଦେଇଛନ୍ତି।

ଭଦ୍ରକ ଟାଉନ ଥାନା ଅଧୀନ ପୌରପାଳିକାର ମଠସାହିର ସୁନା ଦୋକାନୀ ସିନ୍ଧୁ ସାହାଙ୍କଠାରୁ ସୁନା ଅଳଙ୍କାର ଥିବା ବ୍ୟାଗ୍ ଲୁଟ୍ ନେଇ ଥାନାରେ ଅଭିଯୋଗ ହୋଇଥିଲା। ରାତି ପ୍ରାୟ ୯ଟା ସମୟରେ କୁଆଁସସ୍ଥିତ ତାଙ୍କ ଅଳଙ୍କାର ଦୋକାନ ବନ୍ଦ କରି ୩୨ ଗ୍ରାମ୍ ସୁନା ଓ ୬୦୦ ଗ୍ରାମ୍ ରୁପା ଅଳଙ୍କାର ଏକ ବ୍ୟାଗ୍‌ରେ ଧରି ସ୍ୱାମୀ ସ୍ତ୍ରୀ ଘରକୁ ଫେରୁଥିଲେ। ମଠସାହି ବୁଢ଼ୀ ଜାଗୁଲାଇ ମନ୍ଦିର ନିକଟରେ ୨ ଦୁର୍ବୃତ୍ତ ଏକ କଳା ପଲ୍‌ସରରେ ଆସି ବ୍ୟାଗ୍ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ ବୋଲି ସିନ୍ଧୁ ଅଭିଯୋଗରେ ଦର୍ଶାଇଥିଲେ। ଟାଉନ ପୋଲିସ ଏକ ମାମଲା (ନଂ.୫୩/୨୬) ରୁଜୁ କରି ସିସିଟିଭି ଯାଞ୍ଚ କରିବା ସହ ଲୁଟେରାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିଲା। ଶନିବାର ସକାଳେ ୨ ଲୁଟେରାଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୩୭୯ ଗ୍ରାମ୍ ରୁପା ଓ ୧୭ ଗ୍ରାମ୍ ସୁନା ଅଳଙ୍କାର ସହ ଏକ କଳା ପଲ୍‌ସର ବାଇକ୍ ଜବତ କରିଛି। ଏହି ମାମଲାରେ ଆଉ ୨ଜଣ ସେମାନଙ୍କୁ ସହଯୋଗ କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ୨ଜଣ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି। ଜବତ ହୋଇଥିବା ଅଳଙ୍କାର ସୁନା ଦୋକାନୀ ସିନ୍ଧୁଙ୍କୁ ପାଲିସ ହସ୍ତାନ୍ତର କରିଥିବା ବେଳେ ୨ ଗିରଫଙ୍କୁ କୋର୍ଟଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ବେହେରା କହିଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଉପସ୍ଥିତ ଥିଲେ।

# ଚାନ୍ଦା ନ ଦେବାରୁ ଠିକାଦାରଙ୍କୁ ହତ୍ୟା

ଆନନ୍ଦପୁର,୨୧।୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ଦେଓଗାଁ ପଞ୍ଚାୟତ ଡିହସାହି ଗାଁରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଠିକାଦାରଙ୍କୁ ନିର୍ମମଭାବେ ପିଟିପିଟି ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ବିପିନ ପରିଡ଼ା। ଗ୍ରାମର କେତେଜଣ ଯୁବକ ଚାନ୍ଦା ପାଇଁ ହତ୍ୟା କରିଥିବା ବିପିନଙ୍କ ପୁଅ ଖଗେଶ୍ୱର ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଅଭିଯୁକ୍ତ ଯୁବକମାନେ ଠିକାଦାରଙ୍କଠାରୁ ଅନେକ ସମୟରେ ଭୟଭୀତ କରାଯାଇ ଚାନ୍ଦା ନେଇଥାନ୍ତି। ବିପିନ ଏବେ ଏମଜିଏନ୍‌ଆରଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ଏକ ଠିକା କାମ କରିଥିଲେ। ଉକ୍ତ କାମ ପାଇଁ ମଧ ଠିକାଦାର ଓ ତାଙ୍କ ପୁଅଙ୍କୁ ଅଭିଯୁକ୍ତ ଯୁବକ ଚାନ୍ଦା ମାଗିଥିଲେ। ସେମାନେ ନ ଦେବାରୁ ଶନିବାର ସକାଳ ସମୟରେ ତାଙ୍କ ବାଇକ୍ ରଖିଦେବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ବିପିନ ଗୁରୁତର ହୋଇପଡ଼ିଥିବା ବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଖଗେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଏକ ମାମଲା(ନଂ. ୫୫/୨୬)ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ହତ୍ୟା ସନ୍ଦେହରେ ୨ ବନ୍ଧୁ ଅଟକ

ରାଉରକେଲା,୨୧।୨(ସଙ୍ଗୀତା ଜେନା)

**ମେଡିସିନ ରିପ୍ରେଜେଣ୍ଟିଟିଭ୍ ମ୍ୟାନେଜରଙ୍କ ସନ୍ଦେହଜନକ ମୃତ୍ୟୁ**

ରଘୁନାଥପାଲୀ ଥାନା ଅନ୍ତର୍ଗତ ସିଭିଲଟାଉନଶିପସ୍ଥିତ ଏକ ଘରୁ ଶନିବାର ସକାଳେ ଜଣେ ମେଡିଶିନ୍ ରିପ୍ରେଜେଣ୍ଟିଟିଭ୍ ମ୍ୟାନେଜରଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଜଗତସିଂହପୁର ଜିଲା ନୂଆଗାଁ ଅଞ୍ଚଳର ଭାଗୀରଥି ସ୍ୱାଇଁ(୩୫)। ଏ ନେଇ ପୋଲିସ ଏକ ମାମଲା (ନଂ.୯୮/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ମୃତକଙ୍କ ୨ ଜଣ ରୁମ୍‌ମେଟ୍‌ଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟ ଜଣେ ଫେରାର ଅଛନ୍ତି। ଏ ସମ୍ପର୍କରେ ଛେଣ୍ଡ ଅଞ୍ଚଳରେ ରହୁଥିବା ମୃତକଙ୍କ ସମ୍ପର୍କୀୟ ପ୍ରମୋଦ ପରିଡା ଥାନାରେ ଏତଲା ଦେଇଛନ୍ତି।

ଥାନାଧିକାରୀ ସୁରଜ ଝାଙ୍କରଙ୍କ ସୂଚନା ଅନୁଯାୟୀ, ମେଡିଶିନ ରିପ୍ରେଜେଣ୍ଟିଟିଭ୍ ମ୍ୟାନେଜର ଭାଗୀରଥି ପ୍ରାୟ୨ଦିନ ତଳେ ରାଉରକେଲା ସିଭିଲଟାଉନଶିପସ୍ଥିତ ଏଲ୍‌ଆଇସି ଅଫିସ୍ ନିକଟରେ ଥିବା ଟ୍ରିପଲ କ୍ୟୁ-୧୪ ଘରକୁ ଆସିଥିଲେ। ଶୁକ୍ରବାର ରାତିରେ ପ୍ରାୟ ୩/୪ ଜଣ ସାଙ୍ଗ ମିଶି ଭୋଜି କରିଥିଲେ। ତେବେ ପରଦିନ ସକାଳେ ଭାଗୀରଥିଙ୍କ ମୃତଦେହ ଘରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତକଙ୍କ ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ଥିବାବେଳେ ପାଟିରୁ ରକ୍ତ ବାହାରିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ସେହି ରୁମ୍‌ରେ ରହୁଥିବା ଅନ୍ୟ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ବୋଲି ଥାନାଧିକାରୀ କହିଥିଲେ।

## Business

# କ୍ଲିନ୍‌ଟେକ୍ ଏକ୍ସପୋ ଓଡ଼ିଶାରେ ସାମିଲ ହେଲେ ୧୦୦ ପ୍ରଦର୍ଶକ

ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)



ପୂର୍ବ ଭାରତର ସବୁଠାରୁ ବଡ଼ ସ୍ୱଚ୍ଛ ଶକ୍ତି ଓ ସ୍ଥାୟୀ ଗତିଶୀଳତା ପ୍ରଦର୍ଶନୀ ଗ୍ଲୋବାଲ କ୍ଲିନ୍‌ଟେକ୍ ଏକ୍ସପୋ ଓଡ଼ିଶା ୨୦୨୬ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ୨ଦିନିଆ କାର୍ଯ୍ୟକ୍ରମ ଶିଳ୍ପନେତା, ନୀତିନିର୍ମାତା, ଉଦ୍ଭାବକ ଓ ନିବେଶକମାନଙ୍କୁ ଏକତ୍ରିତ କରି ଭାରତର ସବୁଜ ଶକ୍ତି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାରେ ସହଯୋଗ କରିଥିଲା। ଏକ୍ସପୋରେ ୧୦୦ରୁ ଅଧିକ ପ୍ରଦର୍ଶକ ଓ ପାର୍ଟନର ଅଂଶଗ୍ରହଣ କରିଥିବାବେଳେ ୧୦ ହଜାରରୁ ଅଧିକ ଦର୍ଶକ ଯୋଗଦେଇଥିଲେ। ୧୦ରୁ ଊର୍ଦ୍ଧ୍ୱ ସମ୍ମିଳନୀ ଅଧିବେଶନରେ ୧୦୦ରୁ ଅଧିକ ପ୍ରସିଦ୍ଧ ବକ୍ତା ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ଗ୍ରିନ ଇନିସିଏଟିଭ, ଗ୍ରିଡକୋ, ଓଡ଼ିଶା କ୍ଲିନ୍ଟେକ ଆସୋସିଏସନ ଓ ନେଡ୍ରା ସହଯୋଗରେ ଅନୁଷ୍ଠିତ ଏହି ଇଭେଣ୍ଟ ଓଡ଼ିଶାକୁ ସ୍ୱଚ୍ଛ ପ୍ରଯୁକ୍ତି, ଉଦ୍ଭାବନ ଓ ସ୍ଥାୟୀ ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ସ୍ଥାପିତ କରିଛି। ଏହି ଏକ୍ସପୋରେ ଏମ୍‌ଜିଏମ୍ ଗ୍ରୀନ୍ ଏନର୍ଜି ଓ ଏହାର ସହଯୋଗୀ କମ୍ପାନୀ ନିଓଟେରିକ ଏନର୍ଜି ପ୍ରମୁଖ ଅଂଶଗ୍ରହଣକାରୀ ଭାବେ ଉପସ୍ଥିତ ଥିଲେ। କମ୍ପାନୀ ବର୍ଷ ବର୍ଷ ଧରି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଆସିଛି। ବର୍ତ୍ତମାନ ଓଡ଼ିଶାରେ ୧୪ ମେଗାୱାଟ୍ ସୌର ବିଦ୍ୟୁତ୍ ପ୍ଲାଣ୍ଟ ଓ ତାମିଲନାଡୁ ଓ ରାଜସ୍ଥାନରେ ମୋଟ ୮.୫ ମେଗାୱାଟ୍ ପବନ ବିଦ୍ୟୁତ୍ ପ୍ଲାଣ୍ଟ ସ୍ଥାପନ କରିଛି। ଏହା ବର୍ତ୍ତମାନ ଓଡ଼ିଶା ଓ ସମଗ୍ର ଭାରତରେ ପ୍ରାୟ ୧୫୦ ମେଗାୱାଟ ସୌର ପ୍ଲାଣ୍ଟ ନିର୍ମାଣ କରୁଛି, ଯାହା ଉନ୍ନତ ପ୍ରଯୁକ୍ତିରେ ସି ଆଣ୍ଡ ଆଇ ଉପଭୋକ୍ତାଙ୍କୁ ସେବା ପ୍ରଦାନ କରିବ। ଏହି ଅବସରରେ ଗ୍ଲୋବାଲ କ୍ଲିନ୍ଟେକ ଏକ୍ସିଲେନ୍ସ ଆୱାର୍ଡସ-ଓଡ଼ିଶା ୨୦୨୬ରେ ଏମ୍‌ଜିଏମ୍ ଗ୍ରୀନ୍ ଏନର୍ଜି ଲିମିଟେଡ୍‌ର ନିର୍ଦ୍ଦେଶକ ତନୁଜ ମହାନ୍ତି ପ୍ରୋଜେକ୍ଟ ଡେଭେଲପର (ଲାର୍ଜ ସ୍କେଲ ସୌର) ବର୍ଗରେ ପୁରସ୍କାର ପାଇଛନ୍ତି। ଏହି ପୁରସ୍କାର ଉଦ୍ଭାବନ ଓ ସ୍ୱଚ୍ଛଶକ୍ତି ବିକାଶରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ପାଇଁ ପ୍ରଦାନ କରାଯାଇଥିଲା। ଏହିଏକ୍ସପୋ ଓଡ଼ିଶାର ସବୁଜଶକ୍ତିଯାତ୍ରାକୁ ନୂଆ ଗତି ପ୍ରଦାନ କରିବା ସହ ଦେଶର ନେଟ ଜିରୋ ଲକ୍ଷ୍ୟକୁ ସମର୍ଥନ କରିଛି।

## ୨୫୦ ଏମ୍‌ଟି ମୂଳ ପଣ୍ୟ ପରିବହନ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

ଚଳିତ ଆର୍ଥିକ ବର୍ଷର ମାତ୍ର ୩୨୪ ଦିନରେ ୨୫୦ ନିୟୁତ ଟନ୍ (ଏମ୍‌ଟି) ମୂଳ ପଣ୍ୟ ପରିବହନକରି ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ସହ ପୂର୍ବତଟ ରେଳପଥ ୨୫୦ ନିୟୁତ ଟନ ଅଙ୍କରେ ପହଞ୍ଚିବାରେ ଦେଶର ପ୍ରଥମ ରେଳ ଜୋନ୍ ପାଲଟିଛି। ୨୦୨୪-୨୫ ତୁଳନାରେ ୩୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରାଯାଇଛି, ଯାହା ଗତ ବର୍ଷର ପଣ୍ୟ ପରିବହନ ପ୍ରଦର୍ଶନ ତୁଳନାରେ ୧୦.୬% ଅଭିବୃଦ୍ଧି ପଞ୍ଜୀକୃତ କରିଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ସହିତ ବଲ୍କ ସାମଗ୍ରୀଗୁଡ଼ିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ପୂର୍ବତଟ ରେଳପଥ ଭିତ୍ତିଭୂମିର ଉନ୍ନତି, ଗ୍ରାହକ ସେବା ବୃଦ୍ଧି ଏବଂ ପଣ୍ୟ ପରିବହନ କାର୍ଯ୍ୟକଳାପରେ ଏହାର ଅବିରତ ବୃଦ୍ଧି ଅଭିବୃଦ୍ଧି ଗତିକୁ ବଜାୟ ରଖିବା ପାଇଁ ସଦାସର୍ବଦା ପ୍ରତିବଦ୍ଧ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

# ପତଞ୍ଜଳି ବିଶ୍ୱବିଦ୍ୟାଳୟରେ 'ଅଭ୍ୟୁଦୟ' ମହୋତ୍ସବ



ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

ହରିଦ୍ୱାରସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ବାର୍ଷିକ ସାଂସ୍କୃତିକ-ଶୈକ୍ଷିକ ମହୋତ୍ସବ ଅଭ୍ୟୁଦୟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମହୋତ୍ସବର ବିଷୟବସ୍ତୁ 'ଯୋଗଧର୍ମରୁ ଯୁଗଧର୍ମ' ରହିଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନାଟ୍ୟ ପ୍ରସ୍ତୁତି ସମସ୍ତଙ୍କୁ ମୁଗ୍ଧ କରିଥିଲା। ଏହି ଅବସରରେ ଯୋଗଗୁରୁ ରାମଦେବ କହିଥିଲେ, ଭାରତ ପୂର୍ବରୁ ବିଶ୍ୱଗୁରୁ ଥିଲା, ଅଛି ଓ ସର୍ବଦା ରହିବ। ଏହି ଛାତ୍ରମାନେ ଋଷି ସଂସ୍କୃତିର ଧ୍ୱଜାବାହକ। ସ୍ୱାମୀ ଚିଦାନନ୍ଦ କହିଥିଲେ, ପତଞ୍ଜଳି ଏକ ଅଦ୍ୱିତୀୟ ସାଧନାସ୍ଥଳୀ ଏବଂ ଏହା ରାଷ୍ଟ୍ର ନିର୍ମାଣର ଆଧାର। ସାଧ୍ୱୀ ଭଗବତୀ ସରସ୍ୱତୀ ଏହି ସଂସ୍କାରଯୁକ୍ତ ପିଢ଼ିର ଭବିଷ୍ୟତ ଦର୍ଶନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। କୁଳପତି ଆଚାର୍ଯ୍ୟ ବାଳକ୍ରିଷ୍ଣା ନାଟ୍ୟ ପ୍ରସ୍ତୁତିର ସଫଳତା ପାଇଁ ସାଧ୍ୱୀ ଦେବପ୍ରିୟାଙ୍କୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟ ଅତିଥି ଡ. ଶ୍ରୀନିବାସ ବରଖେଡ଼ୀ ଏହାକୁ ପତଞ୍ଜଳି ପରିବାରର ମେଗା-ଶୋ ବୋଲି ବର୍ଣ୍ଣନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୨୫ କୋଟିର ଋଣ ମଞ୍ଜୁରୀପତ୍ର ବଣ୍ଟନ




ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ରିଟେଲ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସହଜ, ସୁଗମ, ଅସୁବିଧାମୁକ୍ତ ଏବଂ ଉପଯୁକ୍ତ ଖୁଚୁରା ଋଣ ସମାଧାନ ସହ ପ୍ରତ୍ୟେକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଶାଖାର ହିତାଧିକାରୀମାନଙ୍କୁ ୨୫ କୋଟି ଟଙ୍କାର ଋଣ ମଞ୍ଜୁରୀପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ବିବେକ କୁମାର, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ସମ୍ଭାବ୍ୟ ଗ୍ରାହକ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଖୁଚୁରା ଋଣ ଉତ୍ପାଦ ଯେପରି ସେଣ୍ଟ ସ୍ୱର୍ଣ୍ଣ ଋଣ , ସେଣ୍ଟ ଗୃହ ଋଣ, ସେଣ୍ଟ ଗୃହ ଲକ୍ଷ୍ମୀ ହୋମ୍ ଲୋନ୍ (କେବଳ ମହିଳାମାନଙ୍କ ପାଇଁ), ସେଣ୍ଟ ବନ୍ଧକ ଋଣ ଏବଂ ସେଣ୍ଟ ଗାଡ଼ି ଋଣ ଉପରେ ପ୍ରତିଯୋଗିତାମୂଳକ ସୁଧ ହାର ଏବଂ ଜିରୋ ପ୍ରୋସେସିଂ ଚାର୍ଜ ଉପରେ ବିବେକ କୁମାର ଗୁରୁତ୍ୱାରୋପ କରିଥିଲେ।

# ପର୍ଯ୍ୟଟନ, ଆତିଥ୍ୟ କ୍ଷେତ୍ର ଅର୍ଥନୈତିକ ବିକାଶର ମୁଖ୍ୟସ୍ତମ୍ଭ ହୋଇଛି

ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

**ବଜେଟ ୨୦୨୬-୨୭କୁ ହାରୋର ସ୍ୱାଗତ**

ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ହାରୋ) ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ୨୦୨୬-୨୭ ରାଜ୍ୟ ବଜେଟକୁ ସ୍ୱାଗତ କରିଛି। ଏହି ବଜେଟ ପର୍ଯ୍ୟଟନ ଓ ଆତିଥ୍ୟ କ୍ଷେତ୍ରକୁ ରାଜ୍ୟର ଅର୍ଥନୈତିକ ବିକାଶର ମୁଖ୍ୟ ସ୍ତମ୍ଭ ଭାବେ ମାନ୍ୟତା ଦେଇଛି। ପର୍ଯ୍ୟଟନ ବଜେଟ ୨୫% ବୃଦ୍ଧି ପାଇଥିବାବେଳେ ନୂଆ ହୋମ୍‌ଷ୍ଟେ ନୀତି, ୧୫୦ କୋଟି ଟଙ୍କାର ଟୁରିଜମ୍ ଲ୍ୟାଣ୍ଡ ବ୍ୟାଙ୍କ ଏବଂ ୧୦୦ କୋଟି ପର୍ଯ୍ୟନ୍ତ କ୍ୟାପିଟାଲ ସବ୍‌ସିଡି ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଘୋଷଣା କରାଯାଇଛି। ୧୫ଟି ପ୍ରାଥମିକ ଗନ୍ତବ୍ୟସ୍ଥଳ ବିକାଶ ଓ ୨୦୪୭ ସୁଦ୍ଧା ୫ କୋଟି ପର୍ଯ୍ୟଟକ ଆକର୍ଷଣ ଲକ୍ଷ୍ୟ ରଖାଯାଇଛି। ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ର କରିବା ପାଇଁ ୧,୦୦୦ କୋଟି, ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ ଓ ମେରାଇନ୍ ଆକ୍ୱାରିୟମ ପାଇଁ ୫୦୦ କୋଟି ବ୍ୟୟ ବ୍ୟବସ୍ଥା କରାଯାଇଛି। ଏହା ସହ ଏସିଆର ସବୁଠାରୁ ବଡ଼ ଲୁଣି ହ୍ରଦ ଚିଲିକା ଲାଗୁନର ଇକୋ-ରିଷ୍ଟୋରେଶନ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ହାରୋର ଅଧ୍ୟକ୍ଷ ଡ. ଜେ.କେ. ମହାନ୍ତି ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନା ମାଟି ତଳେ ଥିବା ଖଣିଜ ସମ୍ପଦଠାରୁ ଅଧିକ ମୂଲ୍ୟବାନ୍ ଏବଂ ଏହାକୁ ଯଥାର୍ଥ ଭାବେ ବ୍ୟବହାରକଲେ ରାଜ୍ୟର ଅର୍ଥନୀତିକୁ ନୂଆ ଉଚ୍ଚତାରେ ପହଞ୍ଚାଇବ। ହାରୋ ବିଶ୍ୱାସ କରୁଛି ଯେ ପର୍ଯ୍ୟଟନ ହିଁ ଓଡ଼ିଶାର ଅର୍ଥନୈତିକ ବିକାଶର ମୁଖ୍ୟ ଚାଳକ ଶକ୍ତି ହେବ।

# ରାଜ୍ୟ ବଜେଟକୁ ଆସୋଚାମ୍‌ର ପ୍ରଶଂସା

ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)

ବିଧାନସଭାରେ ଶୁକ୍ରବାର ଉପସ୍ଥାପିତ ଓଡ଼ିଶା ବଜେଟ ସମ୍ପର୍କରେ ଆସୋଚାମ୍ ଓଡ଼ିଶା ରାଜ୍ୟ ବିକାଶ ପରିଷଦ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତ ପ୍ରତିକ୍ରିୟା ଦେଇଛନ୍ତି। ପଙ୍କଜଲୋଚନ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ଓଡ଼ିଶା ବଜେଟ ୨୦୨୬-୨୭ ହେଉଛି ଓଡ଼ିଶା ପାଇଁ ଏକ ପ୍ରଗତିଶୀଳ ଏବଂ ବିକାଶମୁଖୀ ରୂପରେଖ। ପୁଞ୍ଜିଗତ ବ୍ୟୟ, କୃଷି, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଭିତ୍ତିଭୂମି ଉପରେ ଦୃଢ଼ ଗୁରୁତ୍ୱ ସହିତ ୩.୧୦ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ, ସର୍ବସମାବେଶୀ ବିକାଶ ସହିତ ଆର୍ଥିକ ଶୃଙ୍ଖଳାକୁ ପ୍ରତିଫଳିତ କରୁଛି। କ୍ରୀଡ଼ା ଭିତ୍ତିଭୂମି ଏବଂ ଯୁବ ବିକାଶ ଉପରେ ଜାରି ରହିଥିବା ଗୁରୁତ୍ୱକୁ ମଧ୍ୟ ସ୍ୱାଗତ କରୁଥିବା ସେ କହିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ପୁଞ୍ଜିନିବେଶ କେବଳ ପ୍ରତିଭା ସୃଷ୍ଟିକରେ ନାହିଁ, ବରଂ ଏହା ପର୍ଯ୍ୟଟନ, ବିଶ୍ୱସ୍ତରୀୟ ପରିଚୟ ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ।

# ଅସ୍ସି ଚଳଚ୍ଚିତ୍ର ପ୍ରଚାରରେ ଆଇ ମନ୍ତ୍ରା ଆଇ ଡ୍ରପ୍ସର ସହଯୋଗ

ଭୁବନେଶ୍ୱର,୨୧।୨(ଅନୁରାଧା ମହାରଣା)




ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ କୋର୍ଟରୁମ୍ ଡ୍ରାମା ଚଳଚ୍ଚିତ୍ର 'ଅସ୍ସି'ର ପ୍ରଚାର ଚାଲିଛି। ନିର୍ଦ୍ଦେଶକ ଅନୁଭବ ସିହ୍ନାଙ୍କ ଏହି ଚଳଚ୍ଚିତ୍ରଟି ବାରାଣସୀର ଅସି ଘାଟକୁ କେନ୍ଦ୍ରକରି ପରମ୍ପରା ଓ ଆଧୁନିକ ଚିନ୍ତାଧାରା ମଧ୍ୟରେ ସଂଘର୍ଷକୁ ଚିତ୍ରଣ କରିଛି। ଅଭିନେତ୍ରୀ ତାପସୀ ପନ୍ନୁ ଏଥିରେ ମୁଖ୍ୟ ଚରିତ୍ର 'ରାଭି'ର ଭୂମିକାରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ପ୍ରଚାର ଅବସରରେ ତାପସୀ କହିଛନ୍ତି, କ୍ଲାନ୍ତ ଓ ମଳିନ ଆଖିରେ ସତ୍ୟ ସ୍ପଷ୍ଟ ଦେଖାଯାଏ ନାହିଁ। ତୀକ୍ଷ୍ଣ ଓ ସ୍ପଷ୍ଟ ଦୃଷ୍ଟି ପାଇଁ ଆଇ ମନ୍ତ୍ରା ଆଇ ଡ୍ରପ୍ସ ଆବଶ୍ୟକ, ଯାହା ସ୍ପଷ୍ଟ ଦୂରଦୃଷ୍ଟି ପ୍ରଦାନକରି ପ୍ରତ୍ୟେକ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟକରେ। ଏହି ଅବସରରେ ନିବେଶକ ଡ. ସଞ୍ଜୀବ ଜୁନେଜା ଚଳଚ୍ଚିତ୍ର ଦଳର ସଫଳତା କାମନା କରିଛନ୍ତି। ଚଳଚ୍ଚିତ୍ରର ପ୍ରଭାବଶାଳୀ କାହାଣୀ ଓ କଳାକାରଙ୍କୁ ଦୃଷ୍ଟିରେ ରଖି ଦିବିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ପ୍ରତିନିଧି କହିଛନ୍ତି, ସେମାନେ ଚଳଚ୍ଚିତ୍ର ସହିତ ସହଯୋଗ ପାଇଁ ନିଜର ପ୍ରସିଦ୍ଧ ଉତ୍ପାଦ ଆଇ ମନ୍ତ୍ରା ଆୟୁର୍ବେଦିକ ଆଇ ଡ୍ରପ୍ସ ବାଛିଛନ୍ତି। ଏହି ଡ୍ରପ୍ସ ଆଖିର କ୍ଲାନ୍ତି, ଶୁଷ୍କତା ଓ ଚାପ କମାଇବାରେ ସାହାଯ୍ୟ କରେ। ୧୨ଟି ଆୟୁର୍ବେଦିକ ଔଷଧିର ମିଶ୍ରଣରେ ପ୍ରସ୍ତୁତ ଏହା ଆଖିରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରେନାହିଁ। ସୂଚନା ଥାଉକି, ଚଳଚ୍ଚିତ୍ର ଅସ୍ସି ଫେବୃଆରୀ ୨୦ରେ ରିଲିଜ ହୋଇଛି ।

# କଙ୍ଗନାଙ୍କ ସହ ବନ୍ଧୁତା ଲାଗି ପ୍ରସ୍ତୁତ


ତାପସୀ ପନ୍ନୁ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀଙ୍କ ମଧ୍ୟରେ କ୍ୟାଟ୍‌ଫାଇଟ୍ ନୂଆ କଥା ନୁହେଁ। ବିଗତ ଦିନରେ ଏଭଳି ଅନେକ ଘଟଣା ଦେଖିବାକୁ ମିଳିଛି। ତେବେ ଏଥି ମଧ୍ୟରୁ ଗୋଟିଏ ହେଲା କଙ୍ଗନା ରାଣାଓତ ଏବଂ ତାପସୀ ପନ୍ନୁଙ୍କ ମଧ୍ୟରେ ହୋଇଥିବା ତୁ ତୁ ମୈଁ ମୈଁ। ଏକଦା ଦୁହିଁଙ୍କ ମଧ୍ୟରେ ସୋସିଆଲ ମିଡିଆରେ ଜୋରଦାର ଲଢେଇ ଦେଖିବାକୁ ମିଳିଥିଲା। କିନ୍ତୁ ତାପସୀ ଏବେ ନିଜର ମନୋଭାବ ବଦଳାଇଛନ୍ତି। କଙ୍ଗନାଙ୍କ ସହ ପୁଣି ବନ୍ଧୁତା ଲାଗି ହାତ ବଢ଼ାଇବାକୁ ପ୍ରସ୍ତୁତ ହେଲେଣି। ଅତୀତରେ କଙ୍ଗନାଙ୍କ ଭଉଣୀ ରଙ୍ଗୋଲି ଚାଣ୍ଡେଲ, ତାପସୀଙ୍କୁ କଙ୍ଗନାଙ୍କର 'ଶସ୍ତା ନକଲ' ବୋଲି କହିଥିଲେ। ଏପରିକି ତାଙ୍କୁ 'ବି-ଗ୍ରେଡ ଅଭିନେତ୍ରୀ' ଏବଂ 'ଶି-ମ୍ୟାନ' କହି ମଧ୍ୟ କଟାକ୍ଷ କରାଯାଇଥିଲା। ଏହାକୁ ନେଇ ଦୁଇ ଅଭିନେତ୍ରୀଙ୍କ ମଧ୍ୟରେ ବେଶ୍ କିଛି ବର୍ଷ ଧରି ତିକ୍ତତା ଲାଗି ରହିଥିଲା। ନିକଟରେ ନିଜର ନୂଆ ଫିଲ୍ମ 'ଅସୀ'ର ପ୍ରମୋଶନ ସମୟରେ ଏକ ପୋଡକାଷ୍ଟରେ ତାପସୀ ଏହି ବିବାଦ ନେଇ ମୁହଁ ଖୋଲିଛନ୍ତି।

ସେ କହିଛନ୍ତି, ଲଢ଼େଇ ସେତେବେଳେ ହୁଏ ଯେତେବେଳେ ଦୁଇଜଣ ପରସ୍ପର ସହ ମୁହାଁମୁହିଁ ହୁଅନ୍ତି। ମୁଁ କେବେ ବି କାହା ସହ ଲଢ଼ି ନାହିଁ କିମ୍ବା କଙ୍ଗନାଙ୍କ ବିରୋଧରେ କିଛି କହିନାହିଁ। ଆମେ ଦୁହେଁ ବଲିଉଡରେ 'ଆଉଟସାଇଡର୍' ଏବଂ ଉଭୟଙ୍କ ମତ ପ୍ରାୟ ସମାନ। କଙ୍ଗନା ଜଣେ ସିନିୟର ଏବଂ ଦକ୍ଷ ଅଭିନେତ୍ରୀ ଭାବେ ତାଙ୍କୁ ସମ୍ମାନ କରେ। ଯେତେବେଳେ ତାପସୀଙ୍କୁ ପଚରାଗଲା କି ସେ କଙ୍ଗନାଙ୍କ ସହ ବନ୍ଧୁତା କରିବେ କି? ତାପସୀ ସ୍ପଷ୍ଟ ଭାବେ କହିଛନ୍ତି ଯେ, ବନ୍ଧୁତା ପାଇଁ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହା ଏବେ ବଲିଉଡ୍‌ରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଆଗାମୀ ଦିନରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିପାରେ ବୋଲି କୁହାଯାଉଛି।

# ସହରାଞ୍ଚଳ ଗୃହନିର୍ମାଣ ମିଶନକୁ ସୁଦୃଢ଼ କରିବ 'ପିଏମ୍ଏୱାଇ-ଅର୍ବାନ ବନ୍ଧୁ'

## ପ୍ରତିବର୍ଷ ୫୦ ଏକର ଜମି ଯୋଗାଇଦେବେ ରାଜ୍ୟ ସରକାର

ଭୁବନେଶ୍ୱର, ୨୧।୨ (ବନ୍ଦନା ସେଠୀ)

ସହରାଞ୍ଚଳରେ ବସବାସ କରୁଥିବା ବାସହୀନ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କୁ ସୁଲଭ ମୂଲ୍ୟରେ ପକ୍କାଘର ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ର ସଫଳ ରୂପାୟନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ 'ପିଏମ୍ଏୱାଇ-ଅର୍ବାନ ବନ୍ଧୁ' ଯୋଜନା ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟୟବରାଦ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟତଃ ଆର୍ଥିକ ଅନଗ୍ରସର ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଏବଂ ସହରାଞ୍ଚଳର ଭୂମିହୀନ ପରିବାରଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ସହ ସେମାନଙ୍କ ପାଇଁ ଆବାସ ସୁବିଧା ସୁନିଶ୍ଚିତ କରାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ୨.୦ ଅଧୀନରେ ଥିବା ଏୱାଏଚ୍‌ପି ଭର୍ଟିକାଲ ପାଇଁ ପ୍ରତିବର୍ଷ ୫୦ଏକର ଜମି ଚିହ୍ନଟ କରାଯିବା ଦ୍ୱାରା ଇଡବ୍ଲ୍ୟୁଏସ୍ ପରିବାରଙ୍କୁ ଗୃହ ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ଏବଂ ସହରାଞ୍ଚଳରେ ପକ୍କାଘର ସୀମା ବୃଦ୍ଧି ପାଇବ। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ପିଏମ୍ଏୱାଇ-ଅର୍ବାନ ବନ୍ଧୁ ଯୋଜନା ସୁଲଭ ମୂଲ୍ୟରେ ବାସଗୃହ ନିର୍ମାଣ ପାଇଁ ଜମିର ଉପଲବ୍ଧତାକୁ ସୁନିଶ୍ଚିତ କରିବା ସହ ଗୃହ ନିର୍ମାଣ ମିଶନକୁ ଅଧିକ ସୁଦୃଢ଼ କରିବ। ଚଳିତ ଆର୍ଥିକ ବର୍ଷ ବଜେଟରେ ମୁଖ୍ୟମନ୍ତ୍ରୀ ଏହି ଯୋଜନା ପାଇଁ ୧୨୦କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ପୌରସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପ୍ରକ୍ରିୟାକୁ ସରଳୀକୃତ କରାଯିବ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା' ପରିକଳ୍ପନା ଅନୁଯାୟୀ ୨୦୨୯ ସୁଦ୍ଧା ୯୦ ପ୍ରତିଶତ ପରିବାରଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସହରାଞ୍ଚଳର କୌଣସି ବି ଯୋଗ୍ୟ ପରିବାର ଯେପରି ଏହି ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ତାହାକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି।

# 'ପ୍ରସ୍ତୁତ ରୁହ'

## ଆଜି ବିଶ୍ୱ ସ୍କାଉଟ୍ ଦିବସ



ପ୍ରତିବର୍ଷ ଫେବୃଆରୀ ୨୨କୁ ବିଶ୍ୱ ସ୍କାଉଟ୍ ଦିବସ ଭାବେ ପାଳନ କରାଯାଉଛି। ସ୍କାଉଟିଂ ଆନ୍ଦୋଳନର ସଂସ୍ଥାପକ ଲର୍ଡ ରବର୍ଟ ବେଡେନ୍ ପୋୱେଲ୍‌ଙ୍କ ଜୟନ୍ତୀ ଉପଲକ୍ଷେ ଏହି ଦିବସ ପାଳନ ହେଉଛି। ୧୮୫୭ ଫେବୃଆରୀ ୨୨ରେ ଲର୍ଡ ବେଡେନ୍ ଜନ୍ମଗ୍ରହଣ କରିଥିଲେ। ଯୁବବର୍ଗଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଅନୁଶାସନ ଏବଂ ସମାଜସେବା ଆଦି ଭାବନା ସୃଷ୍ଟି ସହ ସ୍କାଉଟିଂର ମୂଲ୍ୟବୋଧକୁ ବଢାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ସ୍କାଉଟିଂର ମୂଳ ଆଦର୍ଶ ବାକ୍ୟ ହେଉଛି 'ପ୍ରସ୍ତୁତ ରୁହ'। ଏହା ସ୍କାଉଟ୍‌ମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ପ୍ରତି ସର୍ବଦା ମାନସିକ ଏବଂ ଶାରିରୀକସ୍ତରରେ ସଚେତନ ରହିବାକୁ ପ୍ରେରଣା ଦେଇଥାଏ। ୧୯୦୭ରେ ଲର୍ଡ ବେଡେନ୍ ବ୍ରାଉନ୍‌ସୀ ଦ୍ୱୀପରେ ପ୍ରଥମ ପ୍ରାୟୋଗିକ ସ୍କାଉଟ୍ ଶିବିର ଆୟୋଜନ କରିଥିଲେ। ଏହି ଆନ୍ଦୋଳନର ଲୋକପ୍ରିୟତା ପରେ ୧୯୨୦ରେ ଲଣ୍ଡନରେ ପ୍ରଥମ ବିଶ୍ୱ ସ୍କାଉଟ୍ ଜାମ୍ବୋରୀ ବା ସମ୍ମେଳନ ଅନୁଷ୍ଠିତ ହୋଇଥିଲା ଏବଂ ଏହିଠାରୁ ହିଁ ସ୍କାଉଟ୍ ଦିବସ ପାଳନର ମୂଳଦୁଆ ପଡିଥିଲା। ସମ୍ମେଳନର ପ୍ରତିନିଧିମାନେ ଏହି ଦିବସ ପାଳନ ନେଇ ପ୍ରସ୍ତାବ ରଖିଥିଲେ ଏବଂ ୧୯୨୬ରେ ଏହାକୁ ମାନ୍ୟତା ପ୍ରଦାନ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ସମଗ୍ର ବିଶ୍ୱରେ ଏହି ଦିବସକୁ ପାଳନ କରାଯାଇଆସୁଛି।

# ମହୁମାଛି ଆକ୍ରମଣରେ ୨୦ ଆହତ

ମାଲକାନଗିରି, ୨୧।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୋରୁକୋଣ୍ଡା ସଦର ବ୍ଲକ୍‌ରେ ମହୁମାଛି ଆକ୍ରମଣରେ ୨୦ଜଣ ଆହତ ହୋଇଛନ୍ତି। ବ୍ଲକ୍‌ରେ ମାଉଲି ମା'ଙ୍କ ଯାତ୍ରା ଉପଲକ୍ଷେ ମନ୍ଦିର ପୂଜକଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଲୋକ, କୋରୁକୋଣ୍ଡା ଥାନାଧିକାରୀ ଆର୍.ବିଜୟ କୁମାର ଓ ଅନ୍ୟ କର୍ମଚାରୀ ନିକଟରେ ଥିବା ପାହାଡ଼କୁ ମା'ଙ୍କୁ ବରଣ କରିବାକୁ ଯାଇଥିଲେ। ସେଠାରେ ପୂଜା ସାରି ଫେରିବା ବେଳେ ରାସ୍ତାରେ ମହୁମାଛି ଆକ୍ରମଣରେ ଥାନାଧିକାରୀ ଓ ଗ୍ରାମବାସୀ ଆକ୍ରମଣର ଶିକାର ହୋଇଥିଲେ। ସମସ୍ତ ଆହତଙ୍କୁ କୋରୁକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି।

# ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା: ୫ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା/ରାଜକନିକା, ୨୧।୨ (ଜଗନ୍ନାଥ ଧଳ/ ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଲାଭର ଅଞ୍ଚଳର ଏକ ଘରୋଇ ଇଂଲିଶ୍ ମିଡିୟମ ସ୍କୁଲରେ ଜଣେ ଛାତ୍ରୀଙ୍କୁ ଜାନୁଆରୀ ୧୪ରେ ଗଣବଳାତ୍କାର କରାଯାଇଥିଲା। ଛାତ୍ରୀ ଜଣକ ତାଙ୍କ ମା'ଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଫେବୃଆରୀ ୧୮ରେ ସିଡବ୍ଲୁସିରେ ଅଭିଯୋଗ କରାଯାଇଥିଲା। ସିଡବ୍ଲୁସି କର୍ମକର୍ତ୍ତାମାନେ ଘଟଣାସ୍ଥଳ ପରିଦର୍ଶନ କରି ବୁଝିବା ପରେ ପୋଲିସ ଶନିବାର ତଦନ୍ତ କରିଥିଲା। ପରେ ପରିବାର ଲୋକେ ୨୧ ତାରିଖରେ ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗପତ୍ରରେ ସ୍କୁଲର ଶିକ୍ଷକ ଚନ୍ଦନ କୁମାର ପୃଷ୍ଟି(୩୭), ବିଶ୍ୱରଞ୍ଜନ ସାହୁ(୩୧), ରଶ୍ମିକାନ୍ତ ବିଶ୍ୱାଳ(୪୭), ଶିକ୍ଷୟିତ୍ରୀ ମିନତି ବାଇ(୩୪) ଓ ପିଅନ ରଶ୍ମିରଞ୍ଜନ ରଣାଙ୍କ ନାମରେ ନଂ.୫୪/୨୬ରେ ପୋକ୍‌ସୋ ଆଇନରେ ମାମଲା ରୁଜୁ ପରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୀଡ଼ିତା ସପ୍ତମ ଶ୍ରେଣୀର ନାବାଳିକା ଛାତ୍ରୀ ଓ ଅଟକ ୫ ଜଣଙ୍କର ବୟାନ ରେକର୍ଡ କରାଯାଇଛି।

ସୂଚନାଯୋଗ୍ୟ ଜାନୁଆରୀ ୧୪ରେ ସମ୍ପୃକ୍ତା ଛାତ୍ରୀ ସ୍କୁଲରେ ଥିଲେ। ମଧ୍ୟାହ୍ନ ସମୟରେ ତାଙ୍କୁ ସ୍କୁଲ ଅଫିସ୍‌କୁ ଡକାଇ ଏହି ଜଘନ୍ୟ କାଣ୍ଡ କରାଯାଇଥିବା ଅଭିଯୋଗ ରହିଛି। ଗଣବଳାତ୍କାରରେ ଭୟ ପାଇ ପୀଡ଼ିତା ସ୍କୁଲକୁ ଯାଉ ନ ଥିଲେ। ବିଦେଶରେ ଥିବା ବାପା ଘରକୁ ଫେରିବା ପରେ ପୀଡିତା ଏ ସମ୍ପର୍କରେ ପରିବାରକୁ ସୂଚନା ଦେଇଥିଲେ। ସିଡବ୍ଲୁସି ଅଧ୍ୟକ୍ଷା ଗୀତାଞ୍ଜଳି ପାତ୍ରଙ୍କ ଟିମ୍ ପୀଡିତା ଛାତ୍ରୀଙ୍କ ବୟାନ ରେକର୍ଡ ସହ ଏହାର ରିପୋର୍ଟ ଏସ୍‌ପିଙ୍କୁ ୨୦ ତାରିଖରେ ଦେଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏସ୍‌ପି ସିଦ୍ଧାର୍ଥ କାଟାରିଆଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଏସ୍‌ପି ସୁଧାକର ଦାସ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର ରାଜକନିକା ଥାନାରେ ପହଞ୍ଚି ଅଭିଯୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପିଅନଙ୍କୁ ପଚରାଉଚରା କରୁଛନ୍ତି । ଏନେଇ ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି, ଅଭିଯୁକ୍ତଙ୍କ ନାମରେ ପୋସ୍‌କୋ ଧାରାରେ ମାମଲା ରୁଜୁ ହୋଇଛି। ଘଟଣା ସ୍ପର୍ଶକାତର ଥିବାରୁ ଏସ୍‌ପି କାଟାରିଆ ଏହି ମାମଲାର ତଦନ୍ତ କରୁଛନ୍ତି। ଅପରପକ୍ଷରେ ଉକ୍ତ ଘଟଣାକୁ ଜିଲା କଂଗ୍ରେସ ଗୁରୁତର ଭାବେ ଗ୍ରହଣ କରିଛି । ଜିଲା କଂଗ୍ରେସ ସଭାପତି ଡା. ଦେବସ୍ମିତା ଶର୍ମା ଓ ବ୍ଲକ ଅଧ୍ୟକ୍ଷା ପୀଡ଼ିତାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଏହା ଏକ ଲଜ୍ଜାଜନକ ଘଟଣା ଓ ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ଶେଷ ପର୍ଯ୍ୟନ୍ତ ଜିଲା କଂଗ୍ରେସ ପରିବାର ସହିତ ଥିବା ଡା. ଶର୍ମା ପ୍ରକାଶ କରିଛନ୍ତି ।


**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** | बैंक ऑफ महाराष्ट्र Bank of Maharashtra भारत सरकार का उद्यम एक परिवार एक बैंक

ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯
ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨
ଇ-ମେଲ୍: cmrecovery_bbsr@mahabank.co.in

**ଦଖଲ ନୋଟିସ୍** [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ସହ-ଆବେଦନକାରୀ/ ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଜଗତସିଂହପୁର ଶାଖା /** ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନେ: ୧) ମେସର୍ସ ଲିଙ୍ଗରାଜ ଲେଙ୍କା ଆଣ୍ଡ ବ୍ରଦର୍ସ, ଏହାକୁ ପ୍ରତିନିଧିତ୍ୱ କରୁଥିବା **ସ୍ୱତ୍ୱାଧିକାରୀମାନେ:** (କ) ଶ୍ରୀ ଲିଙ୍ଗରାଜ ଲେଙ୍କା, (ଖ) ଶ୍ରୀ ଜୀବନ ପ୍ରକାଶ ଲେଙ୍କା, ୨) ଶ୍ରୀ ଲିଙ୍ଗରାଜ ଲେଙ୍କା, ୩) ଶ୍ରୀ ଜୀବନ ପ୍ରକାଶ ଲେଙ୍କା, ୪) ଶ୍ରୀ ଦୁର୍ଗା ଚରଣ ଲେଙ୍କା, ୫) ଶ୍ରୀମତୀ ପୁଷ୍ପିତା ମହାନ୍ତି, ସମସ୍ତଙ୍କ ଠିକଣା- ସା/ପୋ: ବାଇଜଙ୍ଗା, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩ | ଶ୍ରୀ ଦୁର୍ଗା ଚରଣ ଲେଙ୍କା, ଶ୍ରୀ ଜୀବନ ପ୍ରକାଶ ଲେଙ୍କା, ଶ୍ରୀ ଲିଙ୍ଗରାଜ ଲେଙ୍କା, ଶ୍ରୀମତୀ ପୁଷ୍ପିତା ମହାନ୍ତିଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଖେରସ, ଏସ୍‌ଆରଓ: ଜଗତସିଂହପୁର, ତହସିଲ: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ପ୍ଲଟ୍ ନଂ.: ୪୦୩୩/୪୬୧୨, ଖାତା ନଂ.: ୮୯୦/୨୦୩, କ୍ଷେତ୍ର: ଏକର୦.୦୮୦ ଡିସିମିଲି, ଏହାର ଚରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ଦେବୀ ପ୍ରସାଦ ଚୌଧୁରୀଙ୍କ ପ୍ଲଟ୍, ଉତ୍ତର: ଗୌରାଙ୍ଗ ସ୍ୱାଇଁଙ୍କ ପ୍ଲଟ୍, ଦକ୍ଷିଣ: ପ୍ଲଟ୍ ନଂ. ୪୦୩୩, ଘରୋଇ ରାସ୍ତା **(ସାଙ୍କେତିକ ଦଖଲ)**। | ୦୩.୧୨.୨୦୨୫ ସୁଦ୍ଧା ଟ.୨୭,୩୬,୩୧୬.୭୯ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୩.୧୨.୨୦୨୫ / ୧୬.୦୨.୨୦୨୬ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୧.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର



**UTKAL SANGEET MAHAVIDYALAYA**
Sachivalaya Marg, Unit-IV, Bhubaneswar-751001, Phone No. : 0674-2503956,
E-Mail : principalusm@gmail.com, Website : www.usmbbsr.in

No. : 547 Date : 19.02.2026

**TENDER CALL NOTICE**

**No.3001/7/2526** : Sealed Tenders are invited under two bid systems from the experienced Firms/Agencies having successful track record on Event Management Services towards **execution of different events** to organize Annual festival of Utkal Sangeet Mahavidyalaya, Bhubaneswar i.e. **"JAYADEV SAMAROH-2026"** from 16.03.2026 to 19.03.2026 at Utkal Mandap, Bhubaneswar. The Tender paper can be downloaded from the website of Mahavidyalaya i.e. www.usmbbsr.in. The schedule for detailed activities is given below.

| Activity | Apply date for submission of tender | Last Date for submission of Tender | Mode of submission | Pre-Bid meeting | Date & Time for opening of Technical Bid & Presentation | Date & Time for Opening of Financial Bid |
|---|---|---|---|---|---|---|
| Tentage allied works, Light, Sound Arrangement etc. to be provided by Event Management Firm | 19.02.2026 | 11.03.2026 up to 12:00 Noon | Registered Post / Directly drop in the Tender Box of this Office | 26.02.2026 at 11:30 A.M. | 11.03.2026 at 01:30 P.M. at Principal Chamber | 11.03.2026 at 04:30 P.M. (Tentative) |

The undersigned has reserves the right to accept/reject any or all the tenders without assigning any reason thereof.
OIPR-3001/3011/1/25-26/0001 Sd./- Principal



**ଯୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ଯୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍** ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଯୁକୋ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ଯୁକୋ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ସୟେଦ ସାହିଦ ଅଲ୍ଲି,** ପିତା: ସୌକତ ମହମ୍ମଦ / **ଗ୍ୟାରେଣ୍ଟିଦାତାମାନେ: ୧) ରହେନା ବେଗମ,** ସ୍ୱାମୀ: ସୌକତ ମହମ୍ମଦ, **୨) ସୟେଦ ସମସେର ଅଲ୍ଲି,** ପିତା: ସୌକତ ମହମ୍ମଦ, ସମସ୍ତଙ୍କ ଠିକଣା- ସା.: ମିରକମଲପାଟଣା, ପୋ.: ମଙ୍ଗଳାବାଗ, ଜିଲ୍ଲା: କଟକ | ୩୧.୧୦.୨୦୨୫ ସୁଦ୍ଧା ଟ.୨୧,୩୫,୬୦୯.୩୫ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୧.୨୦୨୫ / ୨୧.୦୨.୨୦୨୬ | **ରହେନା ବେଗମ,** ସ୍ୱାମୀ: ସୌକତ ମହମ୍ମଦଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍ ନଂ.: ୨୨ ମିରକମଲପାଟଣା, ପୋ.: ମଙ୍ଗଳାବାଗ, ଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଖାତା ନଂ.: ୧୦୬୮/୪୭, ପ୍ଲଟ୍ ନଂ.: ୯୮୫, କ୍ଷେତ୍ର: ଏକର ୦.୦୫୧ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସମସୁଲ ଆଲମ୍‌ଙ୍କ ବାସସ୍ଥାନ, ଦକ୍ଷିଣ: ଇଦନ ବିବିଙ୍କ ବାସସ୍ଥାନ, ପୂର୍ବ: ମ୍ୟୁନିସିପାଲିଟି ରୋଡ, ପଶ୍ଚିମ: ମ୍ୟୁନିସିପାଲିଟି ରୋଡ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୧.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ଯୁକୋ ବ୍ୟାଙ୍କ



**ଯୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ଯୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍** ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଯୁକୋ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ଯୁକୋ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ସୟେଦ ସମସେର ଅଲ୍ଲି,** ପିତା: ସୌକତ ମହମ୍ମଦ / **ଗ୍ୟାରେଣ୍ଟିଦାତାମାନେ: ୧) ରହେନା ବେଗମ,** ସ୍ୱାମୀ: ସୌକତ ମହମ୍ମଦ, **୨) ସୟେଦ ସାହିଦ ଅଲ୍ଲି,** ପିତା: ସୌକତ ମହମ୍ମଦ, ସମସ୍ତଙ୍କ ଠିକଣା- ସା.: ମିରକମଲପାଟଣା, ପୋ.: ମଙ୍ଗଳାବାଗ, ଜିଲ୍ଲା: କଟକ | ୩୧.୧୦.୨୦୨୫ ସୁଦ୍ଧା ଟ.୪୧,୦୩,୬୯୨.୫୬ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୧.୨୦୨୫ / ୨୧.୦୨.୨୦୨୬ | **ରହେନା ବେଗମ,** ସ୍ୱାମୀ: ସୌକତ ମହମ୍ମଦଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍ ନଂ.: ୨୨ ମିରକମଲପାଟଣା, ପୋ.: ମଙ୍ଗଳାବାଗ, ଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଖାତା ନଂ.: ୧୦୬୮/୪୭, ପ୍ଲଟ୍ ନଂ.: ୯୮୫, କ୍ଷେତ୍ର: ଏକର ୦.୦୫୧ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସମସୁଲ ଆଲମ୍‌ଙ୍କ ବାସସ୍ଥାନ, ଦକ୍ଷିଣ: ଇଦନ ବିବିଙ୍କ ବାସସ୍ଥାନ, ପୂର୍ବ: ମ୍ୟୁନିସିପାଲିଟି ରୋଡ, ପଶ୍ଚିମ: ମ୍ୟୁନିସିପାଲିଟି ରୋଡ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୧.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ଯୁକୋ ବ୍ୟାଙ୍କ



**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE: C/2, NAYAPALLI, BHUBANESWAR- 751012
CIN: U51211OR1980SGC000894
Tel.No.:0674-239539, Fax No.0674-2395291, website:www.oscsc.in
Tender No.3267/P-II/25/2025/PDS Dt.20.02.26

No.7001/12/2526:Managing Director, Odisha State Civil Supplies Corporation Ltd, invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of Transport Contractor for inter-district transportation of Custom Milled Rice (CMR) from source districts to receipient districts in the State of Odisha. |
| 2 | Availability of bid document in the portal | From 21.02.2026 |
| 3 | Last Date/Time for receipt of bids in the portal | Dt.04.03.2026 upto 5.00 P.M. |
| 4 | Date/Time of Opening of Technical Bid | Dt.05.03.2026 at 11.00 AM |
| 5 | Name and address of the Officer Inviting Tender | Managing Director, OSCSC Ltd, C/2, Nayapalli, Bhubaneswar. |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments/Corrigendum/Cancellation/ retenders etc. if any shall be published only in above websites.

By Order of Managing Director
Sd./- General Manager
(Distribution)
OIPR-7001/7002/1/25-26/0005



**ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ**
ପତ୍ର ସଂଖ୍ୟା ୧୩୮୦, ତା.୧୮.୦୨.୨୬
**ବିଜ୍ଞାପନ**

**No.6001/14/2526:** ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ଖାରାପାଣି ଚିଙ୍ଗୁଡି ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମ ୨୦୨୪ ଅନୁଯାୟୀ, ଖାରାପାଣି ଚିଙ୍ଗୁଡି ଚାଷ ନିମନ୍ତେ ଆବଶ୍ୟକୀୟ ପଞ୍ଜୀକରଣ ଏବଂ ପଞ୍ଜୀକରଣର ନବୀକରଣ, ସମୟ ମଧ୍ୟରେ କରାଯିବା ଆବଶ୍ୟକ । ବିନା ପଞ୍ଜୀକରଣରେ ଚିଙ୍ଗୁଡ଼ି ଚାଷ କରିବା ଅବୈଧ ଅଟେ ଏବଂ ନିୟମ ଉଲ୍ଲଂଘନ କରାଯାଇଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏହି ପ୍ରସଙ୍ଗରେ ଚିଙ୍ଗୁଡ଼ି ଚାଷ କରୁଥିବା ସମସ୍ତ ଚାଷୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ, ଯେଉଁ ଚାଷୀମାନେ ନିଜ ଫାର୍ମର ପଞ୍ଜୀକରଣ କରାଇନାହାନ୍ତି, ସେମାନେ ତୁରନ୍ତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଅନଲାଇନ NSWS ପୋର୍ଟାଲରେ ଆବେଦନ କରିବେ । ପୁନଶ୍ଚ ଯଦି ଚିଙ୍ଗୁଡ଼ି ଚାଷ କରୁଥିବା ଫାର୍ମ ପୂର୍ବରୁ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ଦ୍ୱାରା ପଞ୍ଜୀକୃତ ହୋଇ ଲାଇସେନ୍ସ ପ୍ରାପ୍ତ ହୋଇଥିବେ ଏବଂ ଏହାର ଅବଧି ସମାପ୍ତ ହୋଇଥାଏ ତେବେ ତୁରନ୍ତ ସମ୍ପୃକ୍ତ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ଏହାର ନବୀକରଣ ପାଇଁ ଉପରୋକ୍ତ ସମୟ ସୀମା ମଧ୍ୟରେ ଆବେଦନ କରନ୍ତୁ । ଏହା ଅନୁସରଣ ନକଲେ ସମ୍ପୃକ୍ତ ଚାଷ ଉପରେ ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମାନୁସାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ଏବଂ ଖିଲାପକାରୀଙ୍କ ବିରୁଦ୍ଧରେ ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମ ୨୦୨୩ ଧାରା ୧୪ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ବେଆଇନ ଚିଙ୍ଗୁଡ଼ି ଫାର୍ମକୁ ଉଚ୍ଛେଦ କରାଯିବ ।

ସ୍ୱା./-ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଜିଲ୍ଲାସ୍ତରୀୟ କର୍ତ୍ତୃପକ୍ଷ କମିଟି, ଭଦ୍ରକ
OIPR-6001/6059/1/25-26/0001



**ପୁନଃନିଲାମ ବିଜ୍ଞପ୍ତି**

No. 12001/20/2526: ପୋଲିସ୍ ଉପଆୟୁକ୍ତ, କଟକ ସିଦ୍ଧେଶ୍ୱରପୁର ଫାୟାରିଂ ରେଞ୍ଜ, ନରାଜଠାରେ ଥିବା କାଜୁ ବଗିଚା, ୨୦୨୬ ବର୍ଷରେ ପୁନଃନିଲାମ କରିବା ପାଇଁ ଇଚ୍ଛୁକ ନିଲାମଧାରୀଙ୍କଠାରୁ ସାଦା କାଗଜରେ ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ପୁନଃନିଲାମ ନୋଟିସ ଖବରକାଗଜରେ ବାହାରିବା ପରେ ନିଲାମଧାରୀଙ୍କ ଅବଗତି ନିମନ୍ତେ ଏହା କଟକ ଉପଆୟୁକ୍ତଙ୍କ ନୋଟିସ ବୋର୍ଡ଼ରେ ବିଜ୍ଞପ୍ତି ଦିଆଯିବ। ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଉକ୍ତ କାଜୁ ବଗିଚାକୁ ଯେ କୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟ ନିର୍ଘଣ୍ଟ ସମୟ ମଧ୍ୟରେ ପରିଦର୍ଶନ କରିପାରିବେ। ପୋଲିସ୍ ଉପଆୟୁକ୍ତ, ସହରାଞ୍ଚଳ ଜିଲ୍ଲା: କଟକଙ୍କୁ ସମ୍ବୋଧିତ ଜଉମୁଦ ଟେଣ୍ଡର ଲଫାପାକୁ ରିଜର୍ଭ ପୋଲିସ୍ ଲାଇନ୍, ବକ୍ସିବଜାର, କଟକରେ ଥିବା ଏକ ଜଉମୁଦ ବାକ୍ସରେ ପକାଇବେ। ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନଙ୍କୁ ୫,୦୦୦/- ଟଙ୍କା (ପାଞ୍ଚ ହଜାର)ର ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ଆଡ଼ିଶନାଲ୍ ଡି.ସି.ପି., ଡି.ଡ଼ି.ଓ-୧, ପୋଲିସ୍ କମିଶନରେଟ୍, ଭୁବନେଶ୍ୱର-କଟକଙ୍କ ସମକ୍ଷରେ ସଂଲଗ୍ନ କରିବେ, ଯାହା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଟ୍ରେଜରୀ ଶାଖା, ଭୁବନେଶ୍ୱରରେ ପୈଠ କରାଯାଇପାରିବ। ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଏହି ଟଙ୍କାର ପରିମାଣ ଅକ୍ଷରରେ ଏବଂ ସଂଖ୍ୟାରେ କାଜୁ ବଗିଚା ନିଲାମ ସକାଶେ ବୋଲି ଉଲ୍ଲେଖ କରିବେ। ନିଲାମ ଟଙ୍କାର ପରିମାଣ ସଂଖ୍ୟାରେ ଓ ଅକ୍ଷରରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ପ୍ରାର୍ଥୀଙ୍କ ନିଲାମ ଖାରଜ ହୋଇଯିବ। ଟେଣ୍ଡର କାଗଜ ଜଉମୁଦ ଟେଣ୍ଡର ଗୁଡ଼ିକ ଆସନ୍ତା ତା୦୭।୦୩।୨୦୨୬ରିଖ ଶନିବାର ଅପରାହ୍ନ ୫ଘଟିକା ସୁଦ୍ଧା ଗ୍ରହଣ କରାଯିବ ଏବଂ ଆସନ୍ତା ୦୯।୦୩।୨୦୨୬ରିଖ ସୋମବାର ଅପରାହ୍ନ ୧୨ ଘଟିକା ସମୟରେ କଟକ ରିଜର୍ଭ ଅଫିସ୍‌ରେ ଟେଣ୍ଡର ପକାଇଥିବା ବ୍ୟକ୍ତି କିମ୍ବା ତାଙ୍କର Agentମାନଙ୍କ ଉପସ୍ଥିତିରେ ଖୋଲାଯିବ। ସର୍ବାଧିକ ଟେଣ୍ଡର ମୂଲ୍ୟାଙ୍କନକାରୀଙ୍କୁ ସଙ୍ଗେ ସଙ୍ଗେ ୨୫ ପ୍ରତିଶତ ନଗଦ ଟଙ୍କା ଆକାରରେ ଦାଖଲ ଦେବାକୁ ପଡ଼ିବ ଏବଂ ବାକି ୭୫% ଟଙ୍କା ୭ (ସାତ)ଦିନ ମଧ୍ୟରେ ଦାଖଲ କରିବାକୁ ପଡ଼ିବ। ନଚେତ୍ ଅମାନତ ଟଙ୍କା କୌଣସି କାରଣ ନ ଦର୍ଶାଇ ବାଜ୍ୟାପ୍ତ କରାଯିବ ଏବଂ ତାଙ୍କର ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦାଖଲକାରୀଙ୍କୁ ଆମନ୍ତ୍ରଣ କରାଯିବ। ଏ ସଂକ୍ରାନ୍ତରେ ଆଦେଶ ପ୍ରଦାନ କରିବା ପରେ କାଜୁ ବଗିଚାକୁ ଟେଣ୍ଡର ପାଇଥିବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ। ଏଥି ନିମନ୍ତେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଅକୃତ କାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କ ଅମାନତ ଟଙ୍କା ଫେରସ୍ତ କରି ଦିଆଯିବ। ଆବଶ୍ୟକ ସ୍ଥଳେ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ନିଲାମ ଗ୍ରହଣ କିମ୍ବା ନାକଚ କରିପାରିବେ। ନିଲାମ ପ୍ରକ୍ରିୟା ସମାପ୍ତ ହେଲାପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ସ୍ୱା./- (ଋଷିକେଶ ଡାନଦେଓ୍ୱ ଖିଲାରୀ)
ଆରକ୍ଷୀ ଉପ ଆୟୁକ୍ତ, କଟକ
OIPR-12001/12144/1/25-26/0007



**OFFICE OF THE CHIEF DISTRICT MEDICAL OFFICER, CUTTACK**
**ZILLA SWASTHYA SAMITI, CUTTACK**

Advertisement No: 3685 /DPMU/NHM /2026 Dates: 19.02.2026

**Walk-In-Interview for Doctors**

**No.10001/76/2526** : Walk-in-Interview for the post of Medical Officer (01 no.) under NHM will be conducted on 26.02.2026 at 11 AM in the Office Chamber of the CDM & PHO, Cuttack on contractual basis. The candidates must have MBBS Degree with permanent Registration Number from Odisha Council of Medical Registration, Bhubaneswar and completed compulsory Internship. The upper age limit is within 70 years as on 01/02/2026. The interested candidates may appear before the selection committee with filled application format and desired documents.

The details application form can be downloaded from the district website cuttack.odisha.gov.in The authority reserves the right to reject or cancel the advertisement without assigning any reason thereof.

Sd./- CDM & PHO-cum-District Mission Director, Cuttack
OIPR-10001/10022/1/25-26/0001



**ST & SC Development, M&BCW Department**
**Government of Odisha**
**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ**

Bid Id. PA ITDA PLB_06 of 2025-26 No.349/Date.19.02.2026

**INVITATION FOR BIDS**

No.19001/41/2526: The Project Administrator ITDA, Phulbani on behalf of Govt. of Odisha invites Percentage Rate of Bids in Double Cover System to be received in online mode only for the construction of **Mission Shakti Bazar at Phulbani, Kandhamal.** The bidders have to participate in "online" bidding only. The website for online bidding is **www.tendersodisha.gov.in**. The details of bid documents will be available in above website from 10.00 AM of **21.02.2026** to **07.03.2026** by **5.00 P.M.** The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opend at **11.30 A.M. on 09.03.2026** in the office of the Project Administrator, ITDA, Phulbani. Further details can be seen from the Website www.tendersodisha.gov.in.

| | | |
|---|---|---|
| Period of availability of Tender | From | 10.00 AM of 21.02.2026 |
| | To | 05.00 PM of 07.03.2026 |
| Bid Opening date | from | 11.30 AM 09.03.2026 |

Sd./- Project Administrator, ITDA, Phulbani
OIPR-19001/19069/1/25-26/0004

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାମେଶ୍ୱର-କିଶୋର ଫାଇନାଲ

## ବିହାରୀଲାଲ କ୍ରିକେଟ

### ଭେଟେରାନ ଫାଇନାଲରେ ଜେପି ବ୍ଲାଷ୍ଟର୍ସ ବନାମ କିଶୋର କ୍ଲବ

ପୁରୁଣା ଭୁବନେଶ୍ୱର, ୨୧।୨ (ସୁବାସ ଚନ୍ଦ୍ର ପ୍ରଧାନ)

ପୋଖରୀପୁଟସ୍ଥିତ ବିହାରୀଲାଲ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ୨୭ତମ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ଶନିବାର ୨ ବର୍ଗରେ ମୋଟ ୪ଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ରାମେଶ୍ୱର ଏବଂ କିଶୋର କ୍ଲବ ସିନିୟର ବର୍ଗର ଫାଇନାଲରେ ପ୍ରବେଶ କରିଥିବାବେଳେ ଭେଟେରାନ ଫାଇନାଲରେ ପହଞ୍ଚିଛନ୍ତି ଜେପି ବ୍ଲାଷ୍ଟର୍ସ ପୁରୀ ଓ କିଶୋର କ୍ଲବ। ପ୍ରଥମ ସେମିରେ ରାମେଶ୍ୱର ସ୍ପୋର୍ଟିଂ ୨୪ ରନରେ ମହାବୀର କ୍ଲବକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ କିଶୋର କ୍ଲବ ୧୪ ରନରେ ମୁକ୍ତେଶ୍ୱର କ୍ଲବକୁ ପରାସ୍ତ କରିଛି। ସେହିପରି ଭେଟେରାନ ବର୍ଗର ପ୍ରଥମ ସେମିଫାଇନାଲରେ ଜେପି ବ୍ଲାଷ୍ଟର୍ସ ପୁରୀ ୪୪ ରନରେ ସହିଦ ସ୍ପୋର୍ଟିଂକୁ ଏବଂ ଦ୍ୱିତୀୟ ସେମିରେ କିଶୋର କ୍ଲବ ୭ ଉଇକେଟରେ ବିହାରୀଲାଲ ଦଳକୁ ହରାଇ ଦେଇଛି। ରବିବାର ଉଭୟ ବର୍ଗର ଫାଇନାଲ ଅନୁଷ୍ଠିତ ହେବ। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ସଭାପତି ଅକ୍ଷୟ କୁମାର ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଛନ୍ତି।


ବିହାରୀଲାଲ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଅତିଥିଙ୍କ ଗହଣରେ ଖେଳାଳିମାନେ।

# ୱିଣ୍ଟର ଅଲିମ୍ପିକ୍ସରେ ୬ ସ୍ୱର୍ଣ୍ଣ ଜିତିବାରେ କ୍ଲେବୋ ପ୍ରଥମ ଆଥ୍‌ଲେଟ




ଟେସେରୋ, ୨୧।୨ (ଏପି)

ନରୱେରେ ଜୋହାନେସ ହୋସ୍‌ଫ୍ଲୋଟ କ୍ଲେବୋ ଶନିବାର ତାଙ୍କ ୬ଷ୍ଠ ରେସ୍ ଜିତିବା ପରେ ଏକ ୱିଣ୍ଟର ଗେମ୍ସରେ ୬ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ବିଶ୍ୱର ପ୍ରଥମ ଆଥ୍‌ଲେଟ ହେବାର ଗୌରବ ଅର୍ଜନ କରିଛନ୍ତି। ଶନିବାର ପୁରୁଷ କ୍ରସ୍-କଣ୍ଟ୍ରି ସ୍କି ଇଭେଣ୍ଟଗୁଡ଼ିକରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୫୦ କି.ମି. ମାସ୍ ଷ୍ଟାର୍ଟ ରେସ୍‌ରେ ସେ ୫୦ ବର୍ଷର ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଏହି ରେକର୍ଡ ଆମେରିକାନ ସ୍ପିଡ୍ ସ୍କେଟର ଏରିକ୍ ହିଡେନ୍‌ଙ୍କ ନାମରେ ରହିଥିଲା। ୧୯୮୦ ଲେକ୍ ପ୍ଲାସିଡ୍ ଅଲିମ୍ପିକ୍ସରେ ସେ ୫ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେତେବେଳେ ହିଡେନ ଅବଶ୍ୟ ବ୍ୟକ୍ତିଗତ ଇଭେଣ୍ଟଗୁଡ଼ିକରେ ତାଙ୍କର ସ୍ୱର୍ଣ୍ଣ ପଦକଗୁଡ଼ିକ ହାସଲ କରିଥିଲେ। କ୍ଲେବୋ କିନ୍ତୁ ତାଙ୍କର ୬ସ୍ୱର୍ଣ୍ଣ ମଧ୍ୟରୁ ଦୁଇଟି ଟିମ୍ ଇଭେଣ୍ଟ ରହିଛି।

# ଇଷ୍ଟ ବେଙ୍ଗଲ ୪-୧ରେ ଦିଲ୍ଲୀକୁ ହରାଇଲା


## ଇଣ୍ଡିଆନ ସୁପର ଲିଗ୍

କୋଲକାତା, ୨୧।୨

କୋଲକାତାର କିଶୋର ଭାରତୀ କ୍ରୀଡ଼ାଙ୍ଗନରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ୍‌ରେ ଇଷ୍ଟ ବେଙ୍ଗଲ ୪-୧ ଗୋଲରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ପରାସ୍ତ କରିଛି। ଦିଲ୍ଲୀ ଦଳ ପକ୍ଷରୁ ଅଗଷ୍ଟିନ ଲାଲରୋଚାନା ୪ର୍ଥ ମିନିଟରେ ଏକ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ପରେ ଇଷ୍ଟ ବେଙ୍ଗଲ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳ ପକ୍ଷରୁ ଏଡ୍‌ମୁଣ୍ଡ ଲାଲରିଣ୍ଡିକା ୭ମ ମିନିଟରେ ଗୋଲଟି ପରିଶୋଧ କରି ଦେଇଥିଲେ। ପରେ ୟୁସୁଫ ଇଜେଜାରି ୧୨ଶ ଓ ୪୦ତମ ମିନିଟରେ ୨ଟି ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଇଷ୍ଟ ବେଙ୍ଗଲକୁ ୩-୧ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କଡ଼ା ଟକ୍କର ହୋଇଥିଲେ ମଧ ସ୍ପୋର୍ଟିଂ କ୍ଲବ ଗୋଲ ପରିଶୋଧ କରିପାରି ନ ଥିଲା। ମ୍ୟାଚ ଶେଷ ହେବାକୁ ଅଳ୍ପ କିଛି ସମୟ ପୂର୍ବରୁ ୯୦+୫ ଇଞ୍ଜୁରି ଟାଇମରେ ମିଗୁଏଲ ଫିଗୁଏରା ଗୋଟିଏ ଗୋଲ ଦେଇ ଇଷ୍ଟ ବେଙ୍ଗଲ ବିଜୟ ବ୍ୟବଧାନକୁ ୪-୧ରେ ପହଞ୍ଚାଇ ଦେଇଥିଲେ। ଇଷ୍ଟ ବେଙ୍ଗଲ ୨ ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ ପାଇଁ ଏହାଥିଲା ୨ ମ୍ୟାଚରୁ ୨ ପରାଜୟ। ଫଳରେ ଏହି ଦଳ ପଏଣ୍ଟ ଖାତା ଖୋଲିପାରିନାହିଁ।


## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଷ୍ଣୁପ୍ରିୟା ଚୌଧୁରୀ
ସ୍ୱାମୀ- ୰ବଟକୃଷ୍ଣ ଚୌଧୁରୀ
ଗ୍ରାମ- ଅଲଣା, ଜିଲ୍ଲା- କଟକ

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୭୬୬୯

## ହସ୍ପିଟାଲ ପ୍ରୋଜେକ୍ଟ ପାଇଁ ରସୁଲଗଡ଼ଠାରେ ଜମି/ବିଲ୍ଡିଂ ଆବଶ୍ୟକ

ଏକ ଖ୍ୟାତନାମା କର୍ପୋରେଟ୍ ଗ୍ରୁପ୍ ରସୁଲଗଡ଼ଠାରେ ପ୍ରାଇମ୍ ମେନ୍ ରୋଡ୍ ସ୍ଥାନରେ ହସ୍ପିଟାଲ ଭାବେ ବ୍ୟବହୃତ ହେବା ପାଇଁ 50,000 ବର୍ଗଫୁଟର ବହୁମହଲା ବିଲ୍ଡିଂ ଲିଜ୍ ଆକାରରେ ନେବା ପାଇଁ ଇଚ୍ଛୁକ। 20,000 ବର୍ଗଫୁଟ କିମ୍ବା ଅଧିକ ପରିମାଣର ଜମିର ସ୍ପଷ୍ଟ ମାଲିକାନାଧାରୀ ମାଲିକ, ଯେଉଁମାନେ ସମ୍ପତ୍ତି ଉପରେ ନିର୍ମାଣ କାର୍ଯ୍ୟ କରିବା ଓ ସମ୍ପତ୍ତିକୁ ଦୀର୍ଘ ମିଆଦ ପାଇଁ ଲିଜ୍ ଆକାରରେ ଦେବା ପାଇଁ ଇଚ୍ଛୁକ, ସେମାନେ ତୁରନ୍ତ ଯୋଗାଯୋଗ କରନ୍ତୁ।

6261810767, 9039020183

## ହସ୍ପିଟାଲ ପ୍ରୋଜେକ୍ଟ ପାଇଁ କଟକଠାରେ ଜମି/ବିଲ୍ଡିଂ ଆବଶ୍ୟକ

ଏକ ଖ୍ୟାତନାମା କର୍ପୋରେଟ୍ ଗ୍ରୁପ୍ କଟକରେ ପ୍ରାଇମ୍ ମେନ୍ ରୋଡ୍ ସ୍ଥାନରେ ହସ୍ପିଟାଲ ଭାବେ ବ୍ୟବହୃତ ହେବା ପାଇଁ 1,00,000 ବର୍ଗଫୁଟର ବହୁମହଲା ବିଲ୍ଡିଂ ଲିଜ୍ ଆକାରରେ ନେବା ପାଇଁ ଇଚ୍ଛୁକ। 1 ଏକର କିମ୍ବା ଅଧିକ ପରିମାଣର ଜମିର ସ୍ପଷ୍ଟ ମାଲିକାନାଧାରୀ ମାଲିକ, ଯେଉଁମାନେ ସମ୍ପତ୍ତି ଉପରେ ନିର୍ମାଣ କାର୍ଯ୍ୟ କରିବା ଓ ସମ୍ପତ୍ତିକୁ ଦୀର୍ଘ ମିଆଦ ପାଇଁ ଲିଜ୍ ଆକାରରେ ଦେବା ପାଇଁ ଇଚ୍ଛୁକ, ସେମାନେ ତୁରନ୍ତ ଯୋଗାଯୋଗ କରନ୍ତୁ।

6261810767, 9039020183


# ନେପାଳକୁ ହରାଇଲା ଶ୍ରୀଲଙ୍କା

## ଏସିଆ କପ୍ ବଧିର କ୍ରିକେଟ

କଟକ,୨୧।୨(କୁମାରଶ୍ରୀ)

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏସିଆ କପ୍ ବଧିର କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀଲଙ୍କା ୬ ଉଇକେଟରେ ନେପାଳକୁ ପରାସ୍ତ କରିଛି। ଶ୍ରୀଲଙ୍କାର ଏହା ପ୍ରଥମ ବିଜୟ ହୋଇଥିବା ବେଳେ ନେପାଳର କ୍ରମାଗତ ଦ୍ୱିତୀୟ ପରାଜୟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ୬୧ରନରେ ଅଲଆଉଟ ହୋଇଥିଲା। ଶ୍ରୀଲଙ୍କାର ଲଶିଦୁ ଡି' ସିଲଭା ୪ ଓଭର ସ୍ପେଲରେ ୯ ରନ ବ୍ୟୟ କରି ୪ଟି ଉଇକେଟ ହାସଲ କରିଥିଲେ। ଶ୍ରୀଲଙ୍କା ୧୦.୩ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଆଲାନରୋଜ୍ କାଲେପ୍ ସର୍ବାଧିକ ୧୯ରନ କରିଥିଲେ। ନେପାଳର ଅଭିଷେକ ମିଶ୍ର ଏବଂ ଅଂଶୁ ଯାଦବଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଲଶିଦୁଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ନ୍ୟୁରୋସର୍ଜନ ଡାକ୍ତର ସାମି ସଲିମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଫୁଟବଲ ଖେଳାଳି ମୋକିମ୍ ଖାଁ, ଆଇଡିସିଏ ସଭାପତି ସୁମିତ ଜୈନ, ଓଡିସିଏ ସମ୍ପାଦକ ସାଗରକାନ୍ତ ସେନାପତି ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ରବିବାର ୪ର୍ଥ ଲିଗ୍ ମ୍ୟାଚ୍‌ରେ ଏହି ଦୁଇଦଳ ପୁନର୍ବାର ମୁହାଁମୁହିଁ ହେବେ।

# ବକ୍ସିଂକୁ ୯ ବର୍ଷ ପରେ ଫେରିବେ ମେୱେଦର

ଲସ୍‌ଏଞ୍ଜେଲ୍ସ, ୨୧।୨ (ଏପି)

ଫ୍ଲଏଡ୍ ମେୱେଦର ଅବସର ନେବାର ୯ ବର୍ଷ ପରେ ଏହି ଗ୍ରୀଷ୍ମଋତୁରେ ପ୍ରତିଯୋଗିତାମୂଳକ ବକ୍ସିଂକୁ ଫେରିବେ। ମେୱେଦର ଗୁରୁବାର ୪୯ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ୨୦୧୭ ପରଠାରୁ ସେ ବକ୍ସିଂରେ ଭାଗ ନେଇ ନାହାନ୍ତି। ସେତେବେଳେ ସେ କୋନର ମ୍ୟାକ୍‌ଗ୍ରେଗୋରଙ୍କୁ ହରାଇ ଦେଇଥିଲେ। ମେୱେଦର ଖୁବ୍ ନିକଟରେ ୫୯ ବର୍ଷୀୟ ମାଇକ୍ ଟାଇସନଙ୍କ ବିପକ୍ଷରେ ଆଉ ଏକ ପ୍ରଦର୍ଶନୀ ବାଉଟ୍‌ରେ ଭାଗ ନେବେ।

# ଜାତୀୟ ୟୁଥ୍ ଭଲିବଲ ଲାଗି ଚୟନ ଟ୍ରାଏଲ୍


ଜାତୀୟ ୟୁଥ୍ ଭଲିବଲ ଲାଗି ଶନିବାର ଅନୁଷ୍ଠିତ ଚୟନ ଟ୍ରାଏଲ୍‌ରେ ଭାଗ ନେଇଥିବା ଖେଳାଳି ଓ ଅନ୍ୟମାନେ।

ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୨୬ତମ ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍ ମାର୍ଚ୍ଚ ୧୫ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ପକ୍ଷରୁ ବାଳିକା ଓ ବାଳକ ଦଳର ଚୟନ ଟ୍ରାଏଲ୍ ଶନିବାର କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଆଗ୍ରହ ରଖିଥିବା ବିଭିନ୍ନ ଜିଲାର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏହି ଟ୍ରାଏଲରେ ଅଂଶଗ୍ରହଣ କରିଥିଲେ। ଦିନସାରା ଦକ୍ଷତା ଓ ପ୍ରଦର୍ଶନର ମୂଲ୍ୟାଙ୍କନ ପରେ କୋଚିଂ କ୍ୟାମ୍ପ ଲାଗି ୨୦ ବାଳିକା ଓ ୨୦ ବାଳକ ଖେଳାଳିଙ୍କୁ ଶର୍ଟଲିଷ୍ଟ କରାଯାଇଛି। ଏଥିରୁ ୧୪ ଜଣ ଲେଖାଏ ବାଳିକା ଓ ବାଳକ ମନୋନୀତ ହୋଇ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏଫ୍ଆଇଭିବି ଲେଭଲ-୧ ଅନ୍ତର୍ଜାତୀୟ କୋଚ୍ ସୁଧାଂଶୁ ଭୂଷଣ ମିଶ୍ର, ଏଫ୍ଆଇଭିବି ଲେଭଲ-୨ ଅନ୍ତର୍ଜାତୀୟ କୋଚ୍ ଲୋତକ ବିନ୍ଦୁ ଦାଶ ଓ ରମେଶ ଚନ୍ଦ୍ର ବେହେରା, ଅନ୍ତର୍ଜାତୀୟ ରେଫରି ସୁଦର୍ଶନ ପଟ୍ଟନାୟକ, ପୂର୍ବତନ ଜାତୀୟ ଖେଳାଳି ସନ୍ତୋଷ କୁମାର ଦାସଙ୍କ ପରି ପ୍ରତିଷ୍ଠିତ ଭଲିବଲ ଅଫିସିଆଲ ଓ କୋଚ୍ ଏହି ଟ୍ରାଏଲକୁ ପରିଚାଳନା କରିଥିଲେ। ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ)ର ମୁଖ୍ୟ ପୃଷ୍ଠପୋଷକ ତଥା ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ଶର୍ଟଲିଷ୍ଟ ହୋଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


# Classified Everyday

0674-2580101, 9692975378




## BRIDE WANTED

51ବର୍ଷ, State Govt. Job, ଦରମା- 66,000/- ମହିଳାଙ୍କୁ, ବିଧବା, ଛାଡପତ୍ର, ଅବିବାହିତ ଘରଜ୍ୱାଇଁ, Retired, Business man, ସନ୍ତାନ ଥିବା ବର ଆବଶ୍ୟକ। 9893110656. D-3415

Required skin doctor for marriage. Contact: Kamala Das, 7978120820, BBSR. D-3443

## GROOM WANTED

37ବୟସ୍କା Widow ଅନାଥ କରଣ Govt. Nurseଙ୍କ ପାଇଁ ବରପାତ୍ର ଦରକାର। 7873141286. D-3442

Beautiful Khandayat girl 1993', 5'4'', B-Tech, serving software Engineer TCS Bangalore. ''SUNASANSAR'' 9937512659. D-3449

Beautiful Teli girl 1996', 5'5'', MBA complete, settled Bhubaneswar. ''SUNASANSAR'' 9937512659. D-3450





## REAL ESTATE

## SALE


**2 BHK, 1261 Sqft New Flat with elegant interiors for sale at Cantonment Road, Cuttack. Price- 1.35 Cr Mob- 9778194441.** D-3370

Ready to sale 2BHK flats, 1200 & 1000sqft. at Tankapani Sai Mandira, near Krupajala Engineering College, opposite Hyundai Showroom, BBSR. Contact: 7978908980. D-3441




2BHKand3BHKavailable at Gangotrinagar, near Samantarapur, 6370641665. D-3436

2BHK New flat, Sriram Residency, Uttara Chhak, Bhubaneswar. Contact: 9861074590. D-3440




All types of physiotherapy and massage contact 9556924059 / 7656969134. D-3416

## AFFIDAVIT

By virtue of an affidavit sworn before Executive Magistrate, Keonjhar, affidavit No.- 08, dated- 23.12.2025, I, Anjan Kumar Pradhan, S/o.- Guru Charan Pradhan, Address: At- Kolipashi, P.O.- Dhangadadiha, P.S.- Ghatagaon, Dist.- Keonjhar, Odisha, PIN- 758027 declare that I have changed my name from Anjan Kumar Munda to Anjan Kumar Pradhan. Henceforth, I shall be known as Anjan Kumar Pradhan for all purposes.
Anjan Kumar Pradhan
D-3445

By virtue of an affidavit sworn before Executive Magistrate, Keonjhar, affidavit No.- 553, dated- 17.12.2025, I, Nirupama Pradhan, D/o.- Guru Charan Pradhan, Address: At- Kolipashi, P.O.- Dhangadadiha, P.S.- Ghatagaon, Dist.- Keonjhar, Odisha, PIN- 758027 declare that I have changed my name from Nirupama Munda to Nirupama Pradhan. Henceforth, I shall be known as Nirupama Pradhan for all purposes.
Nirupama Pradhan
D-3446

By virtue of an affidavit sworn before Executive Magistrate, Keonjhar, affidavit No.- 551, dated- 17.12.2025, I, Guru Charan Pradhan, S/o.- Pitambara Pradhan, Address: At- Kolipashi, P.O.- Dhangadadiha, P.S.- Ghatagaon, Dist.- Keonjhar, Odisha, PIN- 758027 declare that I have changed my name from Guru Charan Munda to Guru Charan Pradhan. Henceforth, I shall be known as Guru Charan Pradhan for all purposes.
Guru Charan Pradhan
D-3447

By virtue of an affidavit sworn before Executive Magistrate, Keonjhar, affidavit No.- 552, dated- 17.12.2025, I, Shreemati Pradhan, W/o.- Guru Charan Pradhan, Address: At- Kolipashi, P.O.- Dhangadadiha, P.S.- Ghatagaon, Dist.- Keonjhar, Odisha, PIN- 758027 declare that I have changed my name from Shreemati Munda to Shreemati Pradhan. Henceforth, I shall be known as Shreemati Pradhan for all purposes.
Shreemati Pradhan
D-3448

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IN THE COURT OF THE DISTRICT JUDGE CUM M.A.C.T., BOUDH
MAC No. 04/2022
Bikrama Hati & anothers .....Petitioners
Vrs.
The Divisional Manager, Oriental Insurance Co. Ltd. & others .....O.Ps.

NOTICE

To-
Bharat Kumar Satpathy, aged about 41 years, S/o.- Muralidhar Satpathy, R/o.- Majhipada (Sonepur), P.O/P.S.- Sonepur, Dist.- Subarnapur. .........(Opp. No. 3)

Take Notice through this publication that on 29.03.2021 at about 5.00 P.M. while you were driving the vehicle bearing Regd. No. OD-02-M-6354 (Car) caused an accident at Kunja Chhack, Sonepur as a result of which one Kunmun Hati son of Bikram Hati died in that accident.

So you are hereby directed to appear before this Tribunal in person or through a Pleader on the day of 16.03.2026 at 10:30 A.M. to file show cause in this case falling which the claim application will be heard and determined Ex-parte.

Sd./- Dist. Judge-Cum-M.A.C.T. Boudh
D-3444

ଅତିରିକ୍ତ ଦୌରା ଜଜ୍‌ଙ୍କ ଅଦାଲତ, କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
RF.A. Case No. 16/2025
ଗୋଦାବରୀ ଭୋଇ ଓ ଅନ୍ୟମାନେ .......ବାଦୀ
ବନାମ
ଯଦୁମଣି ସାହୁ ଓ ଅନ୍ୟମାନେ .......ପ୍ରତିବାଦୀ

ପ୍ରାପ୍ତେଷୁ
ପ୍ରତିବାଦୀ ନଂ. ୫ (ସି)- ଅନୁସୟା ଧାନଗୁଣ୍ଡ, ବୟସ- ୩୫ ବର୍ଷ, ସ୍ୱାମୀ- ବରୁଣ ଧାନଗୁଣ୍ଡ, ନିବାସୀ- ସାଗୁନପାଲି, ପୋ.ଅ.- ତାଲବ, ଥାନା- ଶାସନ, ଜିଲ୍ଲା- ସମ୍ବଲପୁର, ଓଡ଼ିଶା।

ଯେହେତୁ ବାଦୀ ତୁମମାନଙ୍କ ନାମରେ ଅପିଲ କେଶ ହୋଇଥିବା ମୋକଦ୍ଦମାରେ ତୁମ୍ଭେ ହାଜର ହେଉ ନାହଁ। ଅତଏବ ଉକ୍ତ ମୋକଦ୍ଦମାରେ ଆସନ୍ତା ତା.୦୬।୦୩।୨୦୨୬ରିଖ ସକାଳ ୧୦.୩୦ମିନିଟରେ ଆପଣ ନିଜେ ବା ଆପଣଙ୍କର କୌଣସି ଓକିଲଙ୍କ ଦ୍ୱାରା ହାଜର ହୋଇ ଉକ୍ତ କେଶର ଉତ୍ତର ଦେବା ପାଇଁ ଆପଣଙ୍କୁ ଏହି ସମନ ଦିଆଯାଉଅଛି। ଆପଣ ଉପରୋକ୍ତ ଦିବସରେ ହାଜର ନ ହେଲେ, ଆପଣଙ୍କର ଅନୁପସ୍ଥିତିରେ ଉପରଲିଖିତ ମୋକଦ୍ଦମାର ଏକତରଫା ମିମାଂସା ହେବ।

ସ୍ୱା./- ଅତିରିକ୍ତ ଦୌର, ଜଜ୍ କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
ଧ-୩୪୩୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଭର୍ଚୁଆଲ୍ ରିଆଲିଟି

ଭର୍ଚୁଆଲ୍ ରିଆଲିଟି ଟେକ୍ନୋଲୋଜିର ଏକ ଏପରି ବରଦାନ, ଯାହାକି ଅବାସ୍ତବ ହେଲେ ବି ମଣିଷମନରେ ବାସ୍ତବର ଭ୍ରମ ସୃଷ୍ଟି କରି ଏକ ଭିନ୍ନ ଧରଣର ରୋମାଞ୍ଚକର ଅନୁଭବ ଦେଇଥାଏ। ଯେଉଁଥିପାଇଁ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର କରାଯିବା ସହ ଯୁବପିଢ଼ିଙ୍କ ପାଇଁ କ୍ୟାରିୟର ଅପ୍ସନ ମଧ୍ୟ ବୃଦ୍ଧିପାଉଛି...



ଟେକ୍ନୋଲୋଜିରେ ଦିନକୁଦିନ ପରିବର୍ତ୍ତନ ଘଟୁଛି, ଯେଉଁଥିରେ ଭର୍ଚୁଆଲ୍ ରିଆଲିଟି(ଭିଆର୍)ର ବ୍ୟବହାର ବଢୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଯୁବପିଢ଼ି ଭିଡିଓ ଗେମିଂ କ୍ଷେତ୍ରରେ ଏହାର ସବୁଠୁ ଅଧିକ ବ୍ୟବହାର କରୁଛନ୍ତି। କେବଳ ଏତିକି ନୁହେଁ, ଏବେ ଏହି ଟେକ୍ନୋଲୋଜିକୁ ବ୍ୟବହାର କରି ରୋଚକ ଢଙ୍ଗରେ ଅନ୍‌ଲାଇନ୍ କ୍ଲାସ୍ ନେବା ସହ ଜବ୍ ପାଇଁ ଟ୍ରେନିଂ ଦେବା କାର୍ଯ୍ୟ ମଧ୍ୟ କରାଯାଉଛି। ଇଣ୍ଡଷ୍ଟ୍ରି ରିପୋର୍ଟ ମୁତାବକ, ଗତ କିଛିବର୍ଷ ହେବ ଆମ ଦେଶରେ ଭିଆର୍ ମାର୍କେଟ୍ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଗକୁ ଆହୁରି ବିଭିନ୍ନ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯିବାକୁ ଯୋଜନା କରାଯାଉଛି, ଯେଉଁଥିପାଇଁ ଆଗାମୀ ଦିନରେ ଯୁବପିଢ଼ିଙ୍କ ପାଇଁ ଭିଆର୍ ଆପ୍ଲିକେଶନ୍ ଆଧାରିତ ଜବ୍ ସମ୍ଭାବନା ମଧ୍ୟ ବୃଦ୍ଧି ପାଇବ।

**କେଉଁ କ୍ଷେତ୍ରରେ ହେଉଛି ବ୍ୟବହାର:**
ଦିନକୁଦିନ ଭର୍ଚୁଆଲ୍ ରିଆଲିଟିର ଉପଯୋଗ ବଢ଼ିବାରେ ଲାଗିଛି। କାରଣ ଅବାସ୍ତବ ହେଲେ ବି ଏହା ଏକ ଏଭଳି ବାସ୍ତବ ଓ ପ୍ରକୃତ ପରିବେଶର ଭ୍ରମ ସୃଷ୍ଟି କରେ, ଯାହାକି ମଣିଷକୁ ଏକ ଭିନ୍ନ ଧରଣର ରୋମାଞ୍ଚକର ଅନୁଭବ ଦେଇଥାଏ। ଯେଉଁଥିରେ ଏହା ମଣିଷକୁ ଏଭଳି ଏକ ଦୁନିଆରେ ପହଞ୍ଚାଇ ଦେଇଥାଏ, ଯାହାକୁ ନା କେବଳ ନିଜ ଇଚ୍ଛା ଅନୁସାରେ କଣ୍ଟ୍ରୋଲ୍ କରାଯାଇପାରେ, ବରଂ ଏହାର ଆଖପାଖର ବାତାବରଣ ସହିତ ଇଣ୍ଟରଆକ୍ଟ ମଧ୍ୟ କରାଯାଇପାରେ।

➔ଯେଉଁଥିପାଇଁ ଗେମିଂ ଏବଂ ଏଣ୍ଟରଟେନ୍‌ମେଣ୍ଟ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର କରାଯାଉଛି। ଯଦ୍ୱାରା ୟୁଜରଙ୍କୁ ଗୋଟିଏ ସ୍ଥାନରେ ବସି ଫିଲ୍ଡରେ ଖେଳିବା, ରାସ୍ତାରେ ବାଇକ୍ କିମ୍ବା କାର୍ ରେସିଂ କରିବା ଭଳି ପ୍ରକୃତରେ ଖେଳିବା ଭଳି ଅନୁଭବ ମିଳିପାରୁଛି। ସେହିପରି ମ୍ୟୁଜିକ୍ ଓ ଡାନ୍ସ ଲଭରଙ୍କୁ ଘରେ ବସି ଭିଆର୍ ଦ୍ୱାରା ହଲ୍‌ରେ ବସି ଫିଲ୍ମ ଦେଖିବା, ଲାଇଭ୍ ମ୍ୟୁଜିକ୍ କନ୍‌ସର୍ଟ ଆଟେଣ୍ଡ କରିବାର ମଜା ମିଳିପାରୁଛି। କେବଳ ଏତିକି ନୁହେଁ ଆକ୍ଟିଭ୍ ଲାଇଫଷ୍ଟାଇଲ୍ ପାଇଁ ବର୍ତ୍ତମାନ ଭିଆର୍ ଏକ୍ସରସାଇଜ୍ ଗେମ୍ ବି ଖୁବ୍ ଡିମାଣ୍ଡରେ ରହୁଛି।

➔ସେହିପରି ଶିକ୍ଷା କ୍ଷେତ୍ରରେ ଏହାକୁ ବ୍ୟବହାର କରାଯିବା ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ପାଇଁ ଭର୍ଚୁଆଲ୍ ଶିକ୍ଷା ବି ଅଧିକ ଇଣ୍ଟରଆକ୍ଟିଭ୍ ଏବଂ ଇଣ୍ଟରେଷ୍ଟିଙ୍ଗ୍ ହୋଇପାରୁଛି। ଉଦାହରଣ ସ୍ୱରୁପ ଭିଆର୍ ଦ୍ୱାରା ପ୍ରସ୍ତୁତ 'ଦି ମ୍ୟାଜିକ୍ ସ୍କୁଲ୍ ବସ୍'କୁ ନିଆଯାଇପାରେ। ଯେଉଁଥିରେ ଛାତ୍ରୀଛାତ୍ରମାନେ ଘରେ ବସି ବିଭିନ୍ନ ସ୍ଥାନକୁ ଫିଲ୍ଡ ଟ୍ରିପ୍‌ରେ ଯିବା, ଚନ୍ଦ୍ରପୃଷ୍ଠରେ ଠିଆ ହେବା, ଇଣ୍ଟରନାଶନାଲ୍ ସ୍ପେଶ୍ ସେଣ୍ଟର ଭିତରେ ଠିଆ ହେବା ଭଳି ଅନୁଭବ କରିପାରିବେ।

➔ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଭର୍ଚୁଆଲ୍ ରିଆଲିଟିକୁ ବ୍ୟବହାର କରାଯାଉଛି। ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ଥେରାପି ପାଇଁ ଭିଆର୍ ବେଶ୍ ଉପଯୋଗୀ ହୋଇପାରୁଛି।

**ବୃଦ୍ଧି ପାଉଛି ନିଯୁକ୍ତି ସୁଯୋଗ:**
ଗେମ୍, ସ୍ୱାସ୍ଥ୍ୟସେବା, ଶିକ୍ଷା, ମନୋରଞ୍ଜନଠୁ ଆରମ୍ଭ କରି ଆହୁରି ଅନେକ କ୍ଷେତ୍ରରେ ଭର୍ଚୁଆଲ୍ ରିଆଲିଟି ଟେକ୍ନିକ୍‌ର ବ୍ୟବହାର ବୃଦ୍ଧି ପାଇଛି। ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ଅଧିକରୁ ଅଧିକ ଜବ୍ ଅପ୍ସନ ମିଳିପାରୁଛି। ଆଗ୍ରହୀ ଯୁବପିଢ଼ି ଏହାକୁ ଶିଖି ଗେମ୍ ଡେଭେଲପର୍, ଭିଆର୍ କଣ୍ଟେଣ୍ଟ କ୍ରିଏଟର୍, ଭିଆର୍ ଇଞ୍ଜିନିୟର, ଭିଆର୍ ଥେରାପିଷ୍ଟ ଭାବେ କାର୍ଯ୍ୟ କରିପାରିବେ।

➔ଭିଆର୍ ସ୍କିଲ୍ ଥିବା ପ୍ରଫେଶନାଲ୍‌ଙ୍କ ପାଇଁ ବର୍ତ୍ତମାନ ଆପ୍ଲିକେଶନ୍ ଏବଂ ଗେମ୍ ଡେଭେଲପ୍‌ମେଣ୍ଟ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ମିଳୁଛି।

➔ଥ୍ରୀଡି ମଡେଲିଂ, ଆନିମେଶନ୍ ଭଳି କାର୍ଯ୍ୟ ପାଇଁ ଆଜିର ଦିନରେ ଏହାର ବହୁଳ ବ୍ୟବହାର କରାଯାଉଛି। ଏହାଦ୍ୱାରା ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ୱେବ୍‌ସାଇଟ୍ ଏବଂ ଆପ୍ସ ବ୍ୟବହାରକୁ ଅଧିକ ସହଜ ଓ ଇଣ୍ଟରଆକ୍ଟିଭ୍ କରିବା ଲାଗି ଏହାର ୟୁଜର୍ ଏକ୍ସପେରିଏନ୍ସ ଏବଂ ୟୁଜର ଇଣ୍ଟରଫେସ୍‌କୁ ଭିଆର୍ ମାଧ୍ୟମରେ ଥ୍ରୀଡି ଡିଜାଇନ୍ ପ୍ରସ୍ତୁତ କରାଯାଉଛି। ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କୁ ଭିଆର୍ ଡେଭେଲପର୍, ଭିଆର୍ କଣ୍ଟେଣ୍ଟ କ୍ରିଏଟର୍, ଥ୍ରୀଡି ଆର୍ଟିଷ୍ଟ, ୟୁଏକ୍ସ/ୟୁଆଇ ଡିଜାଇନର ଭାବେ ଅନେକ ଜବ୍ ଅପ୍ସନ ମିଳୁଛି।





➔ଗେମ୍ ଡେଭେଲପ୍‌ମେଣ୍ଟ କମ୍ପାନୀ, ସଫ୍ଟୱେର୍ ଡେଭେଲପ୍‌ମେଣ୍ଟ ଫାର୍ମ୍ସ, ଶିକ୍ଷା ସଂସ୍ଥା, ହେଲ୍‌ଥ କେୟାର୍ ଫାର୍ମ, ମନୋରଞ୍ଜନ ଉଦ୍ୟୋଗଗୁଡ଼ିକରେ ବର୍ତ୍ତମାନ ଭିଆର୍ ପ୍ରଫେଶନାଲ୍‌ଙ୍କୁ ଅଧିକ ହାୟର କରୁଥିବା ଦେଖିବାକୁ ମିଳୁଛି।

**କିପରି ବଢ଼ାଇବେ ଦକ୍ଷତା:**
ଭିଆର୍ ବର୍ତ୍ତମାନ ଏକ ଭଲ କ୍ୟାରିୟର ଅପ୍ସନ ପାଲଟିଛି। ତେଣୁ ଭିଆର୍ କ୍ଷେତ୍ରରେ ରୁଚି ରଖୁଥିବା ଯୁବପିଢ଼ି ଏନେଇ ପ୍ରଫେଶନାଲ୍ କୋର୍ସ କରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇପାରିବେ। ଯେଉଁମାନଙ୍କ ପାଖରେ ଟେକ୍ନିକାଲ୍ ନଲେଜ୍ ସହିତ କିଛି ନୂଆ ଏବଂ ୟୁନିକ୍ କରିବାର କ୍ରିଏଟିଭିଟି ରହିଛି, ସେମାନେ ଭିଆର୍ ସମ୍ବନ୍ଧିତ କୋର୍ସ, ଟ୍ରେନିଂ ପ୍ରୋଗ୍ରାମ୍ ମାଧ୍ୟମରେ ଦକ୍ଷତା ହାସଲ କରିପାରିବେ। ଯଦିଓ ଏହି ଫିଲ୍ଡରେ କ୍ୟାରିୟର ଗଢ଼ିବା ଲାଗି କୌଣସି ଖାସ୍ ଡିଗ୍ରୀର ଆବଶ୍ୟକତା ନାହିଁ, ତେଣୁ ଯେକୌଣସି ଫିଲ୍ଡରେ ଗ୍ରାଜୁଏଶନ୍ କରିବା ପରେ ଏଥିପାଇଁ ପ୍ରଫେଶନାଲ୍ କୋର୍ସ କରିପାରିବେ। କମ୍ପ୍ୟୁଟର ସାଇନ୍ସ, ଗେମ୍ ଡେଭେଲପ୍‌ମେଣ୍ଟ, ଗ୍ରାଫିକ୍ସ ଡିଜାଇନ୍ ଭଳି ବିଭିନ୍ନ କୋର୍ସ ମଧ୍ୟ କରିପାରିବେ। ଏହାବ୍ୟତୀତ ଏଥିପାଇଁ ସି++, ସି, ପାଇଥନ୍ ଭଳି କତେକ ପ୍ରୋଗ୍ରାମିଂ ଲାଙ୍ଗୁଏଜ୍ ସହିତ ବ୍ଲେଣ୍ଡର, ୟୁନିଟି, ଅନ୍‌ରିଅଲ୍ ଇଞ୍ଜିନ୍ ଭଳି ଥ୍ରୀଡି ମଡେଲିଂ ସଫ୍ଟୱେରରେ କାମ କରିବାର ଦକ୍ଷତା ଆବଶ୍ୟକ। ଅନ୍‌ଲାଇନ୍‌ରେ ମଧ୍ୟ ଭିଆର୍ ଶିଖିବା ପାଇଁ କୋର୍ସେରା, ଟେକ୍ନିକାଲ୍ ଗୁପ୍‌ତଗୁ, ଉଡ଼ାସିଟି, ଇଡିଏକ୍ସ ଭଳି ପ୍ଲାଟ୍‌ଫର୍ମ ଉପଲବ୍ଧ। ଶିଖିବା ପରେ ବିଭିନ୍ନ ଫାର୍ମରେ ଇଣ୍ଟର୍ନଶିପ୍ କରି ପ୍ରଥମେ ଦକ୍ଷତା ବୃଦ୍ଧି କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଏ ଦିଗରେ ଦକ୍ଷତା ଥିଲେ ଅଧିକ ଦରମାଯୁକ୍ତ ଜବ୍ ପାଇପାରିବେ।





## ଏ ସପ୍ତାହର ପ୍ରଶ୍ନ ?

୧– ହକ୍କି ପିକ୍କି ଜନଜାତି ମୁଖ୍ୟତଃ ........... ରାଜ୍ୟରେ ଦେଖିବାକୁ ମିଳନ୍ତି ?
୨– ଏସିଆନ୍ ରାଇଫଲ୍ ଏବଂ ପିସ୍ତଲ ଚାମ୍ପିୟନ୍‌ଶିପ୍ ୨୦୨୭ ....... ଦେଶରେ ଆୟୋଜିତ ହେବ ?
୩– ସର୍ବାଧିକ ଉଲ୍ ଉତ୍ପାଦନ କରୁଥିବା ଭାରତୀୟ ରାଜ୍ୟ ........... ?
୪– ନଳସରୋବର ପକ୍ଷୀ ଅଭୟାରଣ୍ୟ ........... ରାଜ୍ୟରେ ଅବସ୍ଥିତ ?
୫– ୱାର୍ଲ୍ଡ ୟୁନାନି ଡେ' ............. ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ କର୍ନାଟକ
୨ ମୁମ୍ବାଇ
୩ ସି–ମାର୍ଟ
୪ ଫେବୃଆରୀ ୨
୫ ଗୁଆଟେମାଲା

## ଉତ୍ତରଦାତା



ଶେଖ୍ ୟାକୁବ୍
ଗୋପ



ଅନ୍ନଦା ପ୍ରସାଦ
ପଟ୍ଟନାୟକ, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ–ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

### ହାଇସ୍ପିଡ୍ ବାଇକ୍–୨୦୨୬

୧. କାୱାସାକି ନିନ୍‌ଜା ଏଚ୍୨ଆର୍(H2R) ........................ ୪୦୦କିମି/ଘଣ୍ଟା
୨. ଡଜ୍ ଟୋମାହକ୍ ........................................ ୬୭୬ କିମି/ଘଣ୍ଟା
୩. ଡୁକାଟି ସୁପରଲେଗେରା ଭି୪.................................. ୨୯୯କିମି/ଘଣ୍ଟା
୪. ୨୦୦୦ଏମ୍‌ଟିଟି ୱାଇ୨କେ ସୁପରବାଇକ୍ ................... ୩୬୫କିମି/ଘଣ୍ଟା
୫. କାୱାସାକି ନିନ୍‌ଜା ଏଚ୍୨........................................ ୪୦୦କିମି/ଘଣ୍ଟା
୬. ୨୦୨୧ ସୁଜୁକି ହାୟାବୁସା ଜିଏସ୍‌ଏକ୍ସ୧୩୦୦ଆର୍.......... ୩୧୨କିମି/ଘଣ୍ଟା
୭. ଡୁକାଟି ପାନିଗେଲ୍ ଭି୪ ଆର୍ ................................ ୨୯୯କିମି/ଘଣ୍ଟା
୮. ଲାଇଟ୍‌ନିଂ ଏଲ୍‌ଏସ୍–୨୧୮.................................. ୩୫୧କିମି/ଘଣ୍ଟା
୯. ବିଏମ୍‌ଡବ୍ଲ୍ୟୁ ଏମ୍ ୧୦୦୦ ଆର୍‌ଆର୍ ........................ ୩୧୦କିମି/ଘଣ୍ଟା
୧୦. ଆପ୍ରିଲିଆ ଆର୍‌ଏସ୍‌ଭି୪ ଫ୍ୟାକ୍ଟୋରି........................ ୩୧୦କିମି/ଘଣ୍ଟା

## ୟୁଥ୍ ଆଲର୍ଟ

# ଗୋଡ଼ କ୍ରାମ୍ପ ହେଉଥିଲେ

ଶୋଇବା ବେଳେ କେବେକେବେ ହଠାତ୍ ଗୋଡ଼ର ମାଂସପେଶୀ ଟାଣି ହୋଇଯିବା ଯୋଗୁ ତୀବ୍ର ଯନ୍ତ୍ରଣା ହୋଇଥାଏ। ଅନେକେ ଏହି ଯନ୍ତ୍ରଣା ଅନୁଭବ କରିଥାନ୍ତି ଏବଂ କିଛି ସମୟ ପରେ ତାହା କମ୍ ମଧ୍ୟ ହୋଇଗଲେ ଏହାକୁ ଏକ ସାଧାରଣ ସମସ୍ୟା ଭାବି ଭୁଲିଯାଆନ୍ତି। ହେଲେ ଯଦି ଏହି ଯନ୍ତ୍ରଣା ବାରମ୍ବାର ହୁଏ, ତେବେ ଏହାକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଜରୁରୀ। ନଚେତ୍ ଏହା ଭବିଷ୍ୟତରେ ଜଟିଳ ସମସ୍ୟାର ରୂପ ନେଇପାରେ...



➤ଗୋଡ଼ରେ କ୍ରାମ୍ପ ହେବା ସବୁବେଳେ ବିପଦପୂର୍ଣ୍ଣ ନୁହେଁ। କାରଣ ଯଦି କ୍ରାମ୍ପ ଅଧିକ ସମୟ ଗୋଟିଏ ସ୍ଥାନରେ ବସିଯିବା, ଶରୀରରେ ପାଣିର ମାତ୍ରା କମିବା ବା ଡିହାଇଡ୍ରେଶନ୍ ହେବା ଅବା ଅଧିକ କାମ ଯୋଗୁ ହୋଇଥାଏ, ତେବେ ତାହା ସାଧାରଣ କଥା। ହେଲେ ଯଦି ଏହା ବାରମ୍ବାର ହୁଏ ଏବଂ ଗୋଡ଼ ଝିମ୍‌ଝିମ୍ ହୁଏ, ବଧିରା ଲାଗେ ଏବଂ ମାଂସପେଶୀରେ ଦରଜ ରୁହେ, ତେବେ ଏହା ନର୍ଭ ସମସ୍ୟା ହୋଇପାରେ। ତେଣୁ ଏହାକୁ ଅଣଦେଖା କରିବା ଠିକ୍ ନୁହେଁ।

➤ସେହିପରି ଯଦି ଶରୀରରେ ମ୍ୟାଗ୍ନେସିୟମ, ପୋଟାସିୟମ ଏବଂ କ୍ୟାଲ୍‌ସିୟମ ଭଳି ଇଲେକ୍ଟ୍ରୋଲାଇଟ୍ସର ଅଭାବ ହୁଏ, ତେବେ ମାଂସପେଶୀଗୁଡିକ ଠିକ୍ ଭାବେ କାମ କରିପାରନ୍ତି ନାହିଁ । ଫଳରେ ମସଲ୍ କ୍ରାମ୍ପ ସମସ୍ୟା ଦେଖାଦେଇଥାଏ।

➤ଥାଇରଏଡ୍ ସମସ୍ୟା, ରକ୍ତହୀନତା ବା ଆନେମିଆ ଏବଂ ଭିଟାମିନ୍ ଡି ଅଭାବ ହେଲେ ବି ଗୋଡ଼ ଶୀଘ୍ର ଥକିଯିବା ସହ କ୍ରାମ୍ପ୍ ସମସ୍ୟା ଦେଖାଦେଇଥାଏ। ତେଣୁ ବାରମ୍ବାର ଗୋଡରେ କ୍ରାମ୍ପ ହେଉଥିଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଆବଶ୍ୟକ ସପ୍ଲିମେଣ୍ଟ ଖାଆନ୍ତୁ।

➤ତେବେ କେବଳ ଏହା ନୁହେଁ, କେବେ କେବେ ଏହା ଶରୀରରେ ଠିକ୍ ଭାବେ ରକ୍ତ ସଞ୍ଚାଳନ ନ ହୋଇପାରିବା ବା ହାର୍ଟ ସମ୍ବନ୍ଧିତ ସମସ୍ୟାର ଲକ୍ଷଣ ବି ହୋଇଥାଏ।

➤ଯଦି ଚାଲିବା ବେଳେ ମସଲ୍ କ୍ରାମ୍ପ ହେଉଛି ଏବଂ କିଛି ସମୟ ରେଷ୍ଟ ନେବା ପରେ ତାହା ଠିକ୍ ହୋଇଯାଉଛି ଏବଂ ଏହି ସମସ୍ୟା ପ୍ରତ୍ୟେକଥର ଚାଲିବା ବେଳେ ଅନୁଭବ ହେଉଛି, ତେବେ ଏନେଇ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଜରୁରୀ। କାରଣ ଏହା କେବେକେବେ ପେରିଫେରାଲ୍ ଆର୍ଟେରୀ ଡିଜିଜ୍‌ର ଲକ୍ଷଣ ହୋଇଥାଏ। ଅର୍ଥାତ୍ ଗୋଡକୁ ରକ୍ତ ପହଞ୍ଚାଉଥିବା ନଳୀଗୁଡିକ ସଙ୍କୁଚିତ ହେଉଛି, ଯଦ୍ୱାରା ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେଉଛି।



## ଜାଣନ୍ତୁ ଦୁନିଆ

# ପରିବାରର ସମସ୍ତଙ୍କ ଆଙ୍ଗୁଠି ସଂଖ୍ୟା ବାର

ସାଧାରଣତଃ ମଣିଷ ହାତରେ ୧୦ଟି ଏବଂ ପାଦରେ ୧୦ଟି ଲେଖାଏଁ ଆଙ୍ଗୁଠି ରହିଥାଏ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ପୃଥିବୀରେ ଏକମାତ୍ର ଏମିତି ପରିବାର ରହିଛି, ଯାହାର ପ୍ରତ୍ୟେକ ସଦସ୍ୟଙ୍କ ଉଭୟ ହାତ ଓ ପାଦରେ ୧୨ଟି ଲେଖାଏଁ ଆଙ୍ଗୁଠି ରହିଛି। ଜାଣନ୍ତୁ ଏ ସମ୍ପର୍କରେ...

➔ଭାରତର ବିହାର ରାଜ୍ୟରେ ଥିବା ଗୟା ଜିଲାରେ ରୁହନ୍ତି କୃଷ୍ଣା ଚୌଧୁରୀଙ୍କ ପରିବାର। ୨୫ ଜଣିଆ ଏହି ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଉଭୟ ହାତରେ ୬ଟି ଲେଖାଏଁ ଏବଂ ଉଭୟ ପାଦରେ ୬ଟି ଲେଖାଏଁ ଅର୍ଥାତ୍ ସମୁହାୟ ୨୪ଟି ଆଙ୍ଗୁଠି ରହିଛି। କୃଷ୍ଣାଙ୍କ କହିବା ଅନୁଯାୟୀ, ତାଙ୍କ ବାପା ଏବଂ ଜେଜେବାପାଙ୍କର ମଧ୍ୟ ଏହିଭଳି ୨୪ଟି ଲେଖାଏଁ ଆଙ୍ଗୁଠି ଥିଲା।



➔ ବିଶେଷଜ୍ଞଙ୍କ ମତରେ ଏହା ପଲିଡାକ୍ଟାଇଲି ନାମକ ଏକ ପ୍ରକାରର ଜେନେଟିକ୍ ଡିସ୍‌ଅର୍ଡର, ଯାହାକି ଉକ୍ତ ପରିବାରର ପିଢ଼ି ପରେ ପିଢ଼ି ରହିଆସିଛି। ତେବେ ସେମାନଙ୍କ ମତରେ ଏହି ଡିସ୍‌ଅର୍ଡର ଏତେ ପିଢ଼ି ଧରି ସବୁ ସଦସ୍ୟଙ୍କ ପାଖରେ ରହିବା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଏବଂ ବିରଳ କଥା।

➔ ଗୋଡ଼ରେ ୬ଟି ଲେଖାଏଁ ଆଙ୍ଗୁଠି ଥିବା କାରଣରୁ ସେମାନଙ୍କୁ ଚପଲ ପିନ୍ଧିବା ଏବଂ ଠିକ୍ ମାପର ଚପଲ ମିଳିବାରେ କଷ୍ଟ ହୋଇଥାଏ।

➔ ତେବେ ପରିବାର ସଦସ୍ୟଙ୍କ କହିବା ଅନୁସାରେ, ଏହି କାରଣରୁ ସବୁଠୁ ଅସୁବିଧା ହୋଇଥାଏ ଝିଅମାନଙ୍କୁ। କାରଣ ସେମାନଙ୍କ ବିବାହ ସ୍ଥିର କରିବା ବେଳେ ପୁଅ ଘର ଲୋକେ ଝିଅଙ୍କ ହାତ, ପାଦରେ ୬ଟି ଲେଖାଏଁ ଆଙ୍ଗୁଠି ଦେଖି ବାହାଘର ଭାଙ୍ଗି ଦେଇଥାନ୍ତି। ଏହି ସମସ୍ୟା ସମାଧାନର ଉପାୟ ଏପର୍ଯ୍ୟନ୍ତ ବାହାରି ପାରି ନ ଥିବା ସେମାନେ ମତ ଦିଅନ୍ତି।



ଧରିତ୍ରୀ DHARITRI 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୨ ଫେବୃଆରୀ, ୨୦୨୬ Bhubaneswar, Sunday, 22 February, 2026

# ସୁପର-୮ରେ ଆଜି ଭାରତ-ଦକ୍ଷିଣ ଆଫ୍ରିକା



ଅହମଦାବାଦରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

**ଅହମଦାବାଦ,୨୧।୨(ପି.ଟି.)**

ଚଳିତ ଟି୨୦ ବିଶ୍ୱକପ୍‌ରେ ସୁପର-୮ ପର୍ଯ୍ୟାୟରେ ରବିବାର ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଏପର୍ଯ୍ୟନ୍ତ ଅପରାଜିତ ରହିଥିବା ଭାରତୀୟ ଦଳ ପାଇଁ ଏହି ମୁକାବିଲା ଅସଲ ପରୀକ୍ଷା ସଦୃଶ ହେବ। ଗତ ଦୁଇ ମାସ ମଧ୍ୟରେ ଦୁଇ ଦଳ ଷଷ୍ଠ ଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ବିଶ୍ୱକପ୍ ପୂର୍ବରୁ ଉଭୟ ଦଳ ମଧ୍ୟରେ ଏକ ୫ ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ଟି୨୦ ସିରିଜ୍ ଖେଳାଯାଇଥିଲା। ଏଣୁ ଦୁଇ ଦଳକୁ ପରସ୍ପରର ଦକ୍ଷତା ଓ ଦୁର୍ବଳତା ଭଲ ଜଣାଅଛି। ତେବେ ଟି୨୦ ବିଶ୍ୱକପ୍ ଇତିହାସରେ ଦୁଇ ଦଳ ମଧ୍ୟରେ ୭ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୫ ଓ ଦକ୍ଷିଣ ଆଫ୍ରିକା ୨ ମ୍ୟାଚ୍‌ରେ ବାଜି ମାରିଛି। ହେଲେ ନକ୍‌ଆଉଟ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା କଦାପି ଭାରତକୁ ହରାଇ ନାହିଁ।

ଗ୍ରୁପ ପର୍ଯ୍ୟାୟରେ ଭାରତ ବିଶେଷ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇନାହିଁ। ଘରୋଇ ଫେଭରାଇଟ୍ ଭାରତୀୟ ଦଳର ବ୍ୟାଟିଂରେ ଆହୁରି ସୁଧାର ଆବଶ୍ୟକତା ରହିଛି। ଓପନର ଇଶାନ କିଶନଙ୍କୁ ଛାଡ଼ି ଦେଲେ ଟପ୍ ଅର୍ଡରର ଅନ୍ୟ ୩ ବ୍ୟାଟର ସେଭଳି ବିସ୍ଫୋରକ ବ୍ୟାଟିଂ କରି ନାହାନ୍ତି। ଇଶାନ ଏପର୍ଯ୍ୟନ୍ତ ୨୦୨ ଷ୍ଟ୍ରାଇକରେଟ୍‌ରେ ୨ ଅର୍ଦ୍ଧଶତକ ସହ ୧୭୬ ରନ କରିଛନ୍ତି। ୱାର୍ଲ୍ଡ ନଂ-୧ ଅଭିଷେକ ଶର୍ମା ଟୁର୍ନାମେଣ୍ଟରେ ୩ ମ୍ୟାଚ୍ ଖେଳିବା ସତ୍ତ୍ୱେ ଖାତା ଖୋଲିବାକୁ ସକ୍ଷମ ହୋଇ ନାହାନ୍ତି। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମା ଆଙ୍କର ଦାୟିତ୍ୱ ତୁଲାଉଛନ୍ତି। ଭାରତୀୟ ଦଳକୁ ଭଲ ସ୍କୋର ପ୍ରଦାନ କରିବାରେ ହାର୍ଦ୍ଦିକ ପାଣ୍ଡ୍ୟା (ଷ୍ଟ୍ରାଇକରେଟ୍ ୧୫୫) ଓ ଶିବମ ଦୁବେ (ଷ୍ଟ୍ରାଇକରେଟ୍ ୧୭୮)ଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

ଅଭିଷେକ ଗତ ଦୁଇ ମାସରେ ସ୍ପିନରଙ୍କ ବଲରେ ଆଉଟ୍ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦ. ଆଫ୍ରିକା ଅଧିନାୟକ ମାରକ୍ରମ ପ୍ରଥମ ଓଭରରେ ସ୍ପିନ ବୋଲରଙ୍କ ବ୍ୟବହାର କରିବେ କି ନାହିଁ, ତାହା ଦେଖିବା କୌତୂହଳପୂର୍ଣ୍ଣ ହେବ। ଅଭିଷେକଙ୍କ ଫର୍ମ ଚିନ୍ତାଜନକ ରହିଥିବାବେଳେ ତିଳକଙ୍କ ବ୍ୟାଟିଂରେ ସେଭଳି ଆକ୍ରମଣାତ୍ମକ ଦେଖାଯାଉ ନାହିଁ। ସେ ପାକିସ୍ତାନ ବିପକ୍ଷରେ ୨୪ ବଲରେ ୨୫, ନାମ୍ବିଆ ବିପକ୍ଷରେ ୨୧ ବଲରେ ୨୫ ଓ ନେଦରଲାଣ୍ଡ ବିପକ୍ଷରେ ୨୭ ବଲରେ ୩୧ ରନ କରିଥିଲେ। ଟୁର୍ନାମେଣ୍ଟରେ ସେ ୧୨୧ ଷ୍ଟ୍ରାଇକରେଟ୍‌ରେ ରନ କରୁଛନ୍ତି, ଯାହାକି ତାଙ୍କ କ୍ୟାରିୟର ଷ୍ଟ୍ରାଇକରେଟ୍ ୧୪୧ଠାରୁ କମ୍। ସେହିଭଳି ଆମେରିକା ବିପକ୍ଷରେ ୪୯ ବଲରେ ଅପରାଜିତ ୮୪ ରନର ପାଳି ଛାଡ଼ିଦେଲେ ଅଧିନାୟକ ସୂର୍ଯ୍ୟକୁମାର ପାକିସ୍ତାନ ଓ ନେଦରଲାଣ୍ଡ ବିପକ୍ଷରେ ସେଭଳି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ସେ ଟୁର୍ନାମେଣ୍ଟରେ ୧୩୬ ଷ୍ଟ୍ରାଇକରେଟ୍‌ରେ ରନ କରୁଛନ୍ତି। ଏଣୁ ଏହି ଦୁଇ ବ୍ୟାଟରଙ୍କ ପ୍ରଦର୍ଶନରେ ସୁଧାର ଆବଶ୍ୟକତା ରହିଛି। ୮ ବ୍ୟାଟରଙ୍କ ସହ ଖେଳୁଥିବାରୁ ଭାରତୀୟ ଦଳ ପ୍ରତ୍ୟେକ ମ୍ୟାଚ୍‌ରେ ୨୦୦ ଅତିକ୍ରମ କରିବ ବୋଲି ଆଶା କରାଯାଉଥିଲା। ହେଲେ ଟପ୍ ଅର୍ଡର ବ୍ୟାଟରଙ୍କ ବିଫଳତା କାରଣରୁ ଦଳ ଏପର୍ଯ୍ୟନ୍ତ କୌଣସି ମ୍ୟାଚ୍‌ରେ ୨୦୦ ଅତିକ୍ରମ କରିପାରି ନାହିଁ। କିନ୍ତୁ ଯଶପ୍ରୀତ ବୁମରା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ନେଇ ଗଠିତ ଭାରତୀୟ ବୋଲିଂ ଲାଇନ୍ ଅପ୍ ପ୍ରତିପକ୍ଷ ଦଳକୁ ଭୟଭୀତ କରୁଛି। ପ୍ରଥମ ୪ ମ୍ୟାଚ୍‌ରେ କୌଣସି ଦଳ ବୁମରା-ଚକ୍ରବର୍ତ୍ତୀଙ୍କ ବୋଲିଂର ସମ୍ମୁଖୀନ ହୋଇପାରି ନ ଥିଲେ। ଚକ୍ରବର୍ତ୍ତୀ ୫.୧୬ ଇକୋନୋମି ରେଟ୍ ସହ ୯ ଉଇକେଟ ନେଇଥିଲା ବେଳେ ବୁମରା ୩ ମ୍ୟାଚ୍‌ରେ ଓଭର ପିଛା ୬ ରନ ହାରରେ ୬ ଉଇକେଟ ନେଇଛନ୍ତି। ମାତ୍ର କ୍ୱିଣ୍ଟନ ଡି କକ୍, ମାରକ୍ରମ, ଡେୱାଲ୍ଡ ବ୍ରେଭିସ, ଟ୍ରିଷ୍ଟାନ ଷ୍ଟବ୍ସ, ରିୟାନ ରିକଲଟନ, ଡେଭିଡ୍ ମିଲର ଓ ମାର୍କୋ ଜାନସେନଙ୍କୁ ନେଇ ଗଠିତ ବ୍ୟାଟିଂ ଲାଇନ୍ ଅପ୍ ଆଗରେ ଭାରତୀୟ ଦଳର ପୂରା ବୋଲିଂ ୟୁନିଟ୍‌କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଏହି ମ୍ୟାଚ୍‌ରେ ଭାରତୀୟ ଦଳ ତା'ର ଟାଇଟଲ ଡିଫେଣ୍ଡ କରିବା ପାଇଁ କେତେ ପ୍ରସ୍ତୁତ ଜଣାପଡ଼ିବ। ତେବେ ଭାରତୀୟ ଦଳରେ ୨ ପରିବର୍ତ୍ତନ ହୋଇପାରେ। ଅର୍ଶଦୀପ ସିଂଙ୍କ ବଦଳରେ କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦରଙ୍କ ବଦଳରେ ଗତ ମ୍ୟାଚ୍‌ରେ ବିଶ୍ରାମ ପାଇଥିବା ଅକ୍ଷର ପଟେଲ ଖେଳିବେ। ସେହିଭଳି ୟୁଏଇ ବିପକ୍ଷ ମ୍ୟାଚ୍‌ରେ ବିଶ୍ରାମ ପାଇଥିବା ଜାନସେନ, ଏନ୍‌ଗିଡି ଓ ମହାରାଜ ଭାରତ ବିପକ୍ଷରେ ଖେଳିବାର ବିଶେଷ ସମ୍ଭାବନା ରହିଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ଇଶାନ କିଶନ (ଉଇକେଟକିପର), ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମରା।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରମ (ଅଧିନାୟକ), କ୍ୱିଣ୍ଟନ ଡି କକ୍ (ଉଇକେଟକିପର), ରିଆନ ରିକଲଟନ, ଡେୱାଲ୍ଡ ବ୍ରେଭିସ, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ୍ ମିଲର, ମାର୍କୋ ଜାନସେନ, କର୍ବିନ ବୋଶ୍‌/ଅନରିଚ ନର୍କିଆ, କାଗିସୋ ରାବାଡା, ଲୁଙ୍ଗି ଏନ୍‌ଗିଡି, କେଶବ ମହାରାଜ।

**ଟି୨୦ ବିଶ୍ୱକପ୍**


(ଆଜିର ସୁପର-୮ ମ୍ୟାଚ୍)

**ଶ୍ରୀଲଙ୍କା ବନାମ ଇଂଲଣ୍ଡ**
ସ୍ଥାନ: ପାଲିକେଲ
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

## ବର୍ଷାରେ ଧୋଇଗଲା ନ୍ୟୁଜିଲାଣ୍ଡ-ପାକିସ୍ତାନ ମ୍ୟାଚ



**ପାଲିକେଲେ, ୨୧।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ନ୍ୟୁଜିଲାଣ୍ଡ-ପାକିସ୍ତାନ ସୁପର-୮ ମ୍ୟାଚ ବର୍ଷାରେ ଧୋଇ ଯାଇଛି। ବର୍ଷା ଲାଗି ରହିବାରୁ ଗୋଟିଏ ହେଲେ ବଲ୍ ପଡ଼ିବା ସମ୍ଭବ ହୋଇ ନ ଥିଲା। ସୁପର-୮ ପାଇଁ ରିଜର୍ଭ ଦିବସ ନ ଥିବାରୁ ଉଭୟ ଦଳକୁ ଗୋଟିଏ ଲେଖାଏ ପଏଣ୍ଟ ବାଣ୍ଟି ଦିଆଯାଇଛି। ଝଡ଼ବର୍ଷା କିଛି ସମୟ ଥମିଥିବାବେଳେ ଟସ୍ ପଡ଼ିଥିଲା ଏବଂ ପାକିସ୍ତାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପରେ ବର୍ଷା ଲାଗି ରହିଥିଲା।

## ଦ୍ୱିତୀୟ ବିବାହ କଲେ ଧାୱନ



**ନୂଆଦିଲ୍ଲୀ,୨୧।୨:** ପୂର୍ବତନ ଭାରତୀୟ ବ୍ୟାଟର ଶିଖର ଧାୱନ ଶନିବାର ଦୀର୍ଘଦିନର ବାନ୍ଧବୀ ସୋଫି ଶାଇନଙ୍କୁ ବିବାହ କରିଛନ୍ତି। ଏହା ତାଙ୍କର ଦ୍ୱିତୀୟ ବିବାହ। ଧାୱନଙ୍କ ସାଥି ଖେଳାଳି ୟୁଜବେନ୍ଦ୍ର ଚହଲ ଇନ୍‌ଷ୍ଟାଗ୍ରାମରେ ଫଟୋ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ କ୍ୟାପ୍‌ଶନରେ 'ମୋ ସାଙ୍ଗ ବାହାଘର' ବୋଲି ଉଲ୍ଲେଖ କରିଛନ୍ତି। ଧାୱନ ଓ ଶୋଫି ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲା ପରସ୍ପରକୁ ଡେଟ୍ କରିବା ପରେ ଗତ ବର୍ଷ ମେ'ରେ ରିଲେଶନଶିପ୍‌ରେ ଥିବା ଘୋଷଣା କରିଥିଲେ। ସେମାନେ ପୂର୍ବରୁ ଜାନୁଆରୀ ୧୨ ତାରିଖରେ ନିର୍ବନ୍ଧ କରିଥିବା ସୂଚନା ଦେଇଥିଲେ।

## ସ୍ପେନଠାରୁ ହାରିଲା ଭାରତ

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍**



ଭାରତ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ହୋବାର୍ଟ, ୨୧।୨ (ପି.ଟି.)**

ଅଷ୍ଟ୍ରେଲିଆ ପର୍ଯ୍ୟାୟ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଭାରତ ୦-୨ରେ ସ୍ପେନଠାରୁ ହାରିଯାଇଛି। ବିଜୟୀ ଦଳ ତରଫରୁ ଇଗ୍ନାସିଓ ଆବାଜୋ (୬ଷ୍ଠ ମିନିଟ) ଓ ଇଗ୍ନାସିଓ କୋବୋସ (୩୬ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ମ୍ୟାଚରେ ସ୍ପେନ ଦଳର ଖେଳାଳିମାନଙ୍କ ମଧ୍ୟରେ ସୁନ୍ଦର ତାଳମେଳ ପରିଲକ୍ଷିତ ହୋଇଥିଲା। ସେମାନଙ୍କ ଫିନିଶିଂ ମଧ୍ୟ ଖୁବ୍ ଚମତ୍କାର ଥିଲା। ଭାରତ ଏହି ମ୍ୟାଚରେ ଆକ୍ରମଣାତ୍ମକ ଖେଳିଥିଲେ ହେଁ ମିଳିଥିବା ସୁଯୋଗର ସଦୁପଯୋଗ କରିପାରି ନ ଥିଲା। ଏହା ପୂର୍ବରୁ ରାଉରକେଲା ପର୍ଯ୍ୟାୟରେ ବେଲଜିୟମ ଓ ଆର୍ଜେଣ୍ଟିନାଠାରୁ ଦୁଇ ଥର ଲେଖାଏ ଭାରତ ପରାଜିତ ହୋଇଥିଲା। ବିଦେଶରେ ନୂଆ ଅଧିନାୟକ ହାର୍ଦ୍ଦିକ ସିଂଙ୍କ ଅଧୀନରେ ଦଳ ପ୍ରତ୍ୟାବର୍ତ୍ତନ କରିବ ବୋଲି ଆଶା କରିଥିଲା। ହୋବାର୍ଟ ପର୍ଯ୍ୟାୟ ସିରିଜରେ ଭାରତ ଅନ୍ୟ ଏକ ଦଳ ଅଷ୍ଟ୍ରେଲିଆ ସହ ଫେବୃଆରୀ ୨୫ରେ ଖେଳିବ।

## 'ଅଭିଷେକଙ୍କ ଫର୍ମକୁ ନେଇ ଚିନ୍ତିତ ନୁହେଁ'

**ଅହମଦାବାଦ,୨୧।୨(ପି.ଟି.)**

ବିସ୍ଫୋରକ ଭାରତୀୟ ଓପନର ଅଭିଷେକ ଶର୍ମା ୩ ମ୍ୟାଚ୍‌ରେ ୩ ଥର ଖାତା ଖୋଲିବାରେ ବିଫଳ ହେବା ସତ୍ତ୍ୱେ ତାଙ୍କ ଫର୍ମ ଦଳ ପାଇଁ ଚିନ୍ତାର କାରଣ ନୁହେଁ। ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

'ଅଭିଷେକଙ୍କ ଫର୍ମକୁ ନେଇ ମୁଁ ଚିନ୍ତିତ ନୁହେଁ। ତାଙ୍କ ଫର୍ମକୁ ନେଇ ଯେଉଁମାନେ ଚିନ୍ତିତ, ସେମାନଙ୍କ ଲାଗି ମୁଁ ଚିନ୍ତିତ ଅଛି। ସେମାନେ ତାଙ୍କ ଫର୍ମକୁ ନେଇ ଏତେ ଚିନ୍ତିତ କାହିଁକି। ଗତ ବର୍ଷ ଅଭିଷେକ ସଭିଙ୍କ ପାଇଁ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ତାଙ୍କ ପାଇଁ ପ୍ରଦର୍ଶନ କରିବା ଆମ କର୍ତ୍ତବ୍ୟ। ସେ ଯେତେବେଳେ ରନ କରନ୍ତି, ତେବେ କ'ଣ ଘଟେ, ତାହା ସମସ୍ତେ ଦେଖିଛନ୍ତି। ଏଭଳି ଘଟଣା ଘଟେ। କାରଣ କ୍ରିକେଟ ଏକ ଦଳଗତ ଖେଳ। ଆମ ଦଳକୁ ଅଭିଷେକଙ୍କ ଭଳି ଖେଳୁଥିବା ଖେଳାଳି ଦରକାର। ସେ ସେଭଳି ହିଁ ଖେଳିବାକୁ ଚେଷ୍ଟା କରୁଛନ୍ତି।

## ଭେନସ ୱିଲିୟମ୍ସଙ୍କୁ ୱାଇଲ୍ଡ କାର୍ଡ

**ଇଣ୍ଡିଆନ ୱେଲ୍ସ (ୟୁଏସ୍ଏ), ୨୧।୨ (ଏପି)**

ସଦର୍ନ କାଲିଫର୍ନିଆ ଡେଜର୍ଟରେ ଆସନ୍ତା ମାସରେ ଅନୁଷ୍ଠିତ ହେବାକୁଥିବା ବିଏନ୍‌ପି ପାରିବାସ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପାଇଁ ଭେନସ ୱିଲିୟମ୍ସଙ୍କୁ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଡ୍ର ପାଇଁ ୱାଇଲ୍ଡ କାର୍ଡ ମିଳିଛି। ୨୦୨୪ ପରେ ଏହି ୪୫ ବର୍ଷୀୟା ପ୍ରଥମ ଥର ଏହି ଟୁର୍ନାମେଣ୍ଟରେ ଖେଳିବାକୁ ଯାଉଛନ୍ତି। ଭେନସ ହେଉଛନ୍ତି ଏହି ଟୁର୍ନାମେଣ୍ଟର ୩ଥର ସେମିଫାଇନାଲିଷ୍ଟ। ଗତଥର ସେ ୨୦୧୮ରେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ।

## ମହିଳା ଟି୨୦ ଭାରତ ୨-୧ରେ ସିରିଜ ବିଜୟୀ

**ଆଡିଲେଡ୍, ୨୧।୨ (ପି.ଟି.)**

ଭାରତ ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନ କରି ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚରେ ୧୭ ରନ୍‌ରେ ଆୟୋଜକ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୧ରେ ଜିତି ନେଇଛି। ୨୦୧୬ ପରେ ଅଷ୍ଟ୍ରେଲିଆରେ ଭାରତର ଏହା ହେଉଛି ପ୍ରଥମ ଟି୨୦ ସିରିଜ ବିଜୟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଉପଅଧିନାୟିକା ସ୍ମୃତି ମନ୍ଧାନା ୫୫ ବଲ୍‌ରୁ ୮୨ରନ (୮ଚୌକା ଓ ୩ ଛକା) ଏବଂ ଜେମିମା ରୋଡ୍ରିଗ୍ସ ୪୬ ବଲ୍‌ରୁ ୫୯ରନ ସହାୟତାରେ ୬ ଉଇକେଟ ବିନିମୟରେ ୧୭୬ ରନ କରିଥିଲା। ମନ୍ଧାନା ଓ ରୋଡ୍ରିଗ୍ସ ପାର୍ଟନରଶିପ୍‌ରେ ୧୨୧ରନ ଯୋଗ କରିଥିଲେ, ଯାହା ଫଳରେ ଭାରତ ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିପାରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୫୯ରନ କରିପାରିଥିଲା। ଦଳର ଟପ୍ ସ୍କୋରର ଆଶଲେ ଗାର୍ଡନର ୫୭ରନ କରିଥିଲେ। ଭାରତ ତରଫରୁ ଶ୍ରୀ ଚାରନି (୩/୩୨) ଓ ଶ୍ରେୟଙ୍କା ପାଟିଲ (୩/୨୨) ତିନୋଟି ଲେଖାଏ ଏବଂ ଅରୁନ୍ଧତୀ ରେଡ୍ଡୀ (୨/୩୫) ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ସ୍ମୃତି ମନ୍ଧାନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଶଟ୍ ଖେଳିବା ଅବସରରେ ସ୍ମୃତି ମନ୍ଧାନା।

**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା: ୨୦ ଓଭରରେ ୧୭୬/୬ (ସ୍ମୃତି ମନ୍ଧାନା-୮୨, ଜେମିମା ରୋଡ୍ରିଗ୍ସ-୫୯; ଆନାବେଲ୍ ସଦରଲାଣ୍ଡ-୨/୩୪)। ଅଷ୍ଟ୍ରେଲିଆ ମହିଳା: ୨୦ ଓଭରରେ ୧୫୯/୯ (ଆଶଲେ ଗାର୍ଡନର-୫୭; ଶ୍ରୀ ଚାରନି-୩/୩୨, ଶ୍ରେୟଙ୍କା ପାଟିଲ-୩/୨୨, ଅରୁନ୍ଧତୀ ରେଡ୍ଡୀ-୨/୩୫)।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ